

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୯ ମାର୍ଚ୍ଚ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 19 MARCH 2023
Vol.No. 34 ■ No. 73 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆଇସିସି କାଠଗଡ଼ାରେ ପୁଟିନ ଦୋଷୀ ସାବ୍ୟସ୍ତ : ଗିରଫ ୱାରେଣ୍ଟ ଜାରି



ନୂଆଦିଲ୍ଲୀ, ୧୮/୦୩ : ଗିରଫ ହୋଇପାରନ୍ତି ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍। ତାଙ୍କ ବିରୋଧରେ ଜାରି ହୋଇଛି ୱାରେଣ୍ଟ। ଅନ୍ତର୍ଜାତୀୟ ଅପରାଧିକ ନ୍ୟାୟାଳୟ ତଥା ଆଇସିସି ଏହି ଗିରଫ ପରୱାନା ଜାରି କରିଛି। ଯୁଦ୍ଧ ଅପରାଧ ପାଇଁ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ୟୁକ୍ରେନର ପିଲାମାନଙ୍କୁ ବଳପୂର୍ବକ ବେଆଇନ୍ ଭାବେ ନିର୍ବାସନର ସମ୍ପୃକ୍ତି ଥିବା ଆଇସିସି ପୁଟିନଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ସେ ସିଧାସଳଖ ଏହି କାମରେ ସାମିଲ ଅଛନ୍ତି ଏବଂ ଅନ୍ୟମାନଙ୍କୁ ସାହାଯ୍ୟ କରିଥିବାର ପ୍ରମାଣ ରହିଛି ବୋଲି କୋର୍ଟ କହିଛନ୍ତି। ପୁଟିନ୍‌ଙ୍କ ସମତେ ଆଉ ଜଣଙ୍କ ବିରୋଧରେ ମଧ କୋର୍ଟ ଗିରଫ ୱାରେଣ୍ଟ ଜାରି କରାଯାଇଛି। ରୁଷର ଶିଶୁ ଅଧିକାର କମିଶନର ମାରିଆ ଲାଭୋଭା-ବେଲୋଭାଙ୍କୁ ମଧ ଆଇସିସି ଅପରାଧୀ ଘୋଷଣା କରିଛି। କୋର୍ଟ କହିଛନ୍ତି, ରୁଷ ଆକ୍ରମଣ ପରେ ୟୁକ୍ରେନ୍‌ରେ ଅତ୍ୟଧିକ ଅପରାଧ କରାଯାଇଥିଲା। ଏଥିପାଇଁ ପୁଟିନ୍ ହିଁ ଦାୟୀ। ସେପଟେ ଆଇସିସିର ଏହି ଗିରଫ ୱାରେଣ୍ଟକୁ ନେଇ ରୁଷର ପ୍ରତିକ୍ରିୟା ସାମ୍ନାକୁ ଆସିଛି। ରୁଷ ଅନ୍ତର୍ଜାତୀୟ ଅପରାଧିକ ନ୍ୟାୟାଳୟ ଆଣିଥିବା ଅଭିଯୋଗକୁ ଖଣ୍ଡନ କରିଛି। ଆଉ ଏହି ଗିରଫ ୱାରେଣ୍ଟକୁ ମହତ୍ତ୍ୱହୀନ ଓ ଅସ୍ୱୀକାର୍ଯ୍ୟ ବୋଲି କହିଛି। ରୁଷ ସୁରକ୍ଷା ପରିଷଦର ଡେପୁଟି ଚେୟାରମ୍ୟାନ୍ ଦିମିତ୍ରୀ ମେଡଭେଡେଭ ପୁଟିନଙ୍କ ପାଇଁ ଆଇସିସି ଜାରି କରିଥିବା ଗିରଫ ୱାରେଣ୍ଟକୁ ଟଏଲେଟ ପେପର ସହ ତୁଳନା କରିଛନ୍ତି। ସେପଟେ ପୁଟିନଙ୍କ ବିରୋଧରେ ଜାରି ଗିରଫ ୱାରେଣ୍ଟକୁ ନେଇ ଖୁସି ବ୍ୟକ୍ତ କରିଛି ଆମେରିକା। ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି, ଅନ୍ତର୍ଜାତୀୟ ଅପରାଧିକ ନ୍ୟାୟାଳୟର ଏହି ନିଷ୍ପତ୍ତି ପୂରାପୁରି ଠିକ୍। ସେ ଯାହା କରିଛନ୍ତି, ଉଚିତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ରୁଷ ଓ ୟୁକ୍ରେନ୍ ମଧ୍ୟରେ ଗତ ଏକ ବର୍ଷରୁ ଅଧିକ ସମୟ ହେବ ଯୁଦ୍ଧ ଜାରି ରହିଛି। ଦୁଇ ଦେଶ ମଧ୍ୟରେ କେହିବି ପଛକୁ ହଟିବାକୁ ରାଜି ନୁହନ୍ତି। ନୋଟା ୟୁକ୍ରେନ୍‌ର ସହାୟତା କରୁଛି। ସେହିପରି ୟୁକ୍ରେନ୍‌କୁ ଆର୍ଥିକ ରୂପେ ଆମେରିକା, ବ୍ରିଟେନ୍ ସହାୟତା କରୁଛନ୍ତି। ରୁଷର ଏହି ଯୁଦ୍ଧକୁ ବିରୋଧ କରି ଅନେକ ଦେଶ ତା' ଉପରେ କଡା ପ୍ରତିବନ୍ଧକ ଲାଗୁ କରିଛନ୍ତି। ତେବେ ଏସବୁ ସତ୍ତ୍ୱେ ରୁଷ ଥମିବା ନାଁ ଧରୁ ନାହିଁ।

## ପଞ୍ଜାବରେ ଚୋରପୁଲିସ ଡ୍ରାମା : ଖଲିସ୍ତାନୀ ସମର୍ଥକ ଅମ୍ରିତ ପାଲଙ୍କୁ ଗିରଫ କଲା ପଞ୍ଜାବ ପୁଲିସ



ନୂଆଦିଲ୍ଲୀ, ୧୮/୦୩ : ଖଲିସ୍ତାନୀ ସମର୍ଥକ ଅମ୍ରିଲପାଲ ସିଂଙ୍କ ସହ ୬ ଜଣ ସହଯୋଗୀ ଗିରଫ । ପୋଲିସ ଓ ଖଲିସ୍ତାନୀ ସମର୍ଥକଙ୍କ ମଧ୍ୟରେ ଘମାଘୋଟ ହାଇଡ୍ରାମା ପରେ ଗିରଫ ହୋଇଛନ୍ତି ଖଲିସ୍ତାନୀ ସମର୍ଥକ ତଥା 'ୱାରିସ ପଞ୍ଜାବ ଦେ' ମୁଖ୍ୟ ଅମ୍ରିତପାଲ ସିଂ । ପ୍ରଥମେ ୬ ଜଣ ସହଯୋଗୀଙ୍କୁ ଜଲନ୍ଧରର ମେହତପୁର ଅଞ୍ଚଳରୁ ପଞ୍ଜାବ ପୁଲିସ ଗିରଫ କରିଛି । ପରେ ଜଲନ୍ଧରର ନକୋଦର ଅଂଚଳରୁ ଗିରଫ ହୋଇଛନ୍ତି ଅମ୍ରିତପାଲ ସିଂ । କିଛି ଦିନ ପୂର୍ବରୁ ଅଜନାଲରେ ଅମ୍ରିତପାଲ ଓ ତାଙ୍କ ସମର୍ଥକ ପୁଲିସ ଥାନାରେ ପହଁଚି ବଡ ଧରଣର ଆକ୍ରମଣ କରିଥିଲେ । ଯେଉଁଥି ପାଇଁ ଅମ୍ରିତପାଲ ସିଂଙ୍କ ଉପରେ ମୋଟ ତିନୋଟି ମାମଲା ରୁଜୁ କରାଯାଇଛି । ପାଖାପାଖି ଶହେ ପୋଲିସ ଗାଡି ପିଛା କରିବା ପରେ ଶେଷରେ ଅମ୍ରିତପାଲଙ୍କୁ ପୋଲିସ କାବୁ କରିପାରିଛି । ସୁରକ୍ଷା ଦୃଷ୍ଟିରୁ ଓ ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ପଞ୍ଜାବ ପୁଲିସ ବହୁ ଅଂଚଳରେ ରବିବାର ମଧାହ୍ନ ୧୨ଟା ଯାଏଁ ଇଂଟରନେଟ ସେବା ଓ ଏସଏମଏସ ବନ୍ଦ ରହିବ ବୋଲି ଘୋଷଣା ହୋଇଛି । ପଞ୍ଜାବ ପୁଲିସ ଶାନ୍ତି ବଜାୟ ରଖିବାକୁ ଲୋକଙ୍କୁ ଅନୁରୋଧ କରିଛି ।

## ମାଟ୍ରିକ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି : ମୁଦ୍ରଣଜନିତ ତ୍ରୁଟି ହୋଇଥିବା ମାନିଲା ବୋର୍ଡ



ଭୁବନେଶ୍ୱର, ୧୮/୦୩ (ନି.ପ୍ର): ଶନିବାର ଦିନ ଦଶମ ଶ୍ରେଣୀର ଇତିହାସ ଓ ରାଜନୀତି ବିଜ୍ଞାନ ପ୍ରଶ୍ନପତ୍ରରେ ଭୁଲ୍ ଥିବା ଅଭିଯୋଗ ଆସିଥିଲା। ତେବେ ମାଟ୍ରିକ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟିକୁ ସ୍ୱୀକାର କରିଛି ମାଧମିକ ଶିକ୍ଷା ପରିଷଦ(ବୋର୍ଡ)। ମୁଦ୍ରଣଜନିତ ତ୍ରୁଟି ହୋଇଥିବା କହିଛନ୍ତି ବୋର୍ଡ ସଭାପତି ରାମାଶିଷ ହାଜରା। ବୋର୍ଡ ସଭାପତି ରାମାଶିଷ ହାଜରା କହିଛନ୍ତି,ଆଜି କିଛି ସେଂଟରରେ ଇତିହାସ ଓ ରାଜନୀତି ବିଜ୍ଞାନର ପ୍ରଶ୍ନପତ୍ରରେ ମୁଦ୍ରଣଜନିତ ତ୍ରୁଟି ହୋଇଥିବାର ଅଭିଯୋଗ ଆସିଛି। ଅଳ୍ପ ଛାତ୍ରଛାତ୍ରୀ ଏଭଳି ପ୍ରଶ୍ନପତ୍ର ପାଇଥିଲେ। ଏହା ମୁଦ୍ରଣଜନିତ ତ୍ରୁଟି। ଆମେ ଏ ବିଷୟରେ ଅବଗତ ଅଛୁ। ଏଥିଲାଗି ଛାତ୍ରଛାତ୍ରୀ ବା ଅଭିଭାବକମାନେ ଚିନ୍ତିତ ହୁଅନ୍ତୁ ନାହିଁ, ଆଉଥରେ ପରୀକ୍ଷା କରାଯିବାର ଆବଶ୍ୟକତା ନାହିଁ। ଓଏମଆର ମୂଲ୍ୟାୟନ ସମୟରେ ପରୀକ୍ଷାର୍ଥୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଆଯିବ। ବହୁତ କମ୍ ପରୀକ୍ଷାର୍ଥୀଙ୍କ କ୍ଷେତ୍ରରେ ଘଟିଛି। କଣ ପାଇଁ ତ୍ରୁଟି ହୋଇଛି, ଏହା ଉପରେ ତଦନ୍ତ କରାଯିବ। ଏଭଳି ତ୍ରୁଟି ପୁନର୍ବାର ହେବ ନାହିଁ ବୋଲି କହିଛନ୍ତି ବୋର୍ଡ ସଭାପତି ରାମଶିଷ ହାଜରା। ସୂଚନା ମୁତାବକ, ଆଜିର ପ୍ରଶ୍ନପତ୍ରର ବି ସେଟ ଭିତରେ ଏ ସେଟ ପ୍ରଶ୍ନପତ୍ର ପ୍ରିଂଟ ହୋଇଥିବା ଅଭିଯୋଗ ଆସିଥିଲା। ଏପରିକି ୧୯ ନମ୍ବର ପ୍ରଶ୍ନ ପ୍ରଶ୍ନପତ୍ରରେ ନଥିବା ଅଭିଯୋଗ ଥିଲା। ଏହାକୁ ନେଇ ଛାତ୍ରଛାତ୍ରୀଙ୍କ ମନରେ ଆଶଙ୍କା ଦେଖା ଦେଇଥିଲା। ସୂଚନାଯୋଗ୍ୟ ଯେ ମାଟ୍ରିକ୍ ପରୀକ୍ଷା ଆରମ୍ଭରୁ ବିଭ୍ରାଟ ଦେଖାଦେଇଛି। ବାରମ୍ବାର ପ୍ରଶ୍ନପତ୍ର ଭାଇରାଲ ହେବା, କପି ଯୋଗାଇବା , ପରୀକ୍ଷା ହଲ୍ କୁ ଶିକ୍ଷକ ମୋବାଇଲ ଫୋନ୍ ନେଇ ଯିବା ଭଳି ଅଭିଯୋଗ ଆସିଛି।

## ପୁରୀ ମାର୍କେଟ ଛକ ହଣାକଟା, ୯ ଜଣଙ୍କୁ ଗିରଫ କଲା ପୋଲିସ

ପୁରୀ, ୧୮/୦୩ (ନି.ପ୍ର): ପୁରୀ ହଣାକଟା ମାମଲାରେ ୯ ଗିରଫ । ମାର୍କେଟ ଛକରେ ହୋଇଥିବା ହଣାକଟା ମାମଲାରେ ପୋଲିସ ୯ ଜଣଙ୍କୁ ଗିରଫ କରିଛି । ଗିରଫ ୯ ଜଣ ହିଁ ପୂରା ମାମଲାରେ ସମ୍ପୃକ୍ତ ଥିବା ପୋଲିସ ପ୍ରେସମିଟରେ ସୂଚନା ଦେଇଛି । ଗୋଟିଏ ପକ୍ଷର ୩ ଜଣ ଏବଂ ଏନ୍ୟ ପକ୍ଷର ୬ ଜଣଙ୍କୁ ପୋଲିସ ଗରିଫ କରିଛି । ସମସ୍ତଙ୍କୁ ବର୍ତ୍ତମାନ କୋର୍ଟଚାଲାଣ କରାଯାଇଛି । ପୂର୍ବ ଶତ୍ରୁତାରୁ ଏହି ଗୋଷ୍ଠୀ ସଂଘର୍ଷ ଘଟିଥିବା ଜଣାପଡିଛି ।

## ଆଦାନୀ ପ୍ରସଙ୍ଗ ଉପରେ ବୟାନ ରଖିଲେ ଗୃହମନ୍ତ୍ରୀ ଅମିତ ଶାହା



ନୂଆଦିଲ୍ଲୀ, ୧୮/୦୩ : ଥମୁନି ଆଦାନୀ ହିଣ୍ଡେନବର୍ଗ ପ୍ରସଙ୍ଗ । ଏହି ମାମଲାରେ ସେବି ଯାଞ୍ଚ କରୁଥିବାବେଳେ ଏହାକୁ ନେଇ ଗୃହମନ୍ତ୍ରୀ ଅମିତ ଶାହା ନିଜର ବୟାନ ରଖିଛନ୍ତି । ସୁପ୍ରିମକୋର୍ଟ ଆଦାନୀ ହିଣ୍ଡେନବର୍ଗ ମାମଲାର ଯାଞ୍ଚ ପାଇଁ ୬ ଜଣ ସଦସ୍ୟ ବିଶିଷ୍ଟ କମିଟି ତିଆରି କରିଛନ୍ତି । ଏହି କମିଟିରେ ଦୁଇ ଅବସରପ୍ରାପ୍ତ ଜଜ୍ ମଧ ରହିଛନ୍ତି । ଯେଉଁ ଲୋକଙ୍କ ପାଖରେ ଏହି ମାମଲା ସମ୍ପୃକ୍ତ କିଛି ପ୍ରମାଣ ଅଛି , ସେମାନେ ଏହି କମିଟିକୁ ସେ ସବୁ ପ୍ରମାଣ ଦେଇଦେବା ଉଚିତ ବୋଲି ଅମିତ ଶାହା କହିଛନ୍ତି । ଯଦି କିଛି ଭୁଲ ହୋଇଥାଏ ତେବେ କାହାକୁ ଛଡ଼ାଯିବ ନାହିଁ ବୋଲି ସେ କହିଛନ୍ତି । ଶୁକ୍ରବାର ଏକ କାର୍ଯ୍ୟକ୍ରମରେ କହିଛନ୍ତି, ସମସ୍ତଙ୍କୁ ଅଦାଲତ ଉପରେ ଭରସା ରଖିବା ଉଚିତ । ସୁପ୍ରିମକୋର୍ଟର କମିଟି ସହ ସେବି ମଧ ଏହି ମାମଲାରେ ଯାଞ୍ଚ ଜାରି ରଖିଛି । ଏହା ସହ ଗୃହମନ୍ତ୍ରୀ ଅମିତ ଶାହା କହିଛନ୍ତି , ଲୋକେ ଭିତିହୀନ ଅଭିଯୋଗ ଲଗାଇବା ଉଚିତ ନୁହେଁ କାରଣ ଏହା ଯାଞ୍ଚ ସମୟରେ ତିଷ୍ଠି ରହିପାରିବ ନାହିଁ ।

## ଏସଆଇଟି ବୈଠକ

ଭୁବନେଶ୍ୱର, ୧୮/୦୩ (ନି.ପ୍ର): କଳାଧନ ସମ୍ପର୍କିତ ଏସଆଇଟିର ଗୁରୁତ୍ୱପୂର୍ଣ୍ଣ ବୈଠକ କଟକରେ ଆରମ୍ଭ ହୋଇଛି। ଏସଆଇଟି ଉପାଧକ୍ଷ ଜଷ୍ଟିସ ଅରିଜିତ ପଶାୟତଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଛି। ବହୁ ଚର୍ଚ୍ଚିତ ଲେଡି ବ୍ଲାକ ମେଲର ଅର୍ଚ୍ଚନା ନାଗର କଳାଧନ, ଜିଏସଟି ଠକେଇ, ଡ୍ରଗ୍ସ ଓ ଗଞ୍ଜେଇ କାରବାର, ଉପ ନିର୍ବାଚନ ସମୟରେ ହୋଇଥିବା ଜିଏସଟି ଓ ଆୟକର ରେଡ୍ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ବୈଠକରେ ଆଲୋଚନା ଚାଲିଥିବା ସୂଚନା ମିଳିଛି। ଏହି ବୈଠକରେ ଇଡି ନିର୍ଦ୍ଦେଶକ, ଆଇଟି, ସିବିଆଇ, ଏକ୍ସସାଇଜ, କଷ୍ଟମ, ଓଡ଼ିଶା ପୋଲିସର ବରିଷ୍ଠ ଅଧିକାରୀ, ଖଣି ସଚିବ, କ୍ରାଇମବ୍ରାଂଚ, ସିଟି ଜିଏସଟି ଓ ଭିଜିଲାନ୍ସ ନିର୍ଦ୍ଦେଶକଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀ ଯୋଗ ଦେଇଛନ୍ତି।

## ଚୀନକୁ ନେଇ ବଡ ବୟାନ ଦେଲେ ସ୍ଥଳସେନା ମୁଖ୍ୟ ମନୋଜ ପାଣ୍ଡେ

ନୂଆଦିଲ୍ଲୀ, ୧୮/୦୩ : ପୂର୍ବ ଲଦାଖରେ ଉତେଜନା କମିଥିଲେ ମଧ ସୈନ୍ୟ ସଂଖ୍ୟା କମ କରାଯିବ ନାହିଁ । ଚୀନ ଉପରେ ନଜର ରଖିବା ପାଇଁ ସୈନ୍ୟର ଆବଶ୍ୟକତା ରହିଛି ବୋଲି ▶▶ପୃଷ୍ଠା ୭

## ନବୀନଙ୍କୁ ଭେଟିପାରନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୮/୦୩ (ନି.ପ୍ର): ୨୪ ନିର୍ବାଚନ ପାଖେଇ ଆସୁଥିବାବେଳେ ଜାତୀୟ ରାଜନୀତିରେ ଦେଖିବାକୁ ମିଳୁଛି ଅନେକ ରୋଚକ ଦୃଶ୍ୟପଟ୍ଟ । ମୋଦିଙ୍କୁ କାଉଣ୍ଟର କରିବାକୁ କଂଗ୍ରେସ ନୂଆ ରଣନୀତି କରୁଥିବାବେଳେ କଂଗ୍ରେସକୁ ବାଦ ଦେଇ ତୃତୀୟ ସାମ୍ମୁଖ୍ୟ ପାଇଁ ଅଣ୍ଟା ଭିଡିଛନ୍ତି ଆଞ୍ଚଳିକ ଦଳ । ଆଉ ଏତିକିବେଳେ କୋଲକାତାରେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଓ ମମତା ବାନାର୍ଜୀଙ୍କ ଭେଟଘାଟ ନେଇ ନୂଆ ରାଜନୈତିକ ଅଙ୍କକଷା ଆରମ୍ଭ ହୋଇଛି । ବିଜେପି ଓ କଂଗ୍ରେସକୁ ବାଦ ଦେଇ ତୃତୀୟ ମେଣ୍ଟ କରିବାକୁ ଦୁଇ ନେତା ଇସାରା ଦେଇଛନ୍ତି । ତେବେ ମମତା ପ୍ରଥମରୁ ହିଁ କଂଗ୍ରେସ ସାଙ୍ଗରେ ରହିବାକୁ ଚାହୁଁନାହାନ୍ତି । ପୂର୍ବରୁ ମଧ ସେ ବିଜେପି ବିରୋଧରେ ତୃତୀୟ ସାମ୍ମୁଖ୍ୟ ପାଇଁ ▶▶ପୃଷ୍ଠା ୭

## ଇମ୍ରାନଙ୍କ ଘରେ କବାଟ ଭାଙ୍ଗି ପଶିଲା ପୁଲିସ, ଚାଲିଲା ବୁଲଡୋଜର

ନୂଆଦିଲ୍ଲୀ, ୧୮/୦୩ : ପାକିସ୍ତାନରେ ଶନିବାର ଦେଖିବାକୁ ମିଳିଛି ହାଇଡ୍ରାମା । ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ଗିରଫ ପାଇଁ ପିଛା ଛାଡୁନି ଇସଲାମାବାଦ ପୁଲିସ । ଏହା ଭିତରେ ଶନିବାର ଲାହୋରେ ଥିବା ଇମ୍ରାନଙ୍କ ବାସଭବନ ଭିତରେ ବଳପୂର୍ବକ ପଶିଛି ଲାହୋର ପୁଲିସ । ବୁଲଡୋଜର ଜରିଆରେ ଘରର କିଛି ଅଂଶ ଭଙ୍ଗାଯାଇଥିବା ମଧ ଜଣାପଡିଛି । ଇମ୍ରାନଙ୍କ ଘର ଓ ଘର ବାହାର ଜଗି ରହିଥିବା ସମର୍ଥକ ଓ ପୁଲିସ ମଧ୍ୟରେ ବଡ ଧରଣର ସଂଘର୍ଷ ହୋଇଛି । ଗୁଳିମାଡ ସହ ବୋମା ବିସ୍ଫୋରଣ ଓ ଲାଠି ଚାର୍ଜର ଖବର ମଧ ସାମ୍ନାକୁ ଆସିଛି । ଘଟଣାକୁ ନେଇ ଆକ୍ରୋଶ ଜାହିର କରିଛନ୍ତି ଇମ୍ରାନଙ୍କ ସମର୍ଥକ । ସେହେବାଜ ସରକାରଙ୍କ ଇସାରାରେ ▶▶ପୃଷ୍ଠା ୭

## ଝଡ ବର୍ଷା ସମ୍ଭାବନା : ୧୨ ଜିଲ୍ଲାକୁ ଅରେଂଜ ୱାର୍ଣ୍ଣିଂ ଜାରି



ଭୁବନେଶ୍ୱର, ୧୮/୦୩ (ନି.ପ୍ର): ପଶ୍ଚିମ ଝଡ ପ୍ରଭାବରେ ରାଜ୍ୟର କିଛି ସ୍ଥାନରେ ବିଜୁ ଘଡଘଡି ସହ ବର୍ଷା ଜାରି ରହିଛି। ଭୁବନେଶ୍ୱର ସ୍ଥିତ ଅଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିପାରେ। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ୍ ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ଘଡଘଡି ବିଜୁଳି ସହ ବର୍ଷା ,କୁଆପଥର ବର୍ଷା ଏବଂ ଘଂଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଥିବାରୁ ୧୨ ଟି ଜିଲ୍ଲାକୁ ଅରଂଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଲା କେନ୍ଦୁଝର, ମୟୁରଭଂଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଅନୁଗୁଳ, ଢେଙ୍କାନାଳ, କଟକ, ଜଗତସିଂହପୁର, ▶▶ପୃଷ୍ଠା ୭

## ଭାରତ ଓ ବାଂଲାଦେଶ ଉର୍ଜା ସମ୍ପର୍କରେ ନୂଆ ଅଧ୍ୟାୟ ଆରମ୍ଭ : ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର,୧୮/୦୩ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବାଂଲାଦେଶର ପ୍ରଧାନମନ୍ତ୍ରୀ ଶେଖ ହସୀନାଙ୍କ ଦ୍ୱାରା ଆଜି ଶୁଭାରମ୍ଭ ହୋଇଥିବା ଭାରତ-ବାଂଲାଦେଶ ବନ୍ଧୁତା ପାଇପଲାଇନର ଶୁଭାରମ୍ଭ ଦ୍ୱାରା ଉଭୟ ଦେଶ ମଧରେ ଉର୍ଜା ସମ୍ପର୍କରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି ବୋଲି ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଆଜି ପ୍ରଧାନମନ୍ତ୍ରୀ ମୋଦି ବାଂଲାଦେଶର ପ୍ରଧାନମନ୍ତ୍ରୀଙ୍କ ସହିତ ଦୁଇ ଦେଶ ମଧରେ ଉର୍ଜା ସୁରକ୍ଷା ବୃହତ ରଣନୈତିକ ପ୍ରକଳ୍ପ 'ଭାରତ ବାଂଲାଦେଶ ପେଟ୍ରୋଲିୟମ ଉତ୍ପାଦ ପାଇପଲାଇନ' ତଥା ବନ୍ଧୁତା ପାଇପଲାଇନର ଉଦଘାଟନ କରିଛନ୍ତି । ବାଂଲାଦେଶର ▶▶ପୃଷ୍ଠା ୭

## ପୁଣି ବିଧାନସଭାରେ ଉଠିଲା ନବ ଦାସ ହତ୍ୟା ପ୍ରସଙ୍ଗ

ଭୁବନେଶ୍ୱର, ୧୮/୦୩ (ନି.ପ୍ର): ଶନିବାର ଦିନ ମନ୍ତ୍ରୀ ନବ ଦାସ ହତ୍ୟା ପ୍ରସଙ୍ଗ ପୁଣି ଥରେ ଉଠିଛି । ସେହିପରି ତଦନ୍ତରେ ଏଫବିଆଇର ସହଯୋଗ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଲେଖାଯାଇଥିବା ପତ୍ର ଓ ହାଇକୋର୍ଟ ଦ୍ୱାରା ମନିଟରିଂ ପାଇଁ ଲେଖା ଯାଇଥିବା ପତ୍ରକୁ ବିଧାନସଭାରେ ଉପସ୍ଥାପନା କରିବାକୁ ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର ଦାବି କରିଛନ୍ତି । ଶ୍ରୀ ମିଶ୍ର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡର ୫୦ ଦିନ ବିତି ସାରିଲାଣି । ୫୦ ଦିନ ବିତି ସାରିବା ପରେ ବି କାରଣ ଓ ପଛରେ କିଏ ଜଣାପଡ଼ିନି । କଟକ ଏସସିବିର ଡାକ୍ତର ମାନଙ୍କର ଟିମ ଗୋପାଳର ମାନସିକ ସ୍ଥିତି ଠିକ ଥିବା ସମ୍ପର୍କରେ ରିପୋର୍ଟ ଦେବା ପରେ ମଧ ତାଙ୍କୁ ବେଙ୍ଗାଲୁରୁର ନିମାହାଂସ ହସପିଟାଲକୁ ପୁଣି ଥରେ ନେବା ପାଇଁ କାହିଁକି କୋର୍ଟରେ ଆବେଦନ କରାଯାଇଥିଲା । ଏସସିବିରେ ବିଶ୍ୱସ୍ତରୀୟ ବ୍ୟବସ୍ଥା ଥିବା ରାଜ୍ୟ ସରକାର ନିଜେ କହୁଛନ୍ତି । ନିଜ ଡାକ୍ତର ମାନଙ୍କର ଉପରେ କଣ ସରକାରଙ୍କର ବିଶ୍ୱାସ ନାହିଁ। ସେ କହିଛନ୍ତି ଯେ ରାଜ୍ୟ ସରକାର ଗୋପାଳକୁ ପାଗଳ ସାବ୍ୟସ୍ତ କରିବାକୁ କାହିଁକି ଚାହୁଁଛନ୍ତି ବୋଲି ଜୟନାରାୟଣ ପ୍ରଶ୍ନ କରିଛନ୍ତି । ସେ କହିଛନ୍ତି ଯେ ନବ ଦାସ ହତ୍ୟା ମାମଲାରେ ଏଫବିଆଇ ତଦନ୍ତ ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଯେଉଁ ଚିଠି ଲେଖିଛନ୍ତି, ସେ ଚିଠି ବିଧାନସଭାରେ ଉପସ୍ଥାପିତ କରନ୍ତୁ । ସେହିପରି ହାଇକୋର୍ଟ ମନିଟରିଂ ପାଇଁ ଲେଖାଯାଇଥିବା ଚିଠି ବି ଉପସ୍ଥାପନ କରନ୍ତୁ ବୋଲି ସେ ଦାବି କରିଛନ୍ତି ।

## ଭାର ଉତୋଳନରେ ଗୋଲ୍ଡ ମେଡାଲ ପାଇଲେ ବିଶ୍ୱନାଥ

ଜୟପୁର, ୧୮/୦୩ (ନି.ପ୍ର): ଭାର ଉତୋଳନରେ ଗୋଲ୍ଡ ମେଡାଲ ପାଇଲେ ଜୟପୁର ସୌରା ସାହିର ବିଶ୍ୱନାଥ ନାୟକ। ଜୟପୁର ଫେରିବା ବେଳେ ରେଳ ଷ୍ଟେସନ୍‌ରେ ତାଙ୍କୁ ବିପୁଳ ସ୍ୱାଗତ ସମର୍ଦ୍ଧନା ଦିଆଯାଇଛି।

ନେପାଳ ରାଜଧାନୀ କାଠମାଣ୍ଡୁ ଠାରେ ଅନୁଷ୍ଠିତ ଆନ୍ତର୍ଜାତୀୟ ଷ୍ଟ୍ରେନ୍ଥ ଲିଫ୍ଟିଂ ଏବଂ ଇନାକ୍ଲାଇନ୍ ବେଂଚପ୍ରେସ ଚମ୍ପିଆନସିପ୍ ରେ ଗୋଲ୍ଡ ମେଡାଲ ଆଣିଛନ୍ତି ବିଶ୍ୱନାଥ। ଭାରତ ପକ୍ଷରୁ ମାଷ୍ଟର କେଟୋଗୋରୀରେ ଖେଳିଥିଲେ ବିଶ୍ୱନାଥ । ନେପାଳ ଷ୍ଟ୍ରେନ୍ଥ ଲିଫ୍ଟିଂ ଫେଡେରେସନ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗୀତାରେ ନଅଟି ଦେଶର ଖେଳାଳୀ ଭାଗ ନେଇଥିଲେ । ଏସିଆ ମହାଦେଶର ଭାରତ, ପାକିସ୍ତାନ, ବାଂଲାଦେଶ, ଇଣ୍ଡୋନେସିଆ, ଆଫ୍ଗାନୀସ୍ତାନ ଭଳି ନଅ ଦେଶର ୫ ଶହରୁ ଅଧିକ ଖେଳାଳୀ ଭାଗ ନେଇଥିଲେ । ବିଶ୍ୱନାଥଙ୍କ ଏହି ସଫଳତାକୁ ନେଇ କୋରାପୁଟ ଜିଲ୍ଲା ସମେତ ଜୟପୁର ଅଂଚଳରେ ଖୁସିର ଲହରି ଖେଳିଯାଇଛି । ଜୟପୁର ଫେରିବା ବେଳେ ରେଳ ଷ୍ଟେସନରେ ବିଶ୍ୱନାଥଙ୍କୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିୱା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ସୂଚନା ପାଇବା ପରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଶୁଭେଚ୍ଛା ଜଣାଇଛନ୍ତି । ଆଗରୁ ମଧ ବହୁ ପୁରସ୍କାର ପାଇ ଜିଲ୍ଲାର ସମ୍ମାନକୁ ବଜାୟ ରଖିଛନ୍ତି ବିଶ୍ୱନାଥ।

## ପ୍ଲାଷ୍ଟିକ ବର୍ଜନ ପାଇଁ ଶପଥ ନେଲେ କଲେଜ ଛାତ୍ରୀ

କେନ୍ଦ୍ରାପଡ଼ା, ୧୮/୦୩ (ନି.ପ୍ର): ତୁଳସୀ ମହିଳା ମହା ବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ପ୍ଲାଷ୍ଟିକ ବର୍ଜନ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ମହା ବିଦ୍ୟାଳୟର ଅଧକ୍ଷ ଡ଼ଃ ପ୍ରମିଳାରାଣୀ ବେହେରାଙ୍କ ଅଧକ୍ଷତାରେ ଉକ୍ତ କାର୍ଯ୍ୟକ୍ରମରେ ନେଚର କ୍ଲବର ସଭାପତି ବିରଜା ପ୍ରସାଦ ପତି ମୁଖ୍ୟ ବକ୍ତା ଭାବେ ଜାତୀୟ ସେବା ଯୋଜନାର ସଂଯୋଜକ ଡ଼ଃ ପଦ୍ମଜା କବି ଶତପଥୀ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ ଓ ଉଦ୍ଦେଶ୍ୟ ସଂପର୍କରେ ଅବଗତ କରାଇବା ସଙ୍ଗେ ସଙ୍ଗେ ପ୍ଲାଷ୍ଟିକର ଭୟାବହ ବିଷୟରେ ମତବ୍ୟକ୍ତ କରିଥିଲେ । ଶୈକ୍ଷିକ ଅଧିକାରୀ ଶ୍ରୀମତୀ ଜ୍ୟୋସ୍ନାମୟୀ ପତି ଉତରଦାୟାଦ ଙ୍କ ପାଇଁ କିପରି ଉତମ ପୃଥିବୀ ଗଢି ତୋଳିବା ସେ ସଂପର୍କରେ ମତବ୍ୟକ୍ତ କରିଥିଲେ । ମହା ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ଼ଃ ମଥୁରୀ ଚରଣ ନାୟକ ଉପସ୍ଥିତ ଥିବା ଛାତ୍ରୀ ମାନଙ୍କୁ ପ୍ଲାଷ୍ଟିକ ବ୍ୟବହାର ଦ୍ୱାରା ହେଉଥିବା କ୍ଷତି ସଂପର୍କରେ ବୁଝାଇ ଥିଲେ । କଲେଜ ପରିସରକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଅଧକ୍ଷାପକ, ଅଧାପିକା, ଅଧକ୍ଷା ଶପଥ ପାଠ କରିଥିଲେ।

# ଅବହେଳିତ ଐତିହାସିକ ବୌଦ୍ଧପୀଠ



କୋଣାର୍କ, ୧୮/୦୩ (ନି.ପ୍ର): କୋଣାର୍କର ଅନତି ଦୂରରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ଥିବା ଏକ ଐତିହାସିକ ବୌଦ୍ଧପୀଠ ଅବହେଳିତ ଅବସ୍ଥାରେ ପଡ଼ିରହିଛି । ସୂଚନା ମୁତାବକ, କୋଣାର୍କ ସୂର୍ଯ୍ୟମନ୍ଦିରଠାରୁ ମାତ୍ର ୬ କିଲୋମିଟର ଦୂରରେ କୁରୁମ ଗ୍ରାମ ରହିଛି । ୭୦ ଦଶକରେ କୁରୁମ ଗ୍ରାମ ବିଦ୍ୟାଳୟର ଶିକ୍ଷକ ବ୍ରଜବନ୍ଧୁ ଦାଶ ବିଦ୍ୟାଳୟ ପରିସରରେ ଗଛ ଲଗାଇବାକୁ ଗାତ ଖୋଳିବା ସବୟରେ ଏହି ସ୍ଥାନରୁ ଖପରା, ପୁରୁଣା ଇଟା ଭଳି ସମାଗ୍ରୀ ପାଇଥିଲେ । କ୍ରମେ ଗ୍ରାମର ଲୋକମାନେ ମଧ ଘର ତିଆରି ପାଇଁ ନିଅଁ ଖୋଳିବା ସମୟରେ ବିଭିନ୍ନ ପ୍ରାଚୀନ ସାମଗ୍ରୀ ପାଇଥିଲେ । ଏ ସମ୍ପର୍କରେ ଐତିହାସିକ ବାମଦେବ ମହାପାତ୍ରଙ୍କୁ ଗ୍ରାମବାସୀମାନେ ଅବଗତ କରାଇବା ପରେ ଶ୍ରୀ ମହାପାତ୍ର ଓ ଶ୍ରୀ ଦାଶଙ୍କ ପ୍ରଚେଷ୍ଟାରେ ଏହି ସ୍ଥାନ ଖନନ କରାଯାଇଥିଲା ।

୧୯୭୧ରେ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ଖୋଳାଯିବାରେ ଏଠାରୁ ପ୍ରାଚୀନ ବୌଦ୍ଧ କୀର୍ତ୍ତିରାଜିର ଭଗ୍ନାବଶେଷ ମିଳିଥିଲା । ନିକଟରେ ଥିବା ଧରୁମୁ ପୋଖରୀର ତୁଠ ପଥରକୁ ଓଲଟାଯିବା ପରେ ତାହା ୫ ଫୁଟ ଉଚ୍ଚ ଓ ୩ ଫୁଟ୍ ଓସାରର ଏକ ବୁଦ୍ଧ ମୂର୍ତ୍ତି ବୋଲି ଜଣାପଡ଼ିଥିଲା । ପରବର୍ତ୍ତୀ ସମୟରେ ଏଠାରୁ ବିଷ୍ଣୁଙ୍କ ବାମନ ଅବତାର ମୂର୍ତ୍ତି, ଏକ ଯମାନ୍ତକ ମୂର୍ତ୍ତି(ହେରକ) ଓ ଏକ ଅବଲୋକେତେଶ୍ୱରଙ୍କ ମୂର୍ତ୍ତି ଉଦ୍ଧାର ହୋଇଥିଲା । ଯାହାକି ଏବେ ଏହି ସ୍ଥାନରେ ପୂଜା ପାଉଛନ୍ତି । ଗ୍ରାମର ନବଘନ ପଣ୍ଡା (ସ୍ୱାଧୀନତା ସଂଗ୍ରାମୀ) ଓ ଓଗେରଙ୍କ ମାର୍ଫତରେ ଥିବା ୨୯ ଡେସିମିଲ ସ୍ଥାନରୁ ବୌଦ୍ଧ କୀର୍ତ୍ତିରାଜିର ଭଗ୍ନାବଶେଷ ଉଦ୍ଧାର କରାଯାଇଥିଲା । ଯାହାକି ଏବେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ରହିଛି । ୨୯ ଡେସିମିଲ ସ୍ଥାନର କ୍ଷତିପୂରଣ ପାଇବା ପାଇଁ ବାରମ୍ବାର ସରକାରୀ ଅଫିସ୍‌କୁ ଦୌଡ଼ିଦୌଡ଼ି ନବଘନ ନିରାଶ ହୋଇଥିଲେ । ୨୦୧୬ରେ ସେ ପ୍ରାଣ ହରାଇଛନ୍ତି । କୌଣସି କ୍ଷତିପୂରଣ ନମିଳିବାରୁ ବର୍ତ୍ତମାନ ଏହି ସ୍ଥାନ ଉପରେ ସ୍ୱର୍ଗତ ପଣ୍ଡାଙ୍କ ଉତ୍ତରାଧିକାରୀମାନେ ଖଜଣା ଦେଇ ପାଉତି କାଟୁଛନ୍ତି ।

ଖନନ ହୋଇଥିବା ସ୍ଥାନରେ ଦଶବଖରାରୁ ଅଧିକ ଘର, ମଣ୍ଡପ ଭଳି ଐତିହାସିକ କୀର୍ତ୍ତିରାଜି ଥିବା ବେଳେ ଏବେ ଏଠାରେ ଗୋବର ଘସି ଶୁଖୁଥିବା ଦେଖିବାକୁ ମିଳିଛି । କେହିକେହି ପାଳଗଦା କରିଥିବା ବେଳେ ଆଉ କେହି ଧାନ ଶୁଖାଉଥିବା ଦେଖାଯାଉଛି । ପର୍ଯ୍ୟଟନ ବିଭାଗ ପୀଠକୁ ପର୍ଯ୍ୟଟନ କ୍ୟାଲେଣ୍ଡରରେ ରଖିଥିବା ବେଳେ ସ୍ଥାନର ବିକାଶ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ । ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଏହି ସ୍ଥାନ କଥା ଭୁଲିଯାଇଥିବା ଭଳି ମନେ ହେଉଛି । ବିଭାଗର କୌଣସି ଅଧିକାରୀ ଏଠାକୁ ପରିଦର୍ଶନରେ ଆସିଥିବା ନେଇ ସୂଚନା ମଧ ନାହିଁ । ଏବେ କୁରୁମ ଓ ଏହାର ଆଖପାଖ ଗ୍ରାମର ଗ୍ରାମବାସୀଙ୍କୁ ନେଇ ଗଠିତ ଉନ୍ନୟନ କମିଟି ଏହି ପୀଠର ବିକାଶ ଲାଗି ଅଣ୍ଟା ଭିଡ଼ିଛନ୍ତି । ମାତ୍ର ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ଉଦାସୀନତା ପାଇଁ ଏହି ସ୍ଥାନ ଏବେ ଅସ୍ତିତ୍ୱ ହରାଇବାକୁ ବସିଛି । ସରକାର ଦୃଷ୍ଟି ଦେଇ ଏହି ଐତିହାସିକ ସ୍ଥାନର ବିକାଶ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି । ଅନୁରୂପ ଭାବେ ପର୍ଯ୍ୟଟନ ବିଭାଗ ଏହି ପ୍ରାଚୀନ ବୌଦ୍ଧପୀଠର ବିକାଶ ପାଇଁ ପ୍ରଚାରପ୍ରସାର ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ରହିଥିବା ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

## ବଡ଼ଦାଣ୍ଡକୁ ବଡ଼ ବିପଦ ଆଶଙ୍କା : ସମ୍ରାଟ କମ୍ପ୍ଲେକ୍ସରୁ ବାହାରୁଛି ଧୂଆଁ

ପୁରୀ , ୧୮/୦୩ (ନି.ପ୍ର): ହୋଲି ଦିନ ସଂଧାରେ ହଠାତ୍ ମରଚିକୋଟ ଛକ ସ୍ଥିତ ସମ୍ରାଟ କମ୍ପ୍ଲେକ୍ସରେ ଅଗ୍ନିକାଣ୍ଡ ଘଟିବାରୁ ସମ୍ପୂର୍ଣ୍ଣ କୋଠା ଓ ୪୦ଟି ଦୋକାନ ଗୃହର ସମସ୍ତ ମଲ୍ୟବାନ ଜିନିଷ ପୋଡ଼ି ଯାଇଥିଲା । ଦୀର୍ଘ ୯ ଦିନ ପରେ ବି ସେଠାରୁ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକମାନେ କହିଛନ୍ତି । ପରେ ପରେ ନିଳାଦ୍ରୀ କମ୍ପ୍ଲେକ୍ସରେ ନିଆଁ, ରେଳ ଷ୍ଟେସନ ରେଳ ଧାରଣା ପାଖରେ ନିଆଁ ଜଳିବା ,ଅଗ୍ନିଢାବା ନିକଟରେ ଅଗ୍ନିକାଣ୍ଡ ଦେଖିବାକୁ ମିଳିବା ପରେ ବାସ୍ତୁବିତ, ଜ୍ୟୋତିଷ ଓ ଭବିଷ୍ୟ ଆକଳନକାରୀ ମାନେ କହିଛନ୍ତି ବଡ଼ ଦାଣ୍ଡକୁ ବଡ଼ ବିପତି ପଡ଼ିଛି । ଏହାସହ ସମ୍ରାଟ ମାର୍କେଟ କମ୍ପ୍ଲେକ୍ସ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ସମ୍ପତି ଦଖଲରେ ରଖିଥିବା ଜଣାପଡ଼ିଛି । ପୁରୀ ସହର ୟୁନିଟ୍ ନମ୍ବର ୧୮ ଚୁଡ଼ଙ୍ଗ ସାହି ମୌଜାର ଖାତା ନମ୍ବର ୬୭ରେ ୨୨ ଡ଼ିସିମିଲ ସମ୍ପତି ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀ ମାର୍ଫତ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପୁରୀ ନାମରେ ରେର୍କଡ଼ ରହିଛି । ଯାହା ବେବନ୍ଦୋବସ୍ତ କେସ ନମ୍ବର ୩୧୦/୧୯୯୦ ହୁକୁମ ମୁତାବକ ସଂଶୋଧନ କରାଯାଇଛି । ସେଥିରେ ଥିବା ୪୫୬ ନମ୍ବର ଖାତାରେ ୨୦ ଡ଼ିସିମିଲ ଘରବାରି ପ୍ଲଟ ରହିଛି । ଯାହାର ଉତର ଦିଗରେ କିରଣବାଳା ଦତ ଓ ଦକ୍ଷିଣରେ ସରକାରୀ ଜମି ରହିଛି । ସେହି ଖାତାର ପ୍ଲଟ ନମ୍ବର ୪୫୬/୬୩୬ ଦେଢ ଡ଼ିସିମିଲ ଘରବାଡ଼ି ପ୍ଲଟ ରହିଛି । ଯାହାର ଦକ୍ଷିଣରେ ଅଯୋଧା ଦାସ ରହିଛନ୍ତି । ଶ୍ରୀକ୍ଷେତ୍ରରେ ପଞ୍ଚୁପାଣ୍ଡବ,ପଞ୍ଚ ମହାଦେବ ରହିଥିବା ବେଳେ ମହାବୀର ଦାନିକର୍ଣ୍ଣ ବଡ଼ଦାଣ୍ଡର ମରଚିକୋଟ ଛକର ପଶ୍ଚିମ ଦିଗରେ ରହିଥିଲେ । ମନ୍ଦିର ଅଛି ମାତ୍ର କଣ୍ଡାମେଶ୍ୱର ମହାଦେବଙ୍କ ଲିଙ୍ଗ ନାହିଁ । ଏହି ମନ୍ଦିରର ପୁନଃରୁଦ୍ଧାର ସହ ନୂତନ ଲିଙ୍ଗ ସ୍ଥାପନ କରିବା ସହ ଭକ୍ତଙ୍କ ଦର୍ଶନ ପାଇଁ ଦାବି ଯୋର ଧରୁଛି । ରଥଯାତ୍ରା ସମୟରେ ଚତୁର୍ଦ୍ଧାମୂର୍ତି କର୍ଣ୍ଣବୀରଙ୍କୁ ଦର୍ଶନ କରି ରଥଯାତ୍ରାରେ ଯିବା ଶୁଣାଯାଇଛି । ଏହି ପରି ଅନେକ ମନ୍ଦିର ବଡ଼ଦାଣ୍ଡରେ ଘରୋଇ ଅବସ୍ଥାକୁ ଚାଲିଯାଇଥିବା ବେଳେ ସେଗୁଡ଼ିକୁ ମୁକ୍ତ କରିବା ପାଇଁ ଭକ୍ତ ମହଲରୁ ଦାବି ହେଉଛି ।

# ବୁଦ୍ଧମୂର୍ତି ବିଦେଶ ଯିବା ନେଇ ଚର୍ଚ୍ଚା

ଧର୍ମଶାଳା, ୧୮/୦୩ (ନି.ପ୍ର): ଯାଜପୁର ଜିଲାରୁ ଏକ ୧୭ଫୁଟ ଉଚ୍ଚ ବୁଦ୍ଧମୂର୍ତି ସୁଦୂର ଇଣ୍ଡୋନେସିଆ ଯିବାର କାର୍ଯ୍ୟକ୍ରମ ରହିଛି । ଯାହାକୁ ନେଇ ଏବେ ଯାଜପୁର ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି । ଜନୈକ ବିଦେଶୀ ଏଥିପାଇଁ ଏହି ମୂର୍ତିକୁ ବରାଦ କରିଛନ୍ତି । ଯାଜପୁରର ପ୍ରସ୍ତରଶିଳ୍ପୀଙ୍କୁ ଯୋଗାଯୋଗ କରି ତାଙ୍କୁ ଏହି ବୁଦ୍ଧମୂର୍ତି ନିର୍ମାଣ କରିବାକୁ ଅନୁରୋଧ କରିଥିଲେ । ବିଦେଶୀଙ୍କ ଅନୁରୋଧ ରକ୍ଷା କରି ଯାଜପୁର ଜିଲାର ସୁପରିଚିତ ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରସ୍ତରଶିଳ୍ପୀ ବହ୍ମାନନ୍ଦ ମହାରଣା ଦୀର୍ଘ ୬ ମାସ ହେବ ଏହି ମୂତି ନିର୍ମାଣରେ ଲାଗି ପଡିଛନ୍ତି । ୫୩ ନଂ ଜାତୀୟ ରାଜପଥ ଚଣ୍ଡିଖୋଲ-ଡୁବୁରୀ ରାସ୍ତାରେ ୧ କିମି ଦୂରରେ ସୁଭଦ୍ରାପୁରଛକ । ଏହି ଛକ ନିକଟରେ ଏକ ସୁଉଚ୍ଚ ବୁଦ୍ଧମୂର୍ତି ତିଆରି ଚାଲିଥିବା ବେଳେ ଏହା ଉପରେ ସମସ୍ତଙ୍କ ନଜର ପଡିଥିଲା । ଯାତ୍ରୀମାନେ କିଛି କ୍ଷଣ ଏହିଠାରେ ଅଟକି ରହି ନିର୍ମାଣ ଦେଖିବା ସହିତ କାରିଗରଙ୍କ, ଭଳି ଜୀବନ୍ତ କଳାକୁ ଦେଖି ପ୍ରଶଂସା କରିଛନ୍ତି । ଇଣ୍ଡୋନେସିଆରେ ଜଣେ ବ୍ୟକ୍ତି ତାଙ୍କୁ ଯୋଗାଯୋଗ କରି ପଦ୍ମସମ୍ଭବ ବୁଦ୍ଧମୂର୍ତି ଯାହାର ଉଚ୍ଚତା ୧୭ଫୁଟ ହେବ ତିଆରି କରିବାକୁ ଅନୁରୋଧ କରିଥିଲେ । ଅନୁରୋଧ ରକ୍ଷା କରି ସେ ମୂର୍ତି ନିର୍ମାଣ ପାଇଁ ରାଜସ୍ଥାନରୁ ୨ଖଣ୍ଡ ରାଜସ୍ଥାନ ସ୍ୟାଣ୍ଡ ପଥର ଯାହାର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କାରୁ ଅଧିକ ଦେଇ ଆଣିଥିଲେ । ଦୀର୍ଘ ୬ମାସ ହେବ ସେ ମୂର୍ତି ନିର୍ମାଣରେ ବ୍ୟସ୍ତ ରହିଛନ୍ତି । ଏବଂ ତାଙ୍କୁ ୪ ଜଣ ସହଯୋଗୀ ସହଯୋଗ କରୁଥିବା ଏହି ମୂର୍ତି ପୂର୍ଣ୍ଣାଙ୍ଗ ହେବାକୁ ଆଉ ୨ମାସ ସମୟ ଲାଗି ବୋଲି ବ୍ରହ୍ମାନନ୍ଦ ପ୍ରକାଶ କରିଛନ୍ତି ।

# ଶିଳ୍ପ କରିଡରରେ ନିଯୁକ୍ତି ହ୍ରାସ: ୪ ବର୍ଷରେ ୧୧ହଜାର ଶ୍ରମିକ ବିଦା

ଅନୁଗୁଳ , ୧୮/୦୩ (ନି.ପ୍ର): ଶିଳ୍ପ କରିଡରରେ ଶ୍ରମିକଙ୍କ ସଂଖ୍ୟା କେତେ ଶିଳ୍ପ କ୍ଷେତ୍ରରେ କେତେ ଶ୍ରମିକ ପରିବାର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ପାଇଛନ୍ତି ? ଅନୁଗୁଳ ଭଳି ଶିଳ୍ପ ବହୁଳ ଜିଲ୍ଲାରେ ଏ ପ୍ରଶ୍ନ ସବୁବେଳେ ଉଙ୍କି ମାରୁଥିବା ବେଳେ ରାଜ୍ୟ ଶିଳ୍ପମନ୍ତ୍ରୀ ବିଧାନସଭାରେ ଏହାର ଉତ୍ତର ରଖିଛନ୍ତି । ରିପୋର୍ଟ କହୁଛି, ଗଲା ଚାରିବର୍ଷ ମଧରେ ଅନୁଗୁଳ ଜିଲ୍ଲାରେ ଶ୍ରମିକଙ୍କ ନିଯୁକ୍ତି ପ୍ରାୟ ଅଧାକୁ ଖସିଛି । ଚାରିବର୍ଷ ତଳେ ଅନୁଗୁଳ ଜିଲ୍ଲାରେ ପରୋକ୍ଷ ଭାବେ ଯେଉଁଠି ୨୧ହଜାର ୮୮ଜଣ ଶ୍ରମିକଙ୍କୁ ନିଯୁକ୍ତି ପାଇଥିଲେ, ଚଳିତ ଆର୍ଥିକ ବର୍ଷରେ ତାହା ୧୨ହଜାର ୪୪୦କୁ ଖସି ଆସିଛି । ପରୋକ୍ଷ ନିଯୁକ୍ତି ପାଇଥିବା ପାଖାପଖି ୯ହଜାର ଶ୍ରମିକ ଶିଳ୍ପ ସଂସ୍ଥାରୁ ବିଦାୟ ନେଇଥିବା ରିପୋର୍ଟ ସ୍ପଷ୍ଟ କରୁଛି । ଅନୁଗୁଳକୁ ଶିଳ୍ପ କରିଡ଼ର କହିବାର ଉଦ୍ଦେଶ୍ୟ, ନାଲ୍‌କୋ, ଏନ୍‌ଟିପିସି ଭଳି ଏଠି ଜାତୀୟ ଏବଂ ଅନ୍ତର୍ଜାତୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସବୁ କେବଳ ଠିଆ ହୋଇନାହିଁ, ବରଂ ବିଶ୍ୱ ଦରବାରରେ ପରିଚିତ ହେଲା ଭଳି ବଡ଼ ବଡ଼ ଇସ୍ପାତ ଶିଳ୍ପ ସଂସ୍ଥା ବି ଏ ମାଟିରେ ଠିଆହୋଇଛି । ଶିଳ୍ପ ସଂସ୍ଥା ଦେଶର ଅର୍ଥନୀତିକୁ ଯେମିତି ବିକଶିତ କରାଏ, ଠିକ୍ ସେମିତି ବେକାରୀ ଦୂର କରିବାରେ ବି ଅଂଶୀଦାର ହୁଏ । ଶିଳ୍ପ ବିଭାଗ ରିପୋର୍ଟ କହୁଛି, ୨୦୦୯-୧୦ ଆର୍ଥିକ ବର୍ଷରୁ ଶିଳ୍ପସଂସ୍ଥା ଜରିଆରେ ଜିଲ୍ଲାର ବେକାରୀ ସମସ୍ୟା କିଛିଟା ଦୂର କରାଯାଇଥିଲା । ଜିଲ୍ଲାର ବିଭିନ୍ନ ଶିଳ୍ପସଂସ୍ଥାରେ ପ୍ରତ୍ୟକ୍ଷ ଭାବେ ୩୭୨୮ଜଣ ଶ୍ରମିକ ନିଯୁକ୍ତି ପାଇ କାମ ପାଇଥିଲେ । ଶିଳ୍ପସଂସ୍ଥା ଦ୍ୱାରା ପ୍ରତ୍ୟକ୍ଷ ଭାବେ ଉପକୃତ ହୋଇଥିଲେ । ଏବଂ ପରୋକ୍ଷରେ ୧୪ହଜାର ୨୩ଜଣଙ୍କୁ ଶିଳ୍ପସଂସ୍ଥାରେ ନିଯୁକ୍ତି ପାଇଥିଲେ । ମୋଟ୍ ଉପରେ ସେହିବର୍ଷ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ମୋଟ୍ ୧୭ହଜାର ୭୫୧ଜଣଙ୍କୁ ନିଯୁକ୍ତି ମିଳିଥିଲା । ଠିକ୍ ପ୍ରାୟ ପାଞ୍ଚବର୍ଷ ପରେ ଶ୍ରମିକ ନିଯୁକ୍ତି ପ୍ରାୟ ଦୁଇଗୁଣିତ ହୋଇଥିଲା । ୨୦୧୪-୧୫ଆର୍ଥିକ ବର୍ଷରେ ପ୍ରତ୍ୟକ୍ଷ ନିଯୁକ୍ତି ୩,୭୨୮ରୁ ବୃଦ୍ଧି ପାଇ ୭ହଜାର ୧୮୦ରେ ପହଞ୍ଚିଥିଲା । ସେହିପରି, ପରୋକ୍ଷ ଶ୍ରମିକ ନିଯୁକ୍ତି ୧୭ହଜାର ୭୫୧ରୁ ୩୪ହଜାର ୧୮୯ ହୋଇଥିଲା । କିନ୍ତୁ, ତା' ପରଠାରୁ ଶିଳ୍ପ ଜଗତରେ ନିଯୁକ୍ତି ଧିମେଇ ଯାଇଛି । ୨୦୧୮-୧୯ଆର୍ଥିକ ବର୍ଷରେ ପ୍ରତ୍ୟକ୍ଷ ଭାବେ ଯେଉଁଠି ୫୬୦୬ଜଣ ଶ୍ରମିକ ନିଯୁକ୍ତି ପାଇଥିଲେ, ୨୦୨୨-୨୩ ଆର୍ଥିକ ବର୍ଷ ବେଳକୁ ସେଥିରୁ ୨୪୦୫ ଜଣ ବିଦା ହୋଇଛନ୍ତି । ଠିକ୍ ସେହିପରି ପରୋକ୍ଷ ଭାବେ ଚାରିବର୍ଷ ତଳେ ଯେଉଁଠି ୨୧ହଜାର ୮୮ଜଣ ଶ୍ରମିକ ହାତକୁ କାମ ପାଇଥିଲେ, ଚଳିତ ଆର୍ଥିକବର୍ଷ ବେଳକୁ ସେଥିରେ ବି ପ୍ରାୟ ୯ହଜାର ୪୪ଜଣ କମିଛନ୍ତି । ମୋଟ୍ ଉପରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଶ୍ରମିକ ନିଯୁକ୍ତି ପରିସଂଖ୍ୟାନକୁ ହିସାବ କଲେ, ଗଲା ଚାରିବର୍ଷ ଅପେକ୍ଷା ଚଳିତ ଆର୍ଥିକ ବର୍ଷରେ ମୋଟ୍ ୧୧ହଜାର ୪୪୦ଜଣ ଶ୍ରମିକଙ୍କୁ ଶିଳ୍ପସଂସ୍ଥାରୁ ବିଦା ହୋଇଥିବା ରିପୋର୍ଟ ସ୍ପଷ୍ଟ କରୁଛି ।

## ଛତ୍ରିପୁଟ ଓ ମାଳିଗୁଡା ମଧ୍ୟରେ ଦୋହରୀକରଣ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ: ୩ ଟ୍ରେନ୍ ବାତିଲ୍, ୭ଟି ଆଂଶିକ



ଭୁବନେଶ୍ୱର , ୧୮/୦୩ (ନି.ପ୍ର): ଛତ୍ରିପୁଟ ଓ ମାଳିଗୁଡା ମଧରେ ରେଳ ଲାଇନ୍ ଦୋହରୀକରଣ ଶୀଘ୍ର କାର୍ଯ୍ୟକ୍ଷମ ହେବ । ଏଥିପାଇଁ ମାଳିଗୁଡା ଓ ଛତ୍ରିପୁଟ ମଧରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ୩ଟି ଟ୍ରେନକୁ ଅସ୍ଥାୟୀ ଭାବେ ଓ ୭ଟିକୁ ଆଂଶିକ ବାତିଲ କରିବାକୁ ପୂର୍ବତଟ ରେଳପଥ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ତିଲ୍ ହେବାକୁ ଥିବା ଟ୍ରେନଗୁଡ଼ିକ ମଧରେ ବିଶାଖାପାଟଣା-କୋରାପୁଟ-ବିଶାଖାପାଟଣା ଏକ୍ସପ୍ରେସ୍ (୧୮୫୧୨/୧୮୫୧୧) ବିଶାଖାପାଟଣାରୁ ୧୭ ଓ ୨୦ ତାରିଖରେ ଏବଂ କୋରାପୁଟରୁ ୧୮ ଓ ୨୧ ତାରିଖରେ ଉଭୟ ଦିଗରୁ ବାତିଲ ରହିବ । କୋରାପୁଟ-ବିଶାଖାପାଟଣା ପାସେଞ୍ଜର ସ୍ୱେସିଆଲ (୦୮୫୪୫) କୋରାପୁଟରୁ ଓ କିରାଣ୍ଡୁଲ-ବିଶାଖାପାଟଣା ପାସେଞ୍ଜର ସ୍ୱେସିଆଲ (୦୮୫୫୨) କିରାଣ୍ଡୁଲରୁ ୨୩ ତାରିଖରେ ବାତିଲ ରହିବ । ଆଂଶିକ ବାତିଲ ହେବାକୁ ଥିବା ଟ୍ରେନ୍‌ଗୁଡ଼ିକ ହେଲା ରାଉରକେଲା-ଜଗଦଲପୁର ଏକ୍ସପ୍ରେସ (୧୮୧୦୭) ରାଉରକେଲାରୁ ୧୭ରୁ ୨୧ ତାରିଖ ପର୍ଯ୍ୟନ୍ତ ଜଗଦଲପୁର ପରିବର୍ତ୍ତେ କୋରାପୁଟ ପର୍ଯ୍ୟନ୍ତ ଚାଲିବ । ଜଗଦଲପୁର-ରାଉରକେଲା ଏକ୍ସପ୍ରେସ(୧୮୧୦୮) ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ଜଗଦଲପୁର ପରିବର୍ତ୍ତେ କୋରାପୁଟରୁ, ଭୁବନେଶ୍ୱର-ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ(୧୮୪୪୭) ୧୭ରୁ ୨୧ ତାରିଖ ପର୍ଯ୍ୟନ୍ତ ଜଗଦଲପୁର ପରିବର୍ତ୍ତେ କୋରାପୁଟ ପର୍ଯ୍ୟନ୍ତ ଚାଲିବ । ଜଗଦଲପୁର-ଭୁବନେଶ୍ୱର ହିରାଖଣ୍ଡ ଏକ୍ସପ୍ରେସ(୧୮୪୪୮) ୧୮ରୁ ୨୨ ତାରିଖ ମଧରେ ଜଗଦଲପୁର ବଦଳରେ କୋରାପୁଟରୁ ଛାଡ଼ିବ । ହାଓଡ଼ା-ଜଗଦଲପୁର ସମଲେଶ୍ୱରୀ ଏକ୍ସପ୍ରେସ(୧୮୦୦୫) ୧୭ରୁ ୨୧ ତାରିଖ ଯାଏ ଜଗଦଲପୁର ପରିବର୍ତ୍ତେ କୋରାପୁଟ ପର୍ଯ୍ୟନ୍ତ, ଜଗଦଲପୁର-ହାଓଡ଼ା ସମଲେଶ୍ୱରୀ ଏକ୍ସପ୍ରେସ(୧୮୦୦୬) ୧୯ରୁ ୨୩ ତାରିଖ ପର୍ଯ୍ୟନ୍ତ ଜଗଦଲପୁର ବଦଳରେ କୋରାପୁଟରୁ ଛାଡ଼ିବ । ବିଶାଖାପାଟଣା-କୋରାପୁଟ ପାସେଞ୍ଜର ସ୍ୱେସିଆଲ (୦୮୫୪୬) ବିଶାଖାପାଟଣାରୁ ୧୭ରୁ ୨୨ ତାରିଖ ପର୍ଯ୍ୟନ୍ତ କୋରାପୁଟ ପରିବର୍ତ୍ତେ ରାୟଗଡ଼ା ପର୍ଯ୍ୟନ୍ତ ଚଳାଚଳ କରିବ ।

## ନେହେରୁ ଷ୍ଟାଡିଅମଠାରେ ଚମ୍ପୁଆ ବିଜେଡିର ମହିଳା ସମାବେଶ ଅନୁଷ୍ଠିତ

ଚମ୍ପୁଆ, ୧୮/୦୩ (ନି.ପ୍ର): ସ୍ଥାନୀୟ ନେହେରୁ ଷ୍ଟାଡିୟମ୍ ଠାରେ ଚମ୍ପୁଆ ବିଜୁ ଜନତା ଦଳ ପକ୍ଷରୁ ଏକ ବିରାଟ ମହିଳା ସମାବେଶ ଅନୁଷ୍ଠିତ ହୋଇ ଯାଇଛି । ଚମ୍ପୁଆ ଏନଏସି ଅଧକ୍ଷ ଗିରିଜାଶଙ୍କର ସାହୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି ମହିଳା ସମାବେଶରେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, କେନ୍ଦୁଝର ଜିଲ୍ଲା ବିଜେଡି ସଭାପତି ମାଧବ ସର୍ଦ୍ଦାର, କେନ୍ଦୁଝର ଜିଲ୍ଲା ପରିଷଦ ସଭାପତି ସାଗରିକା ସାହୁ, ଯୋଡ଼ା ମ୍ୟୁନିସିପାଲଟି ଅଧକ୍ଷ ଜଗଦୀଶ ପ୍ରସାଦ ସାହୁ, ଯୋଡା ମ୍ୟୁନିସିପାଲଟି ଉପାଧକ୍ଷ ସନ୍ଧ୍ୟାରାଣୀ ପାତ୍ର, ଚମ୍ପୁଆ ଏନଏସି ଉପାଧକ୍ଷ ସସ୍ମିତା ବେହେରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସୌଭାଗିନୀ ସାହୁ ଏହି ମହିଳା ସମାବେଶର ମଂଚ ପରିଚାଳନା କରିଥିଲେ । ମଂଚାସୀନ ଅତିଥି ମାନେ ବିଜୁ ଜନତା ଦଳ ମହିଳା ସଶକ୍ତିକରଣ ପାଇଁ ନେଇଥିବା ଉଲ୍ଲେଖନୀୟ ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରିବା ସହିତ ମିଶନଶକ୍ତି ମାଧମରେ ଓଡ଼ିଶା ସରକାର କିପରି ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବାରେ ସହଯୋଗ କରୁଛନ୍ତି ସେ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ମହିଳା ସମାବେଶ ରେ ବିଜୁ ଜନତା ଦଳ ର ସମସ୍ତ ମହିଳା ଜିଲ୍ଲା ପରିଷଦ ସଭ୍ୟା, କାଉନସିଲର, ସରପଂଚ, ସମିତି ସଭ୍ୟାମାନଙ୍କ ସମେତ ଚମ୍ପୁଆ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଂଚଳରୁ ଆସିଥିବା ପାଂଚ ହଜାରରୁ ଅଧିକ ମହିଳା ଏହି ସମାବେଶରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ଆୟୋଜକ ଗିରିଜା ଶଙ୍କର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୭ ପିଏମ ମିତ୍ର ପାର୍କ ଘୋଷଣା

ଭୁବନେଶ୍ୱର, ୧୮/୦୩ (ନି.ପ୍ର): ଭାରତ ସରକାର ଆଜି ବୟନ ଶିଳ୍ପ ପାଇଁ ୭ ପିଏମ ମେଗା ଇଣ୍ଟିଗ୍ରେଟେଡ୍ ଟେକ୍ସଟାଇଲ୍ ରିଜିଓନ୍ସ ଆଣ୍ଡ ଆପାରେଲ୍ (ପିଏମ ମିତ୍ର) ପାର୍କ ସ୍ଥାପନ ପାଇଁ ସାଇଟ୍ ଘୋଷଣା କରିଛନ୍ତି । ତାମିଲନାଡୁ, ତେଲଙ୍ଗାନା, ଗୁଜୁରାଟ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଏବଂ ମହାରାଷ୍ଟ୍ରରେ ଏହି ପାର୍କଗୁଡ଼ିକ ସ୍ଥାପନ କରାଯିବ । ପ୍ରଧାନମନ୍ତ୍ରୀଙ୍କ ୫ଏଫ ଦୃଷ୍ଟିକୋଣରୁ ଅନୁପ୍ରାଣିତ (ଅର୍ଥାତ୍ ଫାର୍ମରୁ ଫାଇବରରୁ ଫ୍ୟାକ୍ଟ୍ରିରୁ ଫ୍ୟାଶନ୍‌ରୁ ଫରେନ୍), ପିଏମ ମିତ୍ର ପାର୍କ ଭାରତକୁ ବୟନ ଉତ୍ପାଦନ ଏବଂ ରପ୍ତାନି ପାଇଁ ବିଶ୍ୱସ୍ତରୀୟ ହବ୍ କରିବା ପାଇଁ ସରକାରଙ୍କ ଦୂରଦୃଷ୍ଟି ହାସଲ କରିବାରେ ଏକ ପ୍ରମୁଖ ପଦକ୍ଷେପ । ଆଶା କରାଯାଉଛି ଯେ ଏହି ପାର୍କଗୁଡିକ ବୟନ ଶିଳ୍ପର ପ୍ରତିଯୋଗିତାକୁ ବଢ଼ାଇବ ଏବଂ ଏହା ଅର୍ଥବ୍ୟବସ୍ଥାକୁ ବିକଶିତ କରିବାରେ ସାହାଯ୍ୟ କରିବ ଏବଂ ଭାରତରେ ଉତ୍ପାଦନ ପାଇଁ ବିଶ୍ୱର ଅନ୍ୟମାନଙ୍କୁ ଆକର୍ଷିତ କରିବ । ପିଏମ ମିତ୍ର ପାର୍କଗୁଡିକ ବିଶ୍ୱସ୍ତରୀୟ ଔଦ୍ୟୋଗିକ ଭିତ୍ତିଭୂମି ସୃଷ୍ଟି କରିବାରେ ସହାୟକ ହେବ ଯାହାକି ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ବିନିଯୋଗ (ଏଫଡିଆ) ସହିତ ବୃହତ ପରିମାଣର ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବ ଏବଂ ଏହି କ୍ଷେତ୍ର ମଧରେ ନିବେଶ ଏବଂ ନିଯୁକ୍ତି ସୃଷ୍ଟି ପାଇଁ ପ୍ରୋତ୍ସାହନ ଯୋଗାଇ ଦେବ । ବୟନ ମନ୍ତ୍ରଣାଳୟ ଏହି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ଉପରେ ତଦାରଖ କରିବ । ପ୍ରତ୍ୟେକ ପାର୍କ ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମାଲିକାନାରେ ଥିବା ଏକ ଏସପିଭି ପ୍ରତିଷ୍ଠା କରାଯିବ ଯାହା ପ୍ରକଳ୍ପର କାର୍ଯ୍ୟକାରିତାକୁ ତଦାରଖ କରିବ । ବୟନ ମନ୍ତ୍ରଣାଳୟ ୫ ଶହ କୋଟି ଟଙ୍କା ପର୍ଯ୍ୟନ୍ତ ବିକାଶ ପୁଞ୍ଜି ସହାୟତା ଆକାରରେ ଆର୍ଥିକ ସହାୟତା ପ୍ରଦାନ କରିବ । ଦ୍ରୁତ କାର୍ଯ୍ୟକାରିତାକୁ ପ୍ରୋତ୍ସାହିତ କରିବା ପାଇଁ ପିଏମ୍ ମିତ୍ର ପାର୍କରେ ଥିବା ୟୁନିଟ୍‌ଗୁଡିକୁ ପ୍ରତି ପାର୍କ ପିଛା ତିନି ଶହ କୋଟି ଟଙ୍କା ପର୍ଯ୍ୟନ୍ତ ଏକ ପ୍ରତିଯୋଗୀ ପ୍ରୋତ୍ସାହନ ସହାୟତା (ସିଏସ୍‌ଏସ୍) ପ୍ରଦାନ କରାଯିବ । ମାଷ୍ଟର ଡେଭଲପର୍ ଏବଂ ନିବେଶକ ୟୁନିଟ୍‌ଗୁଡିକ ପାଇଁ ଅତିରିକ୍ତ ପ୍ରୋତ୍ସାହନ ନିଶ୍ଚିତ କରିବାକୁ ଅନ୍ୟ ଜିଓଆଇ ସ୍କିମ୍ ସହିତ ସମନ୍ୱୟ ସୁବିଧା ମଧ କରାଯିବ । ରାଜ୍ୟ ସରକାର ଅତି କମରେ ଏକ ହଜାର ଏକର ଜମି ପ୍ରଦାନ କରିବେ ଏବଂ ଏହା ସହିତ ସମସ୍ତ ୟୁଟିଲିଟି, ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ଏବଂ ଜଳ ଉପଲବ୍ଧତା ଏବଂ ବର୍ଜ୍ୟ ଜଳ ନିଷ୍କାସନ ବ୍ୟବସ୍ଥା, ଏକ ପ୍ରଭାବଶାଳୀ ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସ ସହିତ ଏକ ସୁବିଧାଜନକ ଏବଂ ସ୍ଥିର ଶିଳ୍ପ / ବୟନ ନୀତିର ବ୍ୟବସ୍ଥା କରିବେ ।

## ବ୍ରହ୍ମପୁର ହର୍ବାଲ୍ ମେଳା ଦ୍ୱିତୀୟ ଦିନରେ

ଗଞ୍ଜାମ, ୧୮/୦୩ (ନି.ପ୍ର): ବ୍ରହ୍ମପୁର ହର୍ବାଲ୍ ମେଳାର ଦ୍ୱିତୀୟ ଦିନରେ ଆଜି ବିଭିନ୍ନ ଷ୍ଟଲରେ ଲୋକଙ୍କ ସମାଗମ ପରିଲକ୍ଷିତ ହୋଇଛି । ଏହି ଷ୍ଟଲ୍ ଗୁଡିକରେ ବିଭିନ୍ନ ଆର୍ୟୁବେଦିକ ଔଷଧ, ଚେରମୂଳି, ଔଷଧ ଚାରା ଏବଂ ଆୟୁର୍ବେଦିକ ଚିକିତ୍ସା ସମ୍ବନ୍ଧିତ ପୁସ୍ତକ ପ୍ରଦର୍ଶନ ସହ ବିକ୍ରୀ କରାଯାଉଛି । ଓଡ଼ିଶାର ବିଭିନ୍ନ ଜିଲ୍ଲା ଏବଂ ସ୍ଥାନୀୟ ଅଂଚଳରୁ ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ବୈଦ୍ୟ, ଜଡ଼ିବୁଟି ଚିକିତ୍ସକ, ଔଷଧ ପ୍ରସ୍ତୁତକାରୀ ସଂସ୍ଥା ଏଥିରେ ଯୋଗ ଦେଇଛନ୍ତି । ମେଳାରେ ଆୟୁର୍ବେଦିକ ଡାକ୍ତର ମାନେ ରୋଗୀଙ୍କ ଚିକିତ୍ସା ସହ ପରାମର୍ଶ ଓ ଔଷଧ ପ୍ରଦାନ କରୁଛନ୍ତି । ବିଭିନ୍ନ ରୋଗ ସମ୍ପର୍କରେ ଆଲୋଚନାଚକ୍ର ସହ ସଚେତନତା ଓ ଚିକିତ୍ସା ସମ୍ବନ୍ଧୀୟ କର୍ମଶାଳା ଆୟୋଜିତ ହେଉଛି । ପ୍ରତ୍ୟେହ ସଂନ୍ଧ୍ୟାରେ ଆଲୋଚନାଚକ୍ର ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଗତକାଲି ସଂନ୍ଧ୍ୟାରେ ଅତିଥି ଭାବେ ବ୍ରହ୍ମପୁର ମହାନଗର ନିଗମର ମେୟର୍ ସଂଘମିତ୍ରା ଦଳେଇ, ବିଧାୟକ ବିକ୍ରମ କୁମାର ପଣ୍ଡା, ରାଜ୍ୟ କାଜୁ ନିଗମ ଅଧକ୍ଷ ସୁବାଷ ଚନ୍ଦ୍ର ମହାରଣା, ରାଜ୍ୟ ଔଷଧିୟ ବୃକ୍ଷ ପରିଷଦର ମୁଖ୍ୟ ପରିଚାଳନା ଅଧିକାରୀ ସୁଦୀପ ନାୟକ ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ । ଏହି ମେଳା ଆସନ୍ତା ୨୦ ତାରିଖରେ ଉଦଯାପିତ ହେବ । ଏଠାରେ ଉଲ୍ଲେଖଯୋଗ୍ୟ, ୨୦୦୯ ମସିହାରୁ ବ୍ରହ୍ମପୁର ସହରରେ ଆୟୋଜିତ ହୋଇ ଆସୁଛି ହର୍ବାଲ୍ ମେଳା ।

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



**ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

**ଭାଗ-୧୧୩**
(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଏହି ଦୃଶ୍ୟ ମଧ୍ୟରୁ କିଛି ସମୟ ପାଇଁ ଚାଲିଆସି ଦିନ ପ୍ରାୟ ୧୦ଟା ବେଳେ ଶ୍ୟାମାକୁ ନେଇ ରିକ୍ସାରେ ଡାକ୍ତର ଦୁଖନରାମ୍‌ଙ୍କ ଘରକୁ ଯାଉଥିବା ସମୟରେ ପାଟଣାର ମଇଦାନ (ବର୍ତ୍ତମାନ ଏହାର ନାମ ଗାନ୍ଧୀ ମଇଦାନ) ନିକଟରେ ଗୋଟିଏ ବିରାଟ ଶୋଭାଯାତ୍ରା ଯାଉଥିବା ଦେଖିଲି। ପୋଲିସ ସେମାନଙ୍କୁ ଅଟକାଇଲେ। ଶୋଭାଯାତ୍ରାରେ ଥିବା ସମସ୍ତେ 'ଇନ୍‌କିଲାବ ଜିନ୍ଦାବାଦ୍', 'ପୋଲିସ ହମାରେ ଭାଇ ହେଁ', 'ନୌକରୀ ଛୋଡ଼ ଦୋ' ଇତ୍ୟାଦି ସ୍ଲୋଗାନ ଉଚ୍ଚାରଣ କରୁଥିଲେ । ଦେଖିଲି, କେତେଜଣ ଭାରତବାସୀ ପୋଲିସ ଅଫିସର ସଦର୍ପରେ ଇତସ୍ତତଃ ଶୋଭାଯାତ୍ରା ସମ୍ମୁଖରେ ପଦଚାରଣ କରୁଅଛନ୍ତି। ଏମାନେ ସେମାନଙ୍କୁ ଚାଲିଯିବା ସକାଶେ ଆଦେଶ କଲେ। ତଥାପି ଏହି ସମସ୍ତ ଶ୍ଳୋକସହ କଳରବରେ ଆକାଶ ନିନାଦିତ ହେଉଥାଏ। ପୋଲିସର ଆଦେଶ ଅମାନ୍ୟ ହେଉଥିବା ଦେଖି ଜଣେ ଅଫିସର ସେମାନଙ୍କ ଉପରେ ଲାଠି ଚଳାଇବା ଆଦେଶ ଦେଲେ। ତଥାପି 'ପୋଲିସ ହମାରେ ଭାଇ ହେଁ' ଇତ୍ୟାଦି ରବରେ ଚତୁର୍ଦ୍ଦିଗ ମୁଖରିତ ହେଉଥାଏ। ଜନତା ମଧ୍ୟରେ ସମ୍ପୂର୍ଣ୍ଣ ଶାନ୍ତି ଓ ଶୃଙ୍ଖଳା ବିରାଜମାନ। ଅଳ୍ପଦୂରରେ ଛିଡ଼ାହୋଇ ମୁଁ ଏହି ଦୃଶ୍ୟ ଉପଭୋଗ କରୁଥାଏ। ଅଳ୍ପ ସମୟ ମଧ୍ୟରେ ପୋଲିସ ଦଳ ମଧ୍ୟରେ ଉପସ୍ଥିତ ସମସ୍ତ ସିପାହି ସ୍ୱ ସ୍ୱ ହସ୍ତସ୍ଥ ଲାଠି ଓ ମୁଣ୍ଡର ପଗଡ଼ି ଭୂମିଉପରେ ସ୍ଥାପନକରି ଓ ତାହା ଉପରେ ମୁଣ୍ଡ ଲଗାଇ ଉଠି ପଛକୁ ଚାଲିଗଲେ ଓ ଶୋଭାଯାତ୍ରୀଙ୍କ ସଙ୍ଗେ ମିଶିଗଲେ। କଂଗ୍ରେସ ଶ୍ଳୋକୋଚ୍ଚାରଣଜନିତ କଳରବ ଏମାନଙ୍କ ଉନ୍ମାଦନାଜନିତ ଚିତ୍କାରରେ ମିଶି ପୁଣି ଆକାଶ ବିଦୀର୍ଣ୍ଣ କଲା। କିଛି ସମୟପରେ ଗୁର୍ଖା ପୋଲିସ ଆସି ଲାଠି ଚାଳନାଦ୍ୱାରା ସେମାନଙ୍କୁ ଘଉଡ଼ି ଦେଲେ। ଅଶ୍ୱାରୋହୀ ପୋଲିସ ସେମାନଙ୍କ ପଛରେ ଅଶ୍ୱଚାଳନ କରିବାକୁ ଲାଗିଲେ। ତତ୍ପରେ ଶୋଭାଯାତ୍ରା ସନ୍ନିକଟସ୍ଥ 'ଗୋଲଘର' ଆଡ଼କୁ ଯିବାକୁ ଲାଗିଲା। ବାଙ୍କିପୁର ବାଳିକା ହାଇସ୍କୁଲ ନିକଟକୁ ଗଲାବେଳକୁ ଜନତା ଆହୁରି ବୃଦ୍ଧିହେବାକୁ ଲାଗିଲା । ବାଳିକାପୂର୍ଣ୍ଣ ଗୋଟିଏ ମୋଟର ଲରୀ ସେଠାରେ ଅଟକିଗଲା। ଦୂରରୁ ଦେଖିଲି, ବାଳିକାମାନେ ତହିଁରୁ ଓହ୍ଲାଇଗଲେ ଓ ସ୍କୁଲକୁ ନଯାଇ ଶୋଭାଯାତ୍ରାରେ ଯୋଗଦେଲେ। ଏ ସମସ୍ତ ଦୃଶ୍ୟ ଦେଖି ଦେଖି ମୁଁ ପଛରେ ଅଳ୍ପଦୂରରେ ରହିଚାଲିଥାଏଁ। କିଛି ସମୟ ପରେ ବସାକୁ ଫେରିଗଲି।

ସନ୍ଧ୍ୟାବେଳକୁ ଶୁଣିଲି, ପ୍ରାୟ ପଚାଶ ହଜାର ଲୋକ ପାଟଣା ସେକ୍ରେଟାରୀଏଟ୍ ଆକ୍ରମଣ କରି ତାହା ଉପରେ କଂଗ୍ରେସ ପତାକା ଉଡ଼ାଇ ଦେଲେ। ଜନତା ଉପରେ ଗୁଳି ଚାଲିଲା ଓ ଏହା ଫଳରେ କେତେକ ଲୋକ ନିହତ ହୋଇଅଛନ୍ତି ଓ କେତେକ ଆହତ ହୋଇ ଡାକ୍ତରଖାନାକୁ ଅଣାହୋଇ ଅଛନ୍ତି। ସୁଷମା ଡାକ୍ତରଖାନାକୁ ବାହାରିଲା ଓ ମୁଁ ତାହା ସଙ୍ଗେ ସଙ୍ଗେ ଗଲି। ସେଠାରେ ଶୁଣିଲି, ପୋଲିସ ଗୁଳିରେ ୭ଜଣ ହତ ହୋଇଅଛନ୍ତି। କି ଲୋମହର୍ଷଣ କାଣ୍ଡ! ଆହତ ବ୍ୟକ୍ତିଗଣ ଯେତେବେଳେ ଗାଡ଼ି, ଟମ୍ଟମ୍ ଓ ରିକ୍ସାରେ ବୁହାହୋଇ ଆସୁଥିଲେ ମୁଁ ଡାକ୍ତରଖାନା ସମ୍ମୁଖସ୍ଥ ମୁକ୍ତ ସ୍ଥାନରେ ଉପସ୍ଥିତ ଥିଲି। ସେମାନଙ୍କୁ ଦେଖି କାହାର ଚକ୍ଷୁରୁ ଯେ ଅଶ୍ରୁ ନିର୍ଗତ ହୋଇନଥିଲାନ୍ତ ନୁହେଁ। ଡାକ୍ତରଖାନାରେ ସୁଦ୍ଧା ଜନତା ସେହି ସମୟରେ ଅତ୍ୟଧିକ ହୋଇଥିଲେ। ସମସ୍ତଙ୍କ ମୁଖରେ ବ୍ରିଟିଶ୍ ସରକାରଙ୍କ ପ୍ରତି ନିନ୍ଦାବାଦ କଳରବରେ କର୍ଣ୍ଣ ବଧିର ହେଉଥାଏ। ଦେଖିଲି ପ୍ରାୟ ସମସ୍ତଙ୍କ ଦେହରେ ପେଟ ଓ ଛାତିର ମଧ୍ୟସ୍ଥଳରେ ଗୁଳି ବାଜିଛି। ସମସ୍ତେ ରକ୍ତରେ ଗାଧୋଇ ଯାଇଛନ୍ତି। ଜଣେ ଦୁଇଜଣ ଗାଡ଼ିରୁ ଓହ୍ଲାଇବା ମାତ୍ରକେ ସେମାନଙ୍କ ପ୍ରାଣବାୟୁ ଚାଲିଗଲା। ଆଇନ ହେଉଛି, ଜନତାକୁ ଛତ୍ରଭଙ୍ଗ କରାଇବାକୁ ହେଲେ ପ୍ରଥମରେ ସେମାନଙ୍କୁ ସାବଧାନ କରାଇ ଦିଆହୁଏ ଓ ଯଦି ସେମାନେ ତାହା ଅଗ୍ରାହ୍ୟକରି ଚାଲି ନଯାନ୍ତି ତାହାହେଲେ ଶୂନ୍ୟ ଆବାଜ କରାହୁଏ। ତାହା ଉତ୍ତାରେ ସୁଦ୍ଧା ଜନତା ରହିଥିଲେ ଗୋଡ଼ ଆଡ଼କୁ ଗୁଳି କରାହୁଏ। ଏହି ନିୟମ ଏ କ୍ଷେତ୍ରରେ ଆଦୌ ପାଳିତ ହୋଇନାହିଁ ଓ ଗୁଳି ପେଟ ଓ ଛାତିଉପରେ ବାଜିବାରୁ ଏତେ ପ୍ରାଣ ବିନାଶ ହୋଇଅଛି।

ସନ୍ଧ୍ୟାରେ ମେଡିକାଲ କଲେଜର ପ୍ରିନ୍‌ସପାଲ୍ ଡାକ୍ତର ତ୍ରିଦିବନାଥ ବାନାର୍ଜୀଙ୍କ ସଙ୍ଗେ ସାକ୍ଷାତ ହେଲା। ସୁଷମାକୁ ନେଇ ଘରେ ରଖିବାକୁ ସେ ମୋତେ ପରାମର୍ଶ ଦେଲେ ଓ କହିଲେ ଯେ ଛାତ୍ରୀମାନଙ୍କ ହଷ୍ଟେଲ୍ ସେ ବନ୍ଦ କରିଦେଉଛନ୍ତି ଓ ଯେଉଁ ଦୁଇଜଣ ଓଡ଼ିଆ ଛାତ୍ରୀ ଥିଲେ ସେମାନଙ୍କୁ ନେଇ କିଛିଦିନ ମୋ ବସାରେ ରଖିବାକୁ ଅନୁରୋଧ କଲେ। ତହିଁରେ ମୋର ଆପତ୍ତି ନଥିବା କହିଲି। ତହିଁରୁ ତାଙ୍କ ଗାଡ଼ିରେ ଆମ୍ଭେ ଦୁହେଁ ମେଡ଼ିକାଲ୍ କଲେଜ ହତା ଭିତରେ ଥିବା ହଷ୍ଟେଲକୁ ଆସିଲୁ। ତାଙ୍କ ପରାମର୍ଶାନୁଯାୟୀ ଜଣେ ରାଜି ହେବାରୁ ତାକୁ ମୋ ବସାକୁ ଆଣିଲି। ଅପରଛାତ୍ରୀଟି ହଷ୍ଟେଲ ବାହାରେ କୌଣସିଠାକୁ ଯିବାନାହିଁ ବୋଲି ପ୍ରତିଶ୍ରୁତି ଦେଇ ସେଠାରେ ରହିଲା।

ପ୍ରୋକ୍ତ ଛାତ୍ରୀ ସହିତ ସନ୍ଧ୍ୟା ପ୍ରାୟ ସାତଟାରେ ବସାକୁ ଫେରିଆସି ଦେଖିଲି, ପାଟଣା କଲେଜର ଛାତ୍ର ରାଧାନାଥ ରଥ ସଂଜ୍ଞାଶୂନ୍ୟ ହୋଇ ଆମ୍ଭ ବସାରେ ପଡ଼ିଛନ୍ତି। ବୁଝିଲି ସେ ସେକ୍ରେଟାରୀଏଟ୍ ଆକ୍ରମଣକାରୀ ଜନତା ମଧ୍ୟରେ ଥିବା ସମୟରେ ଜଣେ ପୋଲିସବାଲା ତାଙ୍କୁ ଧକ୍କା ଦେଇ ତଳେ ପକାଇ ଦେଇଥିବାରୁ, ମୁଣ୍ଡ ତଳେ ବାଜି ତାଙ୍କ ମୂର୍ଚ୍ଛା ହୋଇଅଛି, ଘନ ଘନ ପ୍ରଳାପ ହେଉଅଛି। ସୁଷମା ଓ ନିରୁପମା ତାଙ୍କ ପାଖରେ ବସି ତାଙ୍କ ଶୁଶ୍ରୂଷା କରୁଅଛନ୍ତି; ତାଙ୍କୁ ଔଷଧ ଦିଆହେଉଅଛି ଓ ମୁଣ୍ଡରେ ଥଣ୍ଡା ଉପଚାର କରାହେଉଛି। ଆମ୍ଭେମାନେ ଅତ୍ୟନ୍ତ ଉଦ୍‌ବେଗପୂର୍ଣ୍ଣ ହୃଦୟରେ ତାଙ୍କୁ ଜଗିରହି ଶୁଶ୍ରୂଷା କରିବାକୁ ଲାଗିଲୁ। ପୋଷ୍ଟ ଗ୍ରାଜୁଏଟ୍ ହଷ୍ଟେଲ୍‌ରୁ ତାଙ୍କ ସହାଧ୍ୟାୟୀମାନେ ଆସିଲେ ଓ ତାଙ୍କୁ ଡାକ୍ତରଖାନାକୁ ନେବାପାଇଁ ପରାମର୍ଶ ଦେଲେ। କିନ୍ତୁ ସେତେବେଳେ ତାଙ୍କ ଅବସ୍ଥା ଏତେ ଉଦ୍‌ବେଗଜନକ ହୋଇଥିଲା ଯେ ତାଙ୍କୁ ସ୍ଥାନାନ୍ତରନେବା ବିପଦବୋଧହେଲା। ଯାହାହେଉ ରାତି ଯାକର ଯତ୍ନ ଓ ଶୁଶ୍ରୂଷାରେ ରାତି ପାହିଲାବେଳକୁ ତାଙ୍କ ସଂଜ୍ଞା ଫେରିଆସିଲା। କ୍ରମେ କ୍ରମେ ସେ ସୁସ୍ଥ ହେଲେ। ଏଥିସକାଶେ ଆମ୍ଭମାନଙ୍କ ସହିତ ଆମ୍ଭମାନଙ୍କ ବସାରେ କେତେକ ଦିନ ତାଙ୍କୁ ରହିବାକୁ ହୋଇଥିଲା। ଏହି ରାଧାନାଥ ବର୍ତ୍ତମାନ ଉତ୍କଳ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ଅଧ୍ୟାପକ ଡକ୍ଟର ରାଧାନାଥ ରଥ।

ଗଣ୍ଡଗୋଳର ଚତୁର୍ଥ ଦିବସ ୧୨ ତାରିଖ। ଆନ୍ଦୋଳନ ଛାତ୍ରମାନଙ୍କଠାରୁ ଯାଇ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରବେଶ କଲାଣି। ଅନେକ ଲୋକ ବୁଲି ବୁଲି ଗୋଳମାଳ କରୁଛନ୍ତି। ଜଣାଗଲା ପାଟଣା ଜଙ୍କସନ୍ ଷ୍ଟେସନ ପାଖରେ ପ୍ରାୟ ୨୦ ହଜାର ଲୋକ ଜମା ହୋଇ ପୋଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କ ମୋଟରଗାଡ଼ି ଭାଙ୍ଗିଦେଇ ତାଙ୍କୁ ପ୍ରହାର କରିଛନ୍ତି । ଷ୍ଟେସନର ଅନେକ ଜିନିଷ ନଷ୍ଟ କରିଦେଇଛନ୍ତି। ଦୁଇଗୋଟି ପୋଲିସ ଲରୀ ଭାଙ୍ଗିଦେଇଛନ୍ତି। ଜେଲଖାନା ଫିଟାଇ କଏଦୀମାନଙ୍କୁ ମୁକ୍ତ କରିଦେବେ ବୋଲି ଯାଇଥିଲେ କିନ୍ତୁ ସେଠାରେ ଆବଦ୍ଧ ବାବୁ ରାଜେନ୍ଦ୍ର ପ୍ରସାଦଙ୍କ ଇଙ୍ଗିତରେ ସମସ୍ତେ ସେଠାରୁ ଚାଲିଗଲେ। ପାଟଣା ଜିଲା ମାଜିଷ୍ଟ୍ରେଟ୍ ଆଜର୍ ସାହେବ ଦିନଯାକ ଜେଲଖାନା ଭିତରେ ଲୁଚି ରହିଥିଲେ।

୧୩ ତାରିଖ ସକାଳେ ମେନ୍‌ରୋଡ଼, ଲୋଅର୍ ରୋଡ଼, ଖଜାଞ୍ଚି ରୋଡ଼ ଆଡ଼େ ବୁଲିଆସିଲି। ସର୍ବତ୍ର ଟେଲିଗ୍ରାଫ୍ ଓ ଟେଲିଫୋନ୍ ଲାଇନ୍ ତାରମାନ କଟାହୋଇଛି ଓ ସ୍ଥାନେସ୍ଥାନେ କଟା ହୋଇଥିବା ଗୋଛାଗୋଛା ତାର, ସଡ଼କର ଉଭୟ ପାର୍ଶ୍ୱରେ ଥିବା ଖମ୍ବମାନଙ୍କରେ ବନ୍ଧାହୋଇ ସଡ଼କ ବନ୍ଦ କରାହୋଇଅଛି। ଅନେକ ସ୍ଥାନରେ ସଡ଼କମାନ ଖୋଳା ହୋଇଅଛି ଓ ସଡ଼କ ପାଖରେ ଗଛମାନ କଟାହୋଇ ଗଣ୍ଡିମାନ ପକାହୋଇ ସଡ଼କ ବନ୍ଦ କରାହୋଇଅଛି।

❤ (କ୍ରମଶଃ)

# ମୋ ଗାଁ ଅଁଳାଡୁବା ୮



## ବିପିନ୍ କାନୁନ୍‌ଗୋ, ଗାଳ୍ପିକ

ପିଲାବେଳ, ଧୂଳିଖେଳ, ସ୍ୱପ୍ନର ସକାଳ ଯୋଉଠି ମୋର ସାକାର ହେଇଥିଲା ସିଏ ଥିଲା ମୋ ଗାଁ, ମୋ ଜନ୍ମମାଟି, ମୋର ଅତି ଆପଣାର । ଜାଙ୍ଗୁଲୁ ଜାଙ୍ଗୁଲୁ ଅନ୍ଧାରକୁ ତଡି ରାତି ପାହିଲେ ପୂର୍ବ ପଟ ପାହାଡରୁ ନାଲି ମୁରୁଜ ବୁଣି ବୁଣି ସୂର୍ଯ୍ୟ ଆସି ଯୋଉଠି ମୁହୂର୍ତ୍ତେ ଅଟକୁଥିଲା ଆଉ ସଂଜ ବୁଡିଲେ ନଣ୍ଡା ପାହାଡ ସେ କଡେ ଲୁଚିଲା ଆଗରୁ ଯୋଉ ଭୂଇଁରୁ ବିଞ୍ଚିଥିବା ମୁରୁଜ ପୋଛି ପୋଛି ତୋଳି ନଉଥିଲା ନିବୁଜ ଅନ୍ଧାରକୁ ଡରି, ସେ ଭୂଇଁ ମୋ ଜନ୍ମଭୂଇଁ, ମୋ ଗାଁ । ମୃଦୁମନ୍ଦ ମଳୟ ସାଙ୍ଗରେ ଋତୁରାଜ ବସନ୍ତ ଆସି ଶାଳ ଫୁଲ ମହୁଲ ଫୁଲ ମଲ୍ଲୀ ମାଳତୀର ଫେଣ୍ଟା ଫେଣ୍ଟି ବାସ୍ନା ଶୋଷି ଯୋଉଠି ଆତ୍ମହରା ହେଇ ପଡୁଥିଲା ଆଉ ବାଟବଣା ହଉଥିଲା, ନିଦାଘ ଗ୍ରୀଷ୍ମ ଝାଳ ମାରିବାକୁ ଆସି ମାଳମାଳ ଶାଳଗଛ ଆଉ ତୋଟା ମାଳଭିତରେ ଯୋଉଠି ଲୁଚିଯାଉଥିଲା, ରିମ୍‌ଝିମ୍ ବର୍ଷା ଆସିଲେ ଯୋଉ ମାଟିକୁ ଗୋଟିପଣେ ଓଦା କରି ସବୁଜ ଶାଢୀ ପିନ୍ଧେଇ ଦଉଥିଲା, ହାଡଭଙ୍ଗା ଶୀତ ଆଶ୍ରୟ ଖୋଜି ଖୋଜି ଯୋଉଠି ରାତି ରାତି କଟେଇ ଦଉଥିଲା ସେଇଠି ଜନ୍ମ ହେଇଥିଲା ମୋର, ସିଏ ମୋର ଅତି ଆପଣାର, ମୋ ଗାଁ, "ଅଁଳାଡୁବା" ତା' ନାଁ ।

ଆମ ଗାଁ ଥିଲା ଶାଳ ଗଛରେ ପୂର୍ଣ୍ଣ । ବହଳ ଝଙ୍କା ଆମ୍ବଗଛର ତୋଟା ସୃଷ୍ଟି କରୁଥିଲା ବଣର ଭ୍ରମ । ରାତି ହେଲେ ନିରନ୍ଧ୍ର ଅନ୍ଧାର, କୋକିଶିଆଳର ହୁକେ ହୋ, ଡାହାଣୀ ଆଲୁଅ, କେହି ହେଲେ କେବେ ଦେଖିନଥିବା "ବନ୍ଦରିଆ"ର ଡର, ଯିଏ ଗାଁକୁ ଗାଁ ବୁଲି ଛୋଟ ପିଲାଙ୍କୁ ତା ମୁଣାରେ ଭର୍ତ୍ତିକରି କରି ଚୋରେଇ ନଉଥିଲା । ଯାହା ଡରରେ ମତେ ଖମ୍ବଆଳୁ ଲଗାଯିବା ପାଇଁ ଖୋଳା ହେଇଥିବା ଲମ୍ବା ଚଉଡା ଗଭୀର ଖନ୍ଦା ଭିତରେ ମା' ବେଳେବେଳେ ଲୁଚେଇ ଦଉଥିଲା, ସଂଜ, ରାତିରେ ପରିଣତ ହେଲାମାତ୍ରେ ପାଠ ପଢା ପିଲା ନଥିବା ଘରମାନଙ୍କରେ ଡିବିରି ଆଲୁଅ ଲିଭିଯାଇ ନିବୁଜ ଅନ୍ଧାରରେ ଚଦର ଘୋଡେଇ ଯୋଉ ଗାଁ ଶୋଇ ପଡୁଥିଲା, ସିଏ ମୋ ଗାଁ ।

> **ଗାଁ ଚାଟଶାଳୀରେ ସ୍ୱରବର୍ଣ୍ଣ ମଡେଇଲା ଭିତରେ ଆସିଥିଲା ୧୯୪୭, ସାଥିରେ ନେଇ ଅଗଷ୍ଟ ପନ୍ଦର । ଅବଧାନେ ଘୋଷଣା କଲେ ଆମ ଦେଶ ସ୍ୱାଧୀନ ହେଲା । ବାପୁଜୀଙ୍କ ଲୋକମାନେ ଇଂରେଜମାନଙ୍କୁ ତଡିଦେଲେ । ସମସ୍ତେ ତାଳି ମାରି ଖୁସି ମନେଇଲେ ।**

ଗାଁ ଚାଟଶାଳୀରେ ସ୍ୱରବର୍ଣ୍ଣ ମଡେଇଲା ଭିତରେ ଆସିଥିଲା ୧୯୪୭, ସାଥିରେ ନେଇ ଅଗଷ୍ଟ ପନ୍ଦର । ଅବଧାନେ ଘୋଷଣା କଲେ ଆମ ଦେଶ ସ୍ୱାଧୀନ ହେଲା । ବାପୁଜୀଙ୍କ ଲୋକମାନେ ଇଂରେଜମାନଙ୍କୁ ତଡିଦେଲେ । ସମସ୍ତେ ତାଳି ମାରି ଖୁସି ମନେଇଲେ । ମୁଁ ନାଚି ନାଚି ମୋ ସିଲଟ ସହ ଆଉ ଜଣେ ସାଙ୍ଗର ସିଲଟ ଭାଙ୍ଗିଦେଲି । ମାଡ ଖାଇଲି । ରାତିରେ ଢୋ ଢା ବାଣ ଫୁଟୁଥିଲା । ବାପାଙ୍କ ସାଙ୍ଗରେ ସାଇକେଲ୍‌ରେ ବସି କଚେରୀ ପଡିଆ ଯାଇଥିଲି (ଏବେ ଯୋଉଠି ଚିଲ୍‌ଡ୍ରେନ୍ସପାର୍କ ହେଇଚି, ଆଇ.ଟି.ଡି.ଏ ଅଫିସ୍, ରସ୍ତା, ପି.ଏ.ଙ୍କ କ୍ୱାର୍ଟର୍ସ ହେଇଛି) । ଚାରିଆଡେ ନାଲି ନେଳି ପତାକା, ତ୍ରିରଙ୍ଗା ଉଡୁଥିଲା ଫର ଫର ହେଇ । ସ୍ୱାଧୀନତା ପରେ ବି ମୟୂରଭଞ୍ଜ ରାଜ୍ୟ ଓଡିଶାରେ ମିଶିନଥିଲା । 'ଓଡିଶାରେ ମିଶିବା ନାଇଁ, ବିହାରରେ ମିଶିବା' ସ୍ଲୋଗାନ୍ ଦେଇ ଲୋକଙ୍କର ଲମ୍ବା ଧାଡିର ପ୍ରୋସେସନ୍ ବାହାରୁଥିଲା । ଧନୁଶର ଖଣ୍ଡା ହାତରେ ଧରି ଚାଲୁଥିଲେ ସେମାନେ । ଆଗରେ କେବେ ଘୋଡାରେ ବସି କେବେ ଅବା ଚାଲି ଚାଲି ବେକରେ ଫୁଲ ଫଳର ଲମ୍ବା ମାଳ ଗଳେଇ, ତାଙ୍କ ନେତା ଚାଲୁଥିଲେ । ପିଲାମାନଙ୍କୁ ଭୟ ଗ୍ରାସ କରୁଥିଲା ।

ଆଗରୁ ରାଇରଙ୍ଗପୁର ଥିଲା ଗୋଟିଏ ସ୍ୱାଧୀନ ରାଜ୍ୟ । ଧରୁଆ ବଂଶର ରାଜା ନରେନ୍ଦ୍ର ମହାପାତ୍ର ଏହାକୁ ଶାସନ କରୁଥିଲେ । ମୟୂରଭଞ୍ଜ ମହାରାଜାଙ୍କ ବଶ୍ୟତା ସ୍ୱୀକାର ନକରିବାରୁ ପରେ କୌଶଳ କରି ତାଙ୍କୁ ହତ୍ୟା କରାଯାଇଥିଲା । ତା'ପରେ ରାଇରଙ୍ଗପୁର ମୟୂରଭଞ୍ଜର ଅଂଶ ହେଲା । ପୂର୍ବରୁ ବହଳଦା (୧୮ କି.ମି.ଦୂର) ଠାରେ ଥିବା କୋର୍ଟକଚେରୀ ଉଠି ଆସିଲା ରାଇରଙ୍ଗପୁରକୁ । ୧୯୪୯ରେ ମୟୂରଭଞ୍ଜ ମିଶିଲା ଓଡିଶାରେ । ସେତେବେଳକୁ ଚାଟଶାଳୀରୁ ଆସି ଏଲ୍.ପି. ସ୍କୁଲ୍‌ରେ ପାଠ ପଢୁଥିଲୁ, ଗାଁ ଭିତିରେ, ଗୋଟିଏ କିଲୋମିଟର ଦୂରରେ । ଚାଲି ଚାଲି ସ୍କୁଲ ଆସିଲା ବେଳକୁ ରାସ୍ତା ଦୁଇପଟେ ଛିଡା ହେଇଥିବା ଅଶ୍ୱ , ବର, ଚାକୁଣ୍ଡା, କଦମ୍ବ ଗଛ ସବୁ ଡାଳକୁ ଡାଳ ମିଶେଇ ମେଟାଲ ରାସ୍ତାକୁ ଘରଟିଏ କରିଦେଇଥିଲେ । ସେମିତି ପୂର୍ଣ୍ଣଚନ୍ଦ୍ର ସ୍ମାରକୀ ଉ.ପ୍ରା. ସ୍କୁଲ୍‌କୁ ଆସିଲା ବାଟରେ ବଡ଼ ବଡ଼ ଗଛର ବିରାଟ ପଟୁଆର, ଯେମିତି ଆମ ସାଙ୍ଗେ ଛତା ଧରି ଗଛମାନେ ଚାଲିଛନ୍ତି । ସେ ଗଛ ସବୁ ଏବେ ଆଉ ନାହାନ୍ତି, ୧୯୫୯ ମସିହାରେ ବିଜୁଳି ଆସିଲା ପରେ କିଛି ଗଛ, କିଛି ଗଛର ଡାଳ କଟାଗଲେ । ରାସ୍ତା ତିଆରି, ଘର ତିଆରିରେ ବହୁ ଗଛ ବଳି ପଡିଲେ । ଯାହା ବାକି ଥିଲା ରାସ୍ତା ପ୍ରଶସ୍ତିକରଣ ଯୋଗୁ ହାଣ ଖାଇଲେ ।

ଆମ ଗାଁରେ ଥିଲା ରାଇରଙ୍ଗପୁରର ଏକମାତ୍ର ମଠ, ରଘୁନାଥ ଜୀଉ ମଠ, ଦିଓଟି ଆମ୍ବତୋଟା, ନାଗେଶ୍ୱର ଚମ୍ପା, କାଠ ଚମ୍ପା, ଟଗର, ମଲ୍ଲୀ, ମାଳତୀ, ସେବତୀ ଆଦି ଫୁଲ ଗଛରେ ଭରପୁର । ଛୁଟିଦିନ ସକାଳେ ଦିଅଁ ଦର୍ଶନ ହୁଏ, ଫୁଲ ତୋଳା ହୁଏ । ମଗଜ ଲଡୁଟିଏ ନନା ଦିଅନ୍ତି, ଉପରେ ଧଳା ଫୁଲଟିଏ । ତାଗିଦ୍ ତାଙ୍କ ସାମ୍ନାରେ ଫୁଲ ସହ ଲଡୁ ଖାଇବାକୁ ପଡିବ । ସେତେବେଳେ ବିରକ୍ତି ଲାଗୁଥିଲା ଫୁଲ ଖାଇବା ବାଧକତା କ'ଣ ପାଇଁ । ପରେ ଜାଣିଲି ଧଳା ସଦାବିହାରିଫୁଲ ଖାଇଲେ ଡାଇବେଟିସ୍ ହୁଏ ନାହିଁ । ବଡ଼ ବଡ଼ ଲଡୁ ସାଙ୍ଗକୁ, ଦୋଳ ପୂର୍ଣ୍ଣିମା, ରାମନବମୀ ଆଉ ଦଶହରାକୁ ରକମ ରକମ ପିଠା କାକରା ମିଳେ । ଠାକୁରଙ୍କର ଅଚଳାଚଳ ସମ୍ପତ୍ତି । (କ୍ରମଶଃ)

ରାଇରଙ୍ଗପୁର-୭୫୭୦୪୩
(ମୋ)

## ଆମ ସମୟର କବିତା.....



### ॥ ଆଉ କିଛି ॥

**ବଂଶୀଧର ଷଡ଼ଙ୍ଗୀ**

କବି ମାତ୍ରେ ଇ ଅନ୍ଧ
ସେ ଭୀମ ଭୋଇ ହୁଅନ୍ତୁ କି ସୁର ଦାସ
କିମ୍ବା ମହେନ୍ଦ୍ରନାଥ
ପକ୍ଷାନ୍ତରେ ସବୁ କବିଙ୍କର
ଦୁଇଟି ଆଖି ବ୍ୟତୀତ
ନ ଦେଖା ଯାଉଥିବା

ଆଉ ଗୋଟେ ଆଖି ଥାଏ
ସେଥିରେ ସେମାନେ
ଆଗକୁ ଦେଖି ପାରନ୍ତି ।

ଆଉ ଯୋଉ କବିମାନେ ଅନ୍ଧ
ସେମାନେ ସେମାନଙ୍କ ହୃଦୟ ଭିତରେ
ବହୁତ କିଛି ଦେଖି ପାରିବାର ସମ୍ଭାବନା
ଅଧିକ ଥିବା ଅସମ୍ଭବ ନୁହେଁ ।

ସମୁଦ୍ର ନଈର ଗୋରା ଦେହ
ଦେଖିଲା ବେଳକୁ
ବିଦେହୀ ହେଇଯାଇଥାଏ ନଈ
ମୁହୂର୍ତ୍ତକ ଭିତରେ କଣ ସବୁ

ଏପଟ ସେପଟ ଘଟି ଯାଉଥାଏ ଯେ
ସେସବୁକଥା ଆମ ଜାଣତର ବାହାରେ

ଛୋଟ ଆମ୍ବଗଛ ମୂଳରେ
ପିଲାବେଳେ ପୁଅ ଆମର
ଛୋଟ ଗ୍ଲାସଟିଏରେ
ପାଣି ଦେଇ ବଡ଼ କରିଥିବା ଗଛଟି
ଏବେ ବଉଳରେ ଫାଟି ପଡୁଚି
ହେଲେ ଆମ ପୂର୍ବ ପୁରୁଷ
ମର୍କଟକୁଳ ସେ ବଉଳ ସବୁକୁ
ଧ୍ୱଂସ କରିବାରେ
ସକାଳୁ ସକାଳୁ ଲାଗି ପଡ଼ିଛନ୍ତି ।

ପୋଖରୀ ପାହାଚରେ ଶିଉଳି ଲାଗି ଗଲାଣି
ଆଉ କେହି ବ୍ୟବହାର କରୁ ନାହାନ୍ତି ତ
ତେଣୁ ଗୋଡ଼ ଖସିବା ସ୍ୱାଭାବିକ
ସେଥିପାଇଁ ଖେଦ ନ କରି
ଦେଖି ଚାହିଁ ଓହ୍ଲେଇବାକୁ ପଡ଼ିବ ।

ବେଳେବେଳେ ବନ୍ଦ ଘରର
କବାଟ ଫିଟିଯାଏ ଆପଣା ଛାଏଁ
ଏ ଡାଳରୁ ସେ ଡାଳକୁ ଡେଉଁଥିବା
ପକ୍ଷୀଟିକୁ ଦେଖିଲେ ମନେହୁଏ
ସତେ ଯେମିତି ସିଏ
ଫିଟି ଆସିଚି ଅର୍ଗଳରୁ ।

କିଏ କଣ
ବାନ୍ଧିହେଇ ରହିବାକୁ ପସନ୍ଦ କରେ
ଖାଲି ଶବ୍ଦ ଯୋଖି ବାକ୍ୟ ଗଢ଼ିଦେଲେ
କବିତା ହୁଏନା
ସେଥିପାଇଁ ଆଉ କିଛି
ଆଉ କିଛିର ଲୋଡ଼ା ପଡ଼ିଥାଏ
ସବୁବେଳେ ।

❤ ଗୁହାଳପଡା, ନିମାପଡା, ପୁରୀ

### ॥ ନିଖୋଜ ପ୍ରଜାପତି ॥

**ମାନସ ରଞ୍ଜନ ମହାପାତ୍ର**



ଭାବୁଛି ଆଉ କହିବିନି କଥା
ଲେଖିବିନି ବି କବିତା
ମୁଁ କେଉଁଠି ନାହିଁ
ଆଜିକାଲି
ନା ପୁରୀ ନା କଟକ ନା ଉମରକୋଟ
ନା ଲକ୍ଷ୍ନୌ ନା ଭୁବନେଶ୍ୱର ନା ଦିଲ୍ଲୀ
ନା ଶିଲଂ
କେଉଁଠି ହଜିଗଲି କେଜାଣି !

କିଛି ଅଧାଲେଖା କବିତା
କିଛି ଅଧାକୁହା ଗପ
କିଛି ଅଧାଅଙ୍କା ଚିତ୍ରର କାନଭାସ୍
ମୁଁ ଏକ ଅସରନ୍ତି ଗୀତ

ନିଜ ଭିତରେ ଜଳି ଜଳି ମରିଯିବି
କାହା ସାହାଯ୍ୟ ଦରକାର ନାହିଁ
ଅଲୋଡ଼ା ଅନାମଧେୟ ଲୋକଟିଏ
ପୃଥିବୀର ଶୋଭାଯାତ୍ରାରେ
ମୁଁ ଗାଇପାରୁନି ଗୀତ ଆଗଭଳି
ଲେଖିପାରୁନି ପଦେ ବି
ହେଲେ ବୁଡିଯାଉଥିବା ଜାହାଜକୁ ଛାଡ଼ି
ଯାଇପାରୁନି ଆଗକୁ

ଏ କେମିତି ସକାଳ କହିଲ ?
ଯେଉଁଠି ପ୍ରତି ଶେଷ
ଦେଉଥାଏ ଆରମ୍ଭର ଭ୍ରମ
ଆରମ୍ଭ ହେଉଥାଏ ହେଇପାରୁନଥାଏ

ସରି ଆସୁଛି କି ଏବେ
ମୋ ଦିନ ସବୁ !
ମୋ ସହର ଲୋକେ ଭୁଲିଗଲେଣି କି
ଯେ ମୁଁ ବି ଥିଲି କେବେ ଏଠି----
କେତେ କଷ୍ଟ ଭିଡ଼ରେ ହଜିଯିବା
ଏକାଏକା !
ଚୁପଚାପ୍ ହଜିଯାଉଥିବା
ଫଟୋମାନଙ୍କ ଭିଡ଼ରେ

କିଏ କେଉଁଠି ଅଛ
ଆସ ଭାଇ ,ଆସ
ଖବର ଦିଅ
ହଜିଯାଇଥିବା ଲୋକଟିର
ନିଖୋଜ ଫଟୋମାନଙ୍କରେ !

❤ ପୁରୀ
(ମୋ) ୯୮୯୧୯୪୬୧୭୮

**ଅମ୍ରିତା ସିଂହ**



### ॥ ଜୀବନର ପ୍ରତିଛବି ॥

ଜୀବନ ତ ଏକ ପାଣିର ଫୋଟକା ନିମିଷେ ମିଳେଇଯାଏ
ତନ୍ଦ୍ରା ନିମିଳିତ ନୟନେ ସପନ ନଥାଏ ସକାଳ ଯାଏ
କେବେ କୋଳାହଳ ମୁଖରିତ କେବେ ବିଜନବେଳାର ରାତି
ଝାପସା ଝାପସା ଛାଇ ଆଲୁଅର ଅସରନ୍ତି ଅନୁଭୂତି ।

ଜୀବନ ଏକ ମାଟି ମଲାଟରେ ଯତନେ ଅଙ୍କା ଝୋଟି
ସୃଜନ ସଜ୍ଜିତ ଚିତ୍ରଲିପିର ଅପରୂପ ପରିପାଟୀ
ବ୍ୟଥା ବିଜଡ଼ିତ ବିବସତା ଭରା ବୁକୁତଳା ଦୀର୍ଘଶ୍ୱାସ
ଅନୁତାପ ଆଉ ଆତ୍ମସମୀକ୍ଷାର ମିଶାମିଶା ଅବଶୋଷ ।

ଜୀବନ ଏକ ପରାଜିତ ସୈନ୍ୟ ହୃଦୟର ଆତ୍ମଗ୍ଲାନି
କେବେ ଉତ୍‌ଫୁଲିତ ବିଜୟ ଯାତ୍ରାର ଗର୍ବିତ ପଦଧ୍ୱନି
ଆଶା ଭରସାର ଚିତ୍ରିତ ସକାଳ ଭାବନାର ପ୍ରତିଛବି
ତ୍ୟାଗ ତିତୀକ୍ଷାର ପ୍ରଦୀପଶିଖା ସେ ଜଳୁଜଳୁ ଯାଏ ଲିଭି ।

ଜନମ ମରଣ ମଝିରେ ଜୀବନ ଅଙ୍କାବଙ୍କା ଏକ ନଈ
ସମୟ ସୁଅର ସାଥେ ବହିଯାଏ ଶୂନ୍ୟରେ ବିଲୀନ ପାଇଁ ।

❤ ମାର୍ଫତ- ବସନ୍ତ କୁମାର ସାମଲ, କଳାଶ୍ରୀ
ଯାଜପୁର-୭୫୪୨୯୨
ମୋ: ୯୯୩୮୦୩୪୦୯୪

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୧୯ ମାର୍ଚ୍ଚ, ୨୦୨୩




## ପ୍ରେମରେ ପ୍ରେମରେ ଗୀତି ....(୮୩)



### ॥ ଏବେ ଝୁରୁଛି ମୁଁ ॥

ତୋଟାକୁ ଯିବୁ କୋଳି ଖାଇବୁ
ହୁଁ ମାରିଦେଲୁ ତୁ...
ଫୁଉ କରିଦେଲି
ଆଖି ମୁଦିଦେଲୁ
ବାଘ ମାମୁ ହେଲି ମୁଁ ।

ନାଆଁ ଶୁଣିକି ବାଘ ମାମୁର
ଡରିଲୁ ନାହିଁ ତୁ
କୋଳି ଖାଇବୁ ଜିଦି କରିଲୁ
ତୋଟାକୁ ଗଲି ମୁଁ
ସେ ଯେଉଁ କୋଳି ଖୋଇଲୁ ମୋତେ
ଏବେ ଝୁରୁଛି ମୁଁ ।

ଡର ବି ଥିଲା ପ୍ରେମ ବି ଥିଲା
ଥିଲା ବି ଲାଜ ମିଶା,
ବାଘ ମଞ୍ଜାରି ଖେଳରେର ତୋ'ର
ସେସେଠୁ ହେଲା ନିଶା,
କୋଳି ଖାଇବା ନାଆଁ ଶୁଣିଲେ
ମୁଁ ମାରୁଥିଲି ହୁଁ ।

■ ବିପିନ ମହାନ୍ତି




♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧


## ମୁଁ ଓଡ଼ିଆ - ମୋ ଭାଷା ବଢ଼ିଆ

**ଡକ୍ଟର ମନୋରଞ୍ଜନ ବିଷୋୟୀ**



ପ୍ରତ୍ୟେକ ଜାତିର ଭାଷା ହେଉଛି, ସେହି ଜାତିର ଅମୂଲ୍ୟ ସଂପଦ । ଏହାକୁ ନେଇ ଜାତି ଗର୍ବ କରେ, ତା'ର ଅନ୍ତରାତ୍ମାରେ ଭରିଯାଏ ସ୍ୱାଭିମାନ । ଓଡ଼ିଶା ଆମର ରାଜ୍ୟ । ଓଡ଼ିଆ ଏଇ ଜାତିର ହାର୍ଦ୍ଦିକ ଭାବସ୍ପନ୍ଦକୁ ବହନ କରେ । ଓଡ଼ିଆ ହୃଦୟବୀଣାର ଏହା ମଧୁଝଙ୍କାର । ଓଡ଼ିଶାର ସ୍ୱାଭିମାନର ଅସ୍ତ୍ର- ଓଡ଼ିଆ ଭାଷା । ତେଣୁ ମାତୃଭୂମି ପରି ଓଡ଼ିଆ ଭାଷା ମଧ୍ୟ ବନ୍ଦନୀୟ ।

"ଉଚ୍ଚ ହେବା ପାଇଁ କର ଯେବେ ଆଶା,
ଉଚ୍ଚ କର ଆଗେ ନିଜ ମାତୃଭାଷା ।"

ବାସ୍ତବିକ ସ୍ୱଭାବକବି ଗଙ୍ଗାଧରଙ୍କର ଏହି ଉକ୍ତିଟି ଉତ୍କଳର ପ୍ରତ୍ୟେକ ପାଠକ ପାଠିକାଙ୍କର ସ୍ମରଣୀୟ ହେବା ଉଚିତ । ଭାଷା ମଣିଷ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଆଜି ସମସ୍ତଙ୍କ ଅନୁଭବର ବିଷୟ । ହେଲେ ଉତ୍କଳବାସୀ ଆଜି ନିଜେ ନିଜର ମାତୃଭାଷା ପ୍ରତି ଘୃଣାଭାବ ପୋଷଣ କରି ଚାଲିଛନ୍ତି । ଯେଉଁ ମାଟିରେ ତାର ଜନ୍ମ, ଯେଉଁଠି ସେ ଖେଳି କୁଦି ମଣିଷ ହୋଇଛି, ତାରି ପାଣି ପବନରେ ସେ ବଢ଼ିଛି, ତାର ଅବଦାନକୁ ଭୁଲି ସେହି ମାଟି ମାଆର ଭାଷାକୁ ତୁଣ୍ଡରେ ଧରିବାକୁ କୁଣ୍ଠାବୋଧ କରୁଛି । ଓଡ଼ିଆ ବୋଲି ନିଜର ପରିଚୟକୁ ଲୁଚାଇ ରଖିଛି । ସେ ବୁଝିପାରୁନାହିଁ ଯେ ଏକ ଜାତିର ପ୍ରଗତି ମୂଳରେ ଭାଷାହିଁ ବିଦ୍ୟମାନ । ଯେଉଁ ଜାତିର ଭାଷା ଯେତେ ଉନ୍ନତ ସେ ଜାତି ସେତେ ବିଭବଶାଳୀ । ବ୍ୟାସକବି ଫକୀରମୋହନଙ୍କ ଭାଷାରେ-

"ପୁରୁଷ ଶ୍ରୀ ଅଟେ ବୀର୍ଯ୍ୟଜାତି ଶିରୀ ଭାଷା
ଯାହା ଘେନି-ଜାତି କରେ ଉନ୍ନତି ପ୍ରତ୍ୟାଶା
ଭାଷା ହିଁ ଜୀବନ ଶକ୍ତି ଜାତିମାନଙ୍କର
ଯେଉଁ ଜାତି ଭାଷା ହୀନ ସେ ଜାତି ବର୍ବର ।"

ପ୍ରତ୍ୟେକ ଜାତି ନିଜ ନିଜର ମାତୃଭାଷାକୁ ଉଚ୍ଚାସନ ଦେବାରେ ବ୍ୟାକୁଳ ଥିଲାବେଳେ, ଓଡ଼ିଆ ଜାତି ନିଜର ମାତୃଭାଷା ପ୍ରତି ଏପରି ବୈମାତୃକ ମନୋଭାବ ପୋଷଣ କରେ କାହିଁକି ? ସେ ତା'ର ଭାଷାକୁ ସମ୍ମାନ ଦେଇ ନିଜକୁ ଗୌରବାନ୍ୱିତ କରିବାକୁ କୁଣ୍ଠାବୋଧ କରେ କାହିଁକି ? ଅତୀତରେ ମାତୃଭାଷା ପ୍ରତି ଓଡ଼ିଆମାନଙ୍କର ମନୋଭାବ ହିଁ ଉତ୍କଳର ଯୋଗ୍ୟତମ ସୁତଗଣକୁ ଘୋର ଅପମାନ ଦେଇଥିଲେ । ତେଣୁ ଗଙ୍ଗାଧର ଲେଖିଥିଲେ-

"ମାତୃଭାଷା ପୋଥି ଛୁଇଁବାକୁ କରେ
ଅନ୍ୟ କେଉଁ ଜାତି ଲଜ୍ଜାବୋଧ କରେ ।"

ମାତୃଭାଷା ପ୍ରୀତିର ଜ୍ୱଳନ୍ତ ଉଦାହରଣ ଇତିହାସ ପୃଷ୍ଠାରେ ବିରଳ ନୁହେଁ । ସଂସ୍କୃତ ପରି ସମୃଦ୍ଧ ଭାଷା ଥାଇ ମଧ୍ୟ ବୁଦ୍ଧ, ମହାବୀର, ଅଶୋକ ପ୍ରଭୃତି ମହାପୁରୁଷମାନେ ଲୋକଭାଷାରେ ଧର୍ମ ପ୍ରଚାର କରିଥିଲେ। ସେମାନେ ଜାଣିଥିଲେ ଲୋକଙ୍କ ମନକୁ ଛୁଇଁବା ପାଇଁ ମାତୃଭାଷା ହିଁ ପ୍ରକୃଷ୍ଟ ମାଧ୍ୟମ । ଅନ୍ୟ ଭାଷା ହେଉଛି ବାହାରେ ବୋଳା ଯାଉଥିବା ଔଷଧ, ମାତ୍ର ମାତୃଭାଷା ହେଉଛି ଇଞ୍ଜେକ୍‌ସନ୍ । ସଙ୍ଗେ ସଙ୍ଗେ ରକ୍ତରେ ମିଶିଯିବ ।

ଯଦିଓ ମାତୃଭାଷା ଏପରି ମହନୀୟ, ସହଜ, ସୁମଧୁର ଓ ଶକ୍ତିଶାଳୀ ଅଟେ ତେବେ କାହିଁକି ଓଡ଼ିଶାବାସୀ ନିଜ ଭାଷାକୁ ମୁଖରେ ପ୍ରକାଶ କରିବାକୁ କୁଣ୍ଠାବୋଧ କରୁଛନ୍ତି । ପ୍ରତ୍ୟେକ ଶିକ୍ଷିତ ଓଡ଼ିଆ ନର, ନାରୀଗଣ ପଦେ ପଦେ ଇଂରାଜୀ ଏବଂ ହିନ୍ଦୀ ଭାଷା ଶିକ୍ଷାକରି, ଶିକ୍ଷାର ସର୍ବୋଚ୍ଚ ସୋପାନ ଅତିକ୍ରମ କଲାପରି ଅନୁଭବ କରୁଛନ୍ତି । ଏପରିକି ଓଡ଼ିଶାବାସୀ ଇଂରାଜୀ କିମ୍ବା ହିନ୍ଦୀ ଭାଷା କହି ନିଜକୁ ଓଡ଼ିଆ ବୋଲି ଗୋପନ ରଖନ୍ତି । ଏହାଠାରୁ ବଳି ଲଜ୍ଜାର ବିଷୟ ଆଉ କ'ଣ ଥାଇପାରେ ? ମାତୃଭାଷା ପ୍ରତି ଆମ୍ଭମାନଙ୍କର ଏପରି ଘୃଣ୍ୟ ଭାବ କାହିଁକି ?

ଗଙ୍ଗାଧର କହନ୍ତି-

"ମାତୃଭୂମି ମାତୃଭାଷାର ମମତା ଯା ହୃଦେ ଜନମି ନାହିଁ
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନୀ ରହିବେ କାହିଁ ।"

କେତେ ଯେ ବାଧା ବିପତ୍ତି ମଧ୍ୟ ଦେଇ ଓଡ଼ିଆ ଭାଷା ନିଜର ସ୍ୱାତନ୍ତ୍ର୍ୟ ରକ୍ଷା କରି ପାରିଛି ତାହା ହୁଏତ ଆପଣମାନଙ୍କୁ ଜଣାଥିବ । ଏହି ଓଡ଼ିଶାରେ ରାଜା ମହାରାଜାମାନେ ଶାସନ କରି ନିଜ ନିଜର ପ୍ରଭୁତ୍ୱ ବିସ୍ତାର କରି ଓଡ଼ିଆ ଭାଷାକୁ ଦୂରେଇ ଦେବାକୁ ଚେଷ୍ଟା କରିଥିଲେ । ବଙ୍ଗାଳୀମାନେ ମଧ୍ୟ ନିଜର ଭାଷାର ସ୍ୱାତନ୍ତ୍ର୍ୟ ଆରୋପ କରି 'ଓଡ଼ିଆ ଏକଟା ସ୍ୱତନ୍ତ୍ର ଭାଷାନୟ' ବୋଲି ଆନ୍ଦୋଳନ କରିଥିଲେ । କିନ୍ତୁ କେହି ହେଲେ ସଫଳତା ଲାଭ କରିପାରି ନଥିଲେ । ଓଡ଼ିଶାର ସାହିତ୍ୟ ଓ ଭାଷାପ୍ରେମୀ ସୁଯୋଗ୍ୟ ସନ୍ତାନଙ୍କ ଅକ୍ଳାନ୍ତ ଉଦ୍ୟମ ଓ ଅପ୍ରତିହତ ସଂଗ୍ରାମରୁ ସୃଷ୍ଟିଲାଭ କରିଛି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ।

ଫକୀରମୋହନ, ଗୋପବନ୍ଧୁ, ଗଙ୍ଗାଧର, ରାଧାନାଥ ଓ ମଧୁସୂଦନଙ୍କ ଅବଦାନ ଏଥିପାଇଁ ଅବଶ୍ୟ ସ୍ମରଣଯୋଗ୍ୟ । ଆଜି ମାକ୍‌ଲେକ ଭୂତ ସମସ୍ତଙ୍କୁ ଗ୍ରାସ କରିଛି । ଇଂରାଜୀ ଭାଷା ପ୍ରତି ଅହେତୁକ ଦୁର୍ବଳତା ସମସ୍ତଙ୍କୁ ପ୍ରଭାବିତ କରିଛି । ଉଚ୍ଚଶିକ୍ଷିତ ବ୍ୟକ୍ତିଗଣ ପ୍ରଥମେ ତାଙ୍କର ସନ୍ତାନ ସନ୍ତତିକୁ ଓଡ଼ିଆ ଶିକ୍ଷା ନ ଦେଇ ଇଂରାଜୀ ଶିକ୍ଷା ଦେଇଥାନ୍ତି । ସେମାନଙ୍କର ଧାରଣା ଯେ ଇଂରାଜୀ ଶିକ୍ଷା ମାଧ୍ୟମରେ ହିଁ ତାଙ୍କର ସନ୍ତାନଗଣ ଭବିଷ୍ୟତରେ ନିଜକୁ ବେଶ୍ ଉଚ୍ଚ ପଦବୀରେ ପ୍ରତିଷ୍ଠିତ କରିପାରିବେ । କିନ୍ତୁ ସେମାନେ ଜାଣିପାରନ୍ତି ନାହିଁ ଯେ, ଯେତେ ଇଂରାଜୀ କହିଲେ ବା କୋଟ୍, ପ୍ୟାଣ୍ଟ୍ ପିନ୍ଧି ଉଚ୍ଚ ପଦବୀ ଲାଭ କଲେ ମଧ୍ୟ ସେ ଇଂରେଜୀ ହୋଇ ପାରିବେ ନାହିଁ । ସେ ଓଡ଼ିଆ ବୋଲି ପରିଚୟ ଦେବ, କିମ୍ବା ତାର କଳା କେଶ କେବେ ସାହେବ ପରି ଧଳା ହୋଇଯିବନି ।

"ପିନ୍ଧି ଡବସଟ୍ଟସ୍ତ ଉଲ୍ଟବସ୍ତ୍ର କଥା କୁହ ଇଂରାଜୀରେ
ଖାଅ ଦରସିଝା ମାଂସ ଦୁର୍ଗନ୍ଧ ପନିର
ଠିଆ ହୋଇ ମୁତ ଅବା ଘସ ନାହିଁ ଦାନ୍ତ
ଇଂରେଜୀ ନ ହେବ, ଥିବ ଓଡ଼ିଆ ନିତାନ୍ତ
ମୟୂର ଲାଞ୍ଜକୁ ଗୁଞ୍ଜି ବୁଲ ନାହିଁ ଆଉ
ନ ହେବ ମୟୂର, ଥିବ ଯେ କାଉ ସେ କାଉ ।"

ଏପରିକି ବର୍ତ୍ତମାନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡ଼ିଆ ବିଷୟ ଶିକ୍ଷା ଦିଆଯିବ, ଏ କଥାକୁ ଓ ସେମାନେ ଆଦୌ ପସନ୍ଦ କରୁନାହାନ୍ତି । ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡ଼ିଆ ବିଷୟ ନେଇ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀମାନେ ଅନ୍ୟମାନଙ୍କ ଦ୍ୱାରା ବହୁବାର ସମାଲୋଚନା ହୋଇଥାନ୍ତି । ମୁଁ ମଧ୍ୟ ଜଣେ ଓଡ଼ିଆ ଛାତ୍ର ହିସାବରେ ଅନେକଙ୍କ ଦ୍ୱାରା ବହୁବାର ସମାଲୋଚିତ ହୋଇଅଛି । ଏଣୁ ମୁଁ ସମୀକ୍ଷା କରି ଦେଖିଲି ମାତୃଭାଷା ପ୍ରତି ଆମ ଓଡ଼ିଆଙ୍କ ଜନ୍ମିଥିବା ଏହି ମନୋଭାବର କାରଣ ହେଲା- ଯେଉଁ ଛାତ୍ରଛାତ୍ରୀମାନେ ପ୍ରବଳ ଆଗ୍ରହର ସହ ଏହାକୁ ପାଠ୍ୟକ୍ରମ ଭାବେ ଅଧ୍ୟବସାୟ କରିଥାନ୍ତି ସେମାନେ ଅନ୍ୟ ବିଷୟ ତୁଳନାରେ ଅଧିକ ନମ୍ବର ପରୀକ୍ଷାରେ ରଖିପାରୁ ନାହାନ୍ତି । ଏହାର ଆଉ ଗୋଟିଏ ଦିଗ ହେଲା ଏହି ପାଠ୍ୟକ୍ରମ ଦ୍ୱାରା ବିଶେଷ କର୍ମନିଯୁକ୍ତିର ସୁଯୋଗ ନାହିଁ । ଏହି କାରଣ ହେତୁ କଲେଜ ସ୍ତରରେ ୭୫ ପ୍ରତିଶତ ସ୍ଥାନ ଖାଲି ରହୁଛି । ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଆ ଭାଷା ପ୍ରତି ଆଗ୍ରହ ସୃଷ୍ଟି ପାଇଁ ସରକାର କେତେକ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ।

ଓଡ଼ିଆ ମାଧ୍ୟମ ସ୍କୁଲମାନଙ୍କରେ ଓଡ଼ିଆ ପ୍ରଥମ ଭାଷା ହୋଇଥିବା ବେଳେ ଇଂରାଜୀ ମାଧ୍ୟମ ସ୍କୁଲରେ ଏହାକୁ ତୃତୀୟ ଭାଷା ଭାବେ ଗ୍ରହଣ କରାଯାଇଛି । ଏହି ସବୁ ବିଦ୍ୟାଳୟରେ ଓଡ଼ିଆ ଭାଷାକୁ ପ୍ରଥମ ବା ଦ୍ୱିତୀୟ ବିଷୟ ରୂପେ ରଖାଗଲେ ଛାତ୍ରଛାତ୍ରୀଙ୍କ ଆଗ୍ରହ ସୃଷ୍ଟି ହୋଇପାରିବ । ସେହିଭଳି ବୈଷୟିକ, ମେଡ଼ିକାଲ ଓ ଜେଇଇ ଭଳି ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ଓଡ଼ିଆ ବିଷୟ ରଖାଗଲେ ଏହାର ଗୁରୁତ୍ୱ ବଢ଼ିବ । ଏତଦ୍‌ବ୍ୟତୀତ ଅର୍ଥନୀତି, ରାଜନୀତି ବିଜ୍ଞାନ, ଦର୍ଶନଶାସ୍ତ୍ର, ଇତିହାସ ଇତ୍ୟାଦି ବିଷୟ ମାତୃଭାଷା ମାଧ୍ୟମରେ ଶିକ୍ଷା ଦେଲେ ସାଧାରଣ ବ୍ୟକ୍ତି ମଧ୍ୟ ଏଥିରୁ ଜ୍ଞାନଲାଭ କରିପାରିବ ଏବଂ ତାର ଏହି ବିଷୟ ପ୍ରତି ଆଗ୍ରହ ଜନ୍ମିବ । ବିଶେଷକରି ବିଶ୍ୱବିଦ୍ୟାଳୟ ସ୍ତରରେ ଆଞ୍ଚଳିକ ଭାଷାକୁ ଶିକ୍ଷାର ମାଧ୍ୟମ କରାଗଲେ ଛାତ୍ରଛାତ୍ରୀମାନେ ବିଶେଷ ଉପକୃତ ହେବେ । ଓଡ଼ିଆ ବିଷୟ ରଖି ପାଶ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଯଥେଷ୍ଟ ନିଯୁକ୍ତି ସୁଯୋଗ ସୃଷ୍ଟି କରାଗଲେ ଏହି ଭାଷାର ଗୁରୁତ୍ୱ ବୃଦ୍ଧି ପାଇବ ।

ବାସ୍ତବିକ ଭାଷାର ବନ୍ଧନ ସବୁଠାରୁ ବଡ଼ ବନ୍ଧନ । ପରକୁ ଆପଣାର କରିବା ପାଇଁ ଏହା ଏକ ଅମୋଘ ଅସ୍ତ୍ର । ତେଣୁ ପ୍ରତ୍ୟେକେ ନିଜ ନିଜର ଭାବଧାରାକୁ ମାତୃଭାଷା ମାଧ୍ୟମରେ ପ୍ରକାଶ କରିବା ସଂଗେ ସଂଗେ ଏହି ଭାଷାରେ ଶିକ୍ଷାଦାନ ଏକାନ୍ତ ଆବଶ୍ୟକ ।


+ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ


ଗୋଟେ ବଡଗଳ୍ପ

# ମୋହମୁକ୍ତ

**ଅକ୍ଷୟ ବେହେରା**

**କଥା କଥା କବିତା କବିତାର ସମ୍ପାଦକ କବି ଅକ୍ଷୟ ବେହେରା ଦିନେ ଗପ ଲେଖୁଥିଲେ ତା' ପୁଣି 'ଅକ୍ଷୟ କୁମାର ବେହେରା' ନାମରେ । ଗପଟି ପ୍ରକୃତରେ କେତେ ଦଶକରେ ପ୍ରକାଶିତ ହୋଇଥିଲା ତା' ଆମକୁ ହସ୍ତଗତ ହୋଇଥିବା ପତ୍ରିକାଟିରେ ଉଲ୍ଲେଖ ନଥିଲେ ମଧ୍ୟ ଏହା ଯେ ନିଶ୍ଚିତ ଭାବରେ ଦୀର୍ଘଦିନ ତଳର ଏକ ଗପ, ଏଥିରେ ସନ୍ଦେହ ନାହିଁ । କାରଣ ଗପ ପ୍ରକାଶିତ ହୋଇଥିବା ପତ୍ରିକାଟି (ଭଦ୍ରକରୁ ପ୍ରକାଶିତ ଶାଳନ୍ଦୀ) ସୀସା ଅକ୍ଷର ଖଂଜା ପ୍ରେସରେ ହିଁ ମୁଦ୍ରିତ । ଆସନ୍ତୁ, ଏଥର ଭେଟିବା କବି ଅକ୍ଷୟ ବେହେରାଙ୍କୁ ତାଙ୍କ ଗପରେ.....**



ଚନ୍ଦ୍ରାର କଥା ସବୁ ଅବିନାଶଙ୍କୁ ଅବିଶ୍ୱାସ ମନେ ହେଲେ ବି ଚନ୍ଦ୍ରା ଯେ ଏକଥା ସବୁ କହୁଛି, ଏହା ତାଙ୍କୁ ସତ ବୋଲି ମଣିବାକୁ ହେଲା । ପ୍ରକୃତରେ ନିରବତାର ଏକ ଭାଷା ଥାଏ, କିନ୍ତୁ ଯେଉଁ ନିରବତାରେ କିଛି ଭାଷା ନାହିଁ, ସେ ଆବେଗହୀନ ନିରବତା କେତେ କଷ୍ଟର ବ୍ୟାପାର ତା ଅବିନାଶ ହିଁ ଅନ୍ତର ଦେଇ ବୁଝୁଥିଲେ ।

ଅବିନାଶ କର ଲେଉଟାଇଲେ ।

ଆଖିରେ ନିଦ ନାହିଁ । ଆଖି ସାମ୍ନାରେ ସୁଦୂର ପ୍ରସାରି ସ୍ମୃତିର ଘନ କୁହୁଡ଼ି । ଝାପ୍ସା ଝାପ୍ସା ଜହ୍ନ ତଳେ ବଉଦର ଭିଡ । ଝଙ୍କାର ପୃଥିବୀରେ ମେଘର ରାଜୁତି । ବର୍ଷାରେ ଭିଜିବାର ମୋହ ଗାଁ ଦାଣ୍ଡରୁ । କିନ୍ତୁ ହଠାତ୍ ଯେଉଁଦିନ ଡାକ୍ତର ମହାନ୍ତି କହିଥିଲେ, ତୁମ ଦେହରେ ଥଣ୍ଡା ଟେଣ୍ଡେନ୍‌ସି ରହୁଛି, ତମେ ବର୍ଷାରେ ଥଣ୍ଡାରେ ବୁଲିବା ମନା, ସେ ଦିନଠୁ ଅବିନାଶ ଆଉ ବର୍ଷାରେ ଭିଜିପାରି ନଥିଲେ । ଆଜି କିନ୍ତୁ ସେ ସବୁ କିଛି ଭୁଲିଗଲେ । ବର୍ଷା ଆସିଯିବା କ୍ଷଣି ସେ ପଢ଼ା ଛାଡି ବର୍ଷାରେ ଭିଜିଲେ । ଗୋଟା ପଣେ ତିନ୍ତି ଗଲେ । ଥପ୍ ଥପ୍ ପାଣି ନିଗିଡି ପଡିଲା ମୁଣ୍ଡରୁ । ଅଥଚ ଥଣ୍ଡା ପଡିଲାନି ତାଙ୍କର ଦେହ । କେଉଁଠି ଯେ ନିଆଁ ତାଙ୍କ ଭିତରେ ଜଳୁଛି ! ସେ ନିଆଁକୁ ବର୍ଷାର ପାଣି ମଧ୍ୟ ଲିଭେଇ ପାରୁନଥିଲା । ଖାଲି ଯା ରକ୍ତ କ୍ଷରଣ ।

ଛାତି ଅଣ୍ଡାଳିଲେ ଅବିନାଶ । ଉଦାସ ଉଦାସ ଲାଗିଲା ଛାତିର ବାର୍ତ୍ତା । ନିଜ ପାଇଁ ସେ ଏବେ ଦି' ଧାଡି ଲେଖୁଛନ୍ତି । "ଛାତି ମକଚି ଯାଇଛି ତ, ତେବେ ନିଜ ହାତରେ ଆଉଁସି ଦିଅ।" ସେ ନିଜ ହାତରେ ନିଜ ଛାତିକୁ ଆଉଁସିଲା ବେଳେ ତାଙ୍କୁ ଭଲ ଲାଗିଥିଲା ଆରାମ ଲାଗିଥିଲା ମଧ୍ୟ । ପୁଣି ତାଙ୍କର ମନେ ହେଲା ଏ ଭଙ୍ଗା ଛାତିଟାକୁ ସଜାଡିବା କ'ଣ ନିହାତି ଦରକାର? ସେ ଚୁପ୍ ହୋଇଗଲେ ।

ଆଖି ମୁଦିଲେ। ଶୋଇବାର ଚେଷ୍ଟାକଲେ । ହେଲେ କିନ୍ତୁ ନିଦ ହେଲାନି । ପ୍ରତାପର କଥା ମନେ ପଡିଲା, କ'ଣ ପାଇଁ ତୁ ଏତେ ଇମୋସ୍‌ନାଲ୍ ହୋଇପଡୁଚୁରେ? ମେଟେରିଆଲିଷ୍ଟିକ୍ ହୁଅ । ଜୀବନକୁ ଚିହ୍ନି ଶିଖ, ତୋ ଦ୍ୱାରା ମଣିଷ ଚିହ୍ନିବା ସବୁବେଳେ ଭୁଲ୍ ହୋଇଯାଉଛି ।"

ପ୍ରତାପକୁ କିନ୍ତୁ ଚିହ୍ନି ପାରିନଥିଲେ । କେମିତି କହିଥାନ୍ତା ଯେ, ସେ ଗୋଟେ ଠିକ୍ ମଣିଷ ଚିହ୍ନିଥିଲେ ଯିଏ ପୁଣି ଅଚିହ୍ନା ହୋଇଗଲା । ସେ ଆସିଗଲା ମୋ ଜୀବନର ଖୁବ୍ ନିକଟକୁ । ଖୁବ୍ ଆବେଗରେ ସେ ସଜାଡି ନେବାକୁ ବସିଥିଲା, ମୋ ଆଖିର ବିଷର୍ଣ୍ଣତା, ମୋର ବିପର୍ଯ୍ୟସ୍ତ ଜୀବନ ଯାପନ । ଖୋଜୁଥିବା ମଣିଷଟିଏ ହୋଇଗଲା । ଘନଘୋର ଅନ୍ଧକାର ଆକାଶରେ ଜହ୍ନ ପରି ଉଇଁ ଆସିଥିବା ମଣିଷଟି ଅଚାନକ କେଉଁଠି ଲୁଚିଗଲା ।

ପ୍ରତାପକୁ ସେ ଗ୍ରହଣ କରୁଥିଲା, ହେଲେ ତାଙ୍କ ଜୀବନ ପାଇଁ ଜଣେ ଅନ୍ତରଙ୍ଗ ମଣିଷର ଆବଶ୍ୟକତାକୁ ଏଡ଼ାଇ ପାରୁ ନଥିଲେ ।

କାଲିପରି ମନେ ହୁଏ । କ୍ଲାସ୍‌ମେଟ୍ ଚନ୍ଦ୍ରାର ଅନୁରୋଧରେ ଅବିନାଶ ଘରଟିଏ ଖୋଜି ଦେଇଥିଲେ । ନିଜେ ରହୁଥିବା କଲୋନିରେ । ଏଇଠୁଁ ଆରମ୍ଭ ହୋଇଥିଲା ସମ୍ପର୍କ । ସେ କ'ଣ ଜାଣିଥିଲା ଚନ୍ଦ୍ରା ଦିନେ ତା' ଜୀବନରେ ଏକ ଅଶାନ୍ତ ଗ୍ରହଟେ ପରି ଉଭା ହେବ, ତା ପାଇଁ ପୁଣି ଅବିନାଶ ଭାବପ୍ରବଣତାରେ ହଜିବେ ।

ପ୍ରଥମେ ଏ ସବୁ ଭଲ ଲାଗୁନଥିଲା ଅବିନାଶଙ୍କୁ । ସତ କହିବାକୁ ଗଲେ ସେ କାହାରି ଆତ୍ମୀୟତାକୁ ଗ୍ରହଣ କରିପାରୁ ନଥିଲେ, କାରଣ ଆତ୍ମୀୟତାର ଦ୍ୱାହି ଦେଇ ଫୁଲେଇମାନେ ଆଗେଇ ଆସନ୍ତି । ପାଖରେ ବସାନ୍ତି, ହସଖୁସି, ମାନ-ଅଭିମାନ ପରେ ଘୁଞ୍ଚି ଯାଆନ୍ତି। ସୁଯୋଗ ପାଇଲେ-ମାଂସ ଖାଇ ଯାଆନ୍ତି, ଦେହରୁ ରକ୍ତ ଶୋଷି ନିଅନ୍ତି ନିର୍ବିକାରରେ ।

ପ୍ରଥମରୁ ହିଁ ସେ ଚନ୍ଦ୍ରା ପାଖରେ ନିଜକୁ ସଙ୍କୁଚିତ କରି ଦେଇଥିଲେ । ଜଣେ କ୍ଲାସ୍‌ମେଟ୍‌ର ପରିଚୟ ନେଇ ତା ପାଖରେ ଛିଡା ହୋଇଥିଲା ।

କିନ୍ତୁ ଚନ୍ଦ୍ରା ଯେ ନାରାଜ, ଡାକିଲା ଆହୁରି ପାଖକୁ, ଆତ୍ମୀୟତାର ରଜ୍ଜୁରେ ବାନ୍ଧି ପକାଇବାକୁ ଚାହିଁଲା ଅବିନାଶକୁ । ଅବିନାଶ ମନା କରିବା ସତ୍ତ୍ୱେ ସେ ତାଙ୍କ ହାତକୁ ଟାଣିନେଲା ତା ସମ୍ପର୍କକୁ, ତା ଜୀବନ ପରିଧିକୁ, ପୁଣି ତା ଛାତି ଉପରକୁ । ଅବିନାଶ ନାଚାର । ଦୃଢ ହୋଇଥିଲା ସେ କାହା ଆତ୍ମୀୟତାରେ ହଜିବନି । ଜୀବନରେ କିନ୍ତୁ ନପାଇବା ଥିଲା ତାଙ୍କ ପାଇଁ ବଡ଼ କଥା । ସେ ଜାଣିଥିଲେ ତାଙ୍କ ଅନୁଯାୟୀ ମଣିଷଟିଏ ଆସିବନି, ଆସିଲେ ମଧ୍ୟ ଅଟକିଯିବ । କିଛିବାଟ ଆସିଲା ପରେ ସେ କ୍ଳାନ୍ତ ହୋଇ ପଡିବାର ଛଳନା କରିବ। ଏ ସବୁକଥା ସେ ବୁଝାଇଥିଲେ ଚନ୍ଦ୍ରାକୁ । ତା ଆତ୍ମୀୟତାରୁ ଦୂରେଇ ଆସିବାକୁ ଚାହିଁଥିଲେ । ଅନୁନୟ କରି କହିଥିଲେ ଚନ୍ଦ୍ରା "ମୁଁ ତୁମର ଜଣେ ବନ୍ଧୁ।"

'ସେତିକି ଯଥେଷ୍ଟ, ମୋ ଠାରୁ ଅଧିକ କିଛି ଆଶା କରନି । ତୁମେ ଜାଣିନ ମୋ ଭିତରେ ଏକ ଅତୀତ ଅଛି, ଯେଉଁ ଅତୀତରେ ମୁଁ ଖାଲି କାଉଲ ହୋଇ ବଞ୍ଚିଛି । କାଉଲ ପାଇଁ ମନୀଷା ଆସିଥିଲା, ହେଲେ ମୋ କାଉଲ ପାଇଁ କେହି ଆସିବେନି । ଆସି ନାହାନ୍ତି । ବଡ଼ ମେଟେରିଆଲିଷ୍ଟିକ୍ ଏ ଦୁନିଆ । ଏଠି ଦିଆନିଆ ଓ ଷ୍ଟାଟସର ଖେଳ । ମୋ କିନ୍ତୁ କିଛି ନାହିଁ । ମୁଁ ନିଃସ୍ୱ ଅବିନାଶ । ମୋର ନିସ୍ୱତା ହିଁ ମୋର ପୁଞ୍ଜି । ନିସ୍ୱତାକୁ କେହି କେବେ ଆଦର କରିପାରେନା ଚନ୍ଦ୍ରା । ତୁମେ ମଧ୍ୟ ପାରିବନି । କାରଣ ଏ ଭାବପ୍ରବଣତା କଟିଗଲା ପରେ ତୁମର ସେ ନିସ୍ୱତା ଉପରେ ଆଉ ମୋହ ରହିବନି । ସେତେବେଳେ ହାରିଯାଇଛ ବୋଲି ବିଳାପ କରିବ । ଠିକ୍ ସେଇ ମୁହୂର୍ତ୍ତରେ ମୁଁ ଆଉ ଫେରିପାରୁ ନଥିବି ସମ୍ପର୍କର ଚକ୍ରବ୍ୟୂହ ମଧ୍ୟରୁ । ଏଯାବତ୍ ଖାଲି ଅବଶୋଷର ପାହଚରେ ଚଢି ଚଢି ମୁଁ କ୍ଳାନ୍ତ ହୋଇଛି । ଏଇ ସମ୍ପର୍କ ପାଇଁ, ନାରୀ ପାଇଁ ମୋ ହାତର ଛାଞ୍ଚରୁ ମାଂସ ଝଡିଛି, ରକ୍ତ ଶୁଖିଛି । କେହି ଆଗେଇ ଆସିନି ଏଇ ହାଡର ଛାଞ୍ଚରେ ନେସି ଦେବାକୁ କଞ୍ଚା ନର୍ମା ମାଂସ । ତୁମେ ମଧ୍ୟ ପାରିବନି ଚନ୍ଦ୍ରା। ତୁମେ ବି ଦିନେ ଦେଖିବ ଚନ୍ଦ୍ରା, ମୋ ଆଖିରେ ବିଷର୍ଣ୍ଣତା ଦୂରେଇବା ପରିବର୍ତ୍ତେ ଓ ମୋ ଦେହରେ କଞ୍ଚା, ନରମ ମାଉଁସ ନେସିବା ପରିବର୍ତ୍ତେ ତୁମେ ମୋତେ ଶୋଷଣ କରି ଚାଲିଥିବ । ଶେଷରେ ହାରିଯିବି ମୁଁ, ଜିତିଯିବ ତୁମେ । ମୋ ଗୋଡରେ ଘୁଙ୍ଗୁର ବାନ୍ଧି ତୁମେ ହସୁଥିବ ଆଉ ମୁଁ ନାଚୁଥିବି । ଏମିତି ଘୁଙ୍ଗୁର ବାନ୍ଧି ନାଚି ନାଚି ମୁଁ କ୍ଳାନ୍ତ ହୋଇ ପଡିଲିଣି ଚନ୍ଦ୍ରା, ପ୍ଲିଜ ... ମୋତେ ଆଉ ନଚାଇବାକୁ ଚାହଁନି।"

ଅବିନାଶ ରକ୍ତରୁ ଚିପୁଡି ଦେଲେ ଏତକ କଥା, ଦୀର୍ଘ ନିଶ୍ୱାସ ନେଲେ । ଚୁପ୍ ରହି ଚନ୍ଦ୍ରା ଆଡକୁ ଅନାଇଲେ । ଚନ୍ଦ୍ରା ଆଖିରେ ଲୁହ । ଏଇ ଲୁହ ଦେଖିଲେ ଅବିନାଶକୁ ରାଗମାଡେ । ଦିନଥିଲା ଏଇ ଲୁହରେ ଶ୍ରଦ୍ଧା ଜନ୍ମୁଥିଲା, ଏଇ ଲୁହ ଏବେ ସଂକ୍ରାମକ ରୋଗ ପରି ମନେ ହେଉଛି । ଏହି ଲୁହ ହିଁ ମଣିଷକୁ ତା'ର ଏକାଗ୍ରତାରୁ, ସାଧନା ପଥରୁ ମଣିଷକୁ ବିଚ୍ୟୁତ କରାଇ ଦେଉଛି । ସେ ନିଜ ହାତରେ ଚନ୍ଦ୍ରାର ଲୁହ ପୋଛି ଦେଲାବେଳେ ଚନ୍ଦ୍ରା ମୁଣ୍ଡ ଗୁଞ୍ଜି ଦେଇଥିଲା ଅବିନାଶଙ୍କ ଛାତିରେ ।

(୨)

(ବାହାରେ ବର୍ଷା ! ରାତ୍ରି ବଢୁଛି । ବର୍ଷାରେ ଭିଜିଥିଲା ବୋଲି ଥଣ୍ଡା ହେଲାନି, ଇଚ୍ଛା ହେଉଥିଲା ପୁଣି ଯାଇ ଭିଜିବାକୁ । ନୂଆବୋଉଙ୍କର ତାଗିଦ୍ ଆଉଥରେ କବାଟ ଖୋଲିଲେ ଭାଇଙ୍କୁ ଡାକି ଦେବି।)

ସେମାନେ ଶୋଇ ପଡିଲେଣି ।

ତେବେ କବାଟ ଖୋଲିଲା ମାତ୍ରେ ଧରା ପଡିବାର ଭୟ ଯଥେଷ୍ଟ ଥିବାରୁ ଅଗତ୍ୟା ଅବିନାଶ ବିଛଣାରେ ପଡି ଛଟପଟ ହେଲେ । ପରୀକ୍ଷା ମୁଣ୍ଡ ଉପରେ । ତଥାପି ଏକ ଅବ୍ୟକ୍ତ ଯନ୍ତ୍ରଣାରେ ଅବିନାଶ ଜର୍ଜରିତ । ଭାବିବାର ଏକ ସୁନ୍ଦରତମ କଷ୍ଟ ସେ ଅନୁଭବ କରୁଛି । ଚନ୍ଦ୍ରା ସାଙ୍ଗରେ ଭେଟ ହେବ ବୋଲି କିଏ ସେ ନିର୍ଦ୍ଧାରିତ କରିଥିଲା ? ମନେ ମନେ କ୍ଷତାକ୍ତ ହୋଇ ପଡୁଥିଲେ । ଏକ ପରିତ୍ୟକ୍ତ ଜୀର୍ଣ୍ଣଶୀର୍ଣ୍ଣ ମନ୍ଦିର ପରି ନିଜକୁ ନେଇ ସେ ବଞ୍ଚି ଶିଖିଥିଲେ । ନପାଇବାର ଗ୍ଲାନି ନେଇ ସେ କାହାରିକୁ ସାଥୀ କରିବାକୁ ଚାହିଁ ନଥିଲେ । ସେ କେବେ ବି ଚାହିଁନଥିଲେ ଚନ୍ଦ୍ରା ତାଙ୍କ ଜୀବନରେ ଆସୁ । ତାଙ୍କ ଦେହରେ କଞ୍ଚା ନର୍ମା ମାଉଁସ ନେସିବା ପରିବର୍ତ୍ତେ ଭିଣି ଭିଣି ଖାଉ ଓ ରକ୍ତ ଶୋଷୁ । ଚନ୍ଦ୍ରା କିନ୍ତୁ ଜିଦ୍ ଧରିଥିଲା, "ତୁମର ସେଇ ନିଷ୍ଠୁର ହୃଦୟ ମଧ୍ୟରେ ମୋତେ ଟିକେ ସ୍ଥାନ ଦିଅ । ଅବିନାଶ ମୁଁ ବି ତୁମ ଭଳି କ୍ଳାନ୍ତ ହୋଇ ପଡିଛି । ଏ ଛଳନାର ପୃଥିବୀରେ ବିଷାକ୍ତ ପବନ ପିଇ ପିଇ । ପ୍ଲିଜ୍ ମନା କରନ୍ତି ଅବିନାଶ।" ସେଦିନ ଅବିନାଶ ଶାନ୍ତ ପାଲଟିଯାଇଥିଲା । କାନେ କାନେ ଶିଶିରର ବକ୍ତବ୍ୟ ଗୁଞ୍ଜରିତ ହୋଇଥିଲା । "ଆମେ କଳା ପୂଜାରୀମାନେ ଏମିତି ଅବିନାଶ, ନିଆଁ ଦେଖିଲେ ହାତ ପତଉ, ଫୁଲ ଦେଖିଲେ ତୋଳି ଧରିବାକୁ ମନ ବଳଉ । କାହାରି ଆବେଗ ଆମର ଅସମ୍ମାନ ନୁହେଁ।"

କେଉଁ ଝିଅର ଲୁହ ଛଳ ଛଳ ଆଖିକୁ ହାତ ପାପୁଲିରେ ପୋଛି ନଦେଲେ ଅପରାଧି ଅପରାଧି ଲାଗେ । କେଉଁ ଏକ ଉଲ୍ଲସିତ ଆବେଗରେ ସେ ଚନ୍ଦ୍ରାର ହାତମୁଠାକୁ ଚାପି ଧରିଥିଲେ ।

ପରେ ପରେ ସବୁ କଥାରେ ଚନ୍ଦ୍ରାର ଅଭିଯୋଗ, ଆପଣାର ମଣିଷ ପରି ଅହରହ ସେ ଅବିନାଶଙ୍କୁ ନିଜର କରୁଥିଲା ବ୍ୟବହାରରେ । ଅଭିଯୋଗରେ। ଅଭିମାନରେ । ଆତ୍ମୀୟତାର ଦ୍ୱାହିଦେଇ ଚନ୍ଦ୍ରା ଆଗେଇ ଆସିଲା ଅବିନାଶଙ୍କ ଜୀବନ ପରିଧିକୁ । ସତ କହିବାକୁ ଗଲେ ଚନ୍ଦ୍ରାର ଆତ୍ମୀୟତା ନିକଟରେ ସେ ଯେମିତି ହାରିଯାଇଛନ୍ତି । ଏତେ ଆତ୍ମୀୟତା ! ସେ ଅନେକ ସମୟରେ ସହି ପାରନ୍ତିନି । ମନେ ମନେ ଭାବନ୍ତି, ଏଇ କ'ଣ ତାଙ୍କର ସେହି ଖୋଜନ୍ତା ମଣିଷ ଯାହାକୁ ସେ ଅନେକ ଦିନ ଧରି ଖୋଜୁଥିଲେ ! ସେ ଏମିତି ଏକ ମଣିଷ, ଯିଏ ତାଙ୍କର ପ୍ରେମିକା ନୁହେଁ, ସ୍ତ୍ରୀ ନୁହେଁ, ବାନ୍ଧବୀ ନୁହେଁ ସକଳ ଉର୍ଦ୍ଧ୍ୱରେ ଏକ ମହିୟସୀ ନାରୀ ।

ସେଦିନ ଚନ୍ଦ୍ରା ମନଖୋଲି କହିଥିଲା, ବେଳେବେଳେ 'କେଉଁ ଏକ ଅବ୍ୟକ୍ତ ଯନ୍ତ୍ରଣାରେ ଛାତିଟା ଧଡପଡ ହୁଏ। ଭିତରେ ଭିତରେ କ'ଣ କେଉଁଠି ଘଟିଯାଏ । କେଉଁ ଏକ ପ୍ରାପ୍ତିର ଆନନ୍ଦରେ ମୁଁ ବିଭୋର ହୋଇ ପଡେ । ଆଉ ଲାଗେ ସେଇ ପ୍ରାପ୍ତି ମୋ ସାମ୍ନାରେ । ମୋ ସାମ୍ନା ପୁଣି ମୋ ହାତ ମୁଠାରେ। ସେ ପ୍ରାପ୍ତି କ'ଣ ସେ ! ଅବିନାଶ ମୁଁ ବୁଝିପାରେନି ? ସେ ପ୍ରାପ୍ତିର ପଞ୍ଜୁରୀରେ ନିଜକୁ ଆବଦ୍ଧ କରିବାକୁ ଚାହୁଁଛି, ଅଥଚ ସେଇ ପଞ୍ଜୁରୀର ଦ୍ୱାର ଖୋଲୁନି।"

ଅବିନାଶ ଚୁପ୍ ରହିଥିଲେ । ସେ ଜାଣନ୍ତି, ଚନ୍ଦ୍ରା ହିଁ ତାଙ୍କରି ଉଦ୍ଦେଶ୍ୟରେ ଏକଥା କହୁଛି । ଅବିନାଶଙ୍କ ନିରବତାକୁ ସହି ନପାରି ଚନ୍ଦ୍ରା ପୁଣି ଆରମ୍ଭ କଲା, "ସତ କୁହ ଅବିନାଶ ତୁମେ ମଣିଷ ଖୋଜୁଥିଲ ନା ? ସତରେ କ'ଣ ପାଇନ ?" ଅବିନାଶଙ୍କର ସେଦିନ ମନେ ହେଉଥିଲା ଅନ୍ୟ ଅର୍ଥରେ ଚନ୍ଦ୍ରା ସେପରି ଦାବି କରୁଛି ତାଙ୍କ ହୃଦୟର ଖୋଜନ୍ତା ମଣିଷ ହୋଇ ଯିବାକୁ ।

ଅବିନାଶ ସେଦିନ ଚନ୍ଦ୍ରାର ପ୍ରଶ୍ନର ଉତ୍ତର ନଦେଇ ମନେ ମନେ ଭାବୁଥିଲେ । "କିଏ କାହାକୁ ପାଇଛି ନ ପାଇଛି ନଖୋଜି ବରଂ ଚୁପ୍ ରହିଯାଅ କେହି କାହାକୁ କୁହନି ମୁଁ ପାଇଛି ବୋଲି । କହିଦେଲେ, ପାଇଗଲେ ସେଠି ଦୂରେଇ ଆସିବାର ମୋହ ଘୋଟି ଆସିବ । ପୁଣି ସେହି ଅବୁଝା ରାସ୍ତାଟେ ଲମ୍ବିଯିବ ଆଗ ସାମ୍ନାରେ।"

(୩)

ଏହାର କିଛି ପରେ ହଠାତ୍ ଚନ୍ଦ୍ରା ବଦଳି ଯାଇଥିଲା । ଏତିକି ଖାଲି ମନେ ପଡେ ପରୀକ୍ଷାର ଶେଷ ଦିନରେ ଦୁହେଁ ବର୍ଷାରେ ଭିଜି ଭିଜି ଆସିଥିଲେ ରୁମ୍‌କୁ । ରୁମ୍‌ରେ ପହଞ୍ଚି ଚା କପ୍‌ଟିଏ ଅବିନାଶଙ୍କୁ ବଢାଇ ଦେଲାବେଳେ ଚନ୍ଦ୍ରାର ଓଠ ଥରିଉଠୁଥିଲା । ମୁହଁରେ ମେଘ ଖଣ୍ଡେ ଢାଙ୍କି ହୋଇ ପଡୁଥିଲା। ଚନ୍ଦ୍ରାର ନିରବତା ସହିପାରୁ ନଥିଲେ ଅବିନାଶ। ତେବେ ଚନ୍ଦ୍ରା କହିଲା "ମୁଁ ଏବେ ଚୁପ୍ ରହିଯିବି । କାହାରିକୁ କିଛି କହିବିନି । ପାରୁଛତ ମୋତେ ଭୁଲିଯାଅ ଅବିନାଶ । ମୋର ନିରବତା ହିଁ ତୁମ ପାଇଁ ମୋର ଭଲ ପାଇବା। ଏହାକୁ ଗ୍ରହଣ କରିବା ନକରିବା ତୁମ ଉପରେ ନିର୍ଭର କରେ।"



ମନେ ମନେ ଭାବୁଥିଲେ 'ତୁ ଏ କ'ଣ କଲୁ ଚନ୍ଦ୍ରା। କାହାକୁ ଡାକୁଥିଲୁ ସେ ସମ୍ପର୍କରେ ପରିଧିକୁ । ଯେଉଁଠାକୁ ଯିବାକୁ ମୁଁ ଡରୁଥିଲି । ପ୍ରାଣରେ ଭୟ ଥିଲା ମୋର । ଯେଉଁଠିକୁ ଡାକି ନେଇ ତୁମେ ଖସିଗଲ, ଆଉ ମୁଁ ସେ ସମ୍ପର୍କର ନଈରେ ଅସହାୟ ହୋଇ ଭାସି ଯାଉଛି ଯାହା ଥଳକୂଳ ନପାଇ ।

(୪)

ଚନ୍ଦ୍ରା ଏବେ ନୀରବ।

ଆଗପରି ତା'ର ଆଉ ଅବିନାଶ ପାଇଁ ବ୍ୟାକୁଳତା ନାହିଁ । କବାଟ ଖୋଲି ଦେଇ ଘର ଭିତରକୁ ଡାକିନେବାର ଉତ୍ସାହ ନାହିଁ । କେଉଁଆଡେ ବୁଲିଗଲେ ସାଥିରେ ଯିବା ପାଇଁ ଜିଦ୍ ନାହିଁ । ରୁମ୍‌ରେ ଦୁହେଁ ଥିଲେ ବି କପାଳରେ ଚୁମାଟେ ଦେବାର ଯେଉଁ ଆକର୍ଷଣ ତାହା ଆଉ ଚନ୍ଦ୍ରା ପାଖରେ ନାହିଁ । ଅବିନାଶ ଭାବିପାରେନା ଏଇ ଚନ୍ଦ୍ରାକୁ କିଏ ଏମିତି ଏକ ମଣିଷରେ ଭିନ୍ନ ଉପାଦାନରେ ଗଢିଦେଲା ଚନ୍ଦ୍ରାକୁ ? ନା ଚନ୍ଦ୍ରା ନିଜେ ସେହି ପରିବର୍ତ୍ତନକୁ ନିଜ ଭିତରେ ଆଦରି ନେଉଛି ? ଚନ୍ଦ୍ରା ସ୍ୱତନ୍ତ୍ର ଥିଲା। ତା' ପାଇଁ ଅବିନାଶ ହୃଦୟ ମଧ୍ୟରେ ଏକ ସତ୍ତା ଥିଲା । ଯେଉଁ ଚନ୍ଦ୍ରା କହିପାରିଥିଲା, "ଆମ ଭାବପ୍ରବଣତା କ'ଣ ଯେ ବୁଝି ହୁଏନା ଅବିନାଶ ? ଯେତେ ଦୂରରେ ଯେଉଁଠି ଥିଲେ ବି ତୁମେ ମୋ ଭିତରେ ଏକ ସ୍ୱତନ୍ତ୍ର ସ୍ଥାନରେ ରହିବ । ତାହା କେହି ବି ଅଧିକାର କରି ପାରିବେନି। ତୁମେ ମୋ ପବିତ୍ର ଆବେଗର ନିଚ୍ଛକ ସ୍ୱାକ୍ଷର । ଯାହାର କୌଣସି ବିଲୟ ଘଟି ପାରେନା ମୋ ଭିତରେ।"

ଅବିନାଶର ପାଦ ଥରି ଉଠିଛି । ତାଙ୍କ ପବିତ୍ର ଭଲ ପାଇବା ଭିତରେ କେଉଁଠି ଯେ ଦୁର୍ଗନ୍ଧ ଚହଟି ଆସିଲା ଚନ୍ଦ୍ରା ଏମିତି ବଦଳି ଗଲା । କ'ଣ ପାଇଁ ଚନ୍ଦ୍ରା ଦୂରେଇ ଯାଉଛି । ଭୀଷଣ ମାନସିକ ଅସ୍ଥିରତାରେ ସେ ମୁଣ୍ଡର ବାଳକୁ ଭିଡି ଧରିଲେ । ତାଙ୍କୁ ଯେପରି ଲାଗୁଥାଏ ସେ ଏକ ଭୟଙ୍କର ଦୁଃସ୍ୱପ୍ନ ଆଡକୁ ଠେଲି ହୋଇଯାଉଛନ୍ତି ।

(୫)

ବାହାରେ ଭୀଷଣ ବର୍ଷା ଲାଗି ରହିଛି । ଦୂରରେ ଚନ୍ଦ୍ରାର ନିଶବ୍ଦ କୋଠରୀ । କୋଠର ଛାତ ଉପରେ ବର୍ଷାର ନାଚ। ସେହି ବର୍ଷାରେ ଭିଜି ଅବିନାଶ ପାଦ ଦେଲେ ଚନ୍ଦ୍ରାର ଦୁଆର ସାମ୍ନାରେ । ମନରେ ଅସରନ୍ତି ପ୍ରଶ୍ନ । ସେ ଯେପରି କହିବାକୁ ଆସିଥିଲେ, "ମୁଁ ଖାଲି ହାତରେ ଫେରିଯିବାକୁ ଚାହେଁ ଚନ୍ଦ୍ରା । କିନ୍ତୁ ଥରୁଟିଏ କୁହ ତୁମ ନିରବତାର ଘନ ରହସ୍ୟ କ'ଣ ?" ହଠାତ୍ ସେ ସ୍ତବ୍ଧ ହେଲେ। ଦୁଆରରେ ଆବାଜ୍ ଦେବା ପୂର୍ବରୁ ସେ ଶୁଣିଲେ ଘର ଭିତରେ ଚନ୍ଦ୍ରା କାହାକୁ କହୁଛି, "ଏଥରକୁ ଲଗାଇ ଚାରିଥର ଆବୋରେସନ୍ ହେଲା । ଦେହ ସବୁବେଳେ ଦୁର୍ବଳ ଲାଗୁଛି। ନିତି ରାତିରେ ତୁମେ ଆଉ କେତେ ଲୁଚି ଲୁଚି ଆସିବ ଯେ ? ଏଠି ପଡୋଶୀମାନେ ଜାଣିଗଲେ ଆଉ ରକ୍ଷା ନାହିଁ। କିଛି ଗୋଟେ ବ୍ୟବସ୍ଥା ଶୀଘ୍ର କର। ମୋତେ ଆଉ କିଛି ଭଲ ଲାଗୁନି।"

ଅବିନାଶ ଆଉ ଶୁଣିପାରୁନଥିଲେ । ଶୁଣିବାକୁ ଆଉ ତାଙ୍କର ଧୈର୍ଯ୍ୟ ନଥିଲା । ତାଙ୍କର ସମସ୍ତ ଉତ୍କଣ୍ଠା, ଉଦ୍‌ବେଗ ଓ ବ୍ୟାକୁଳତାରେ ହଠାତ୍ ଏକ ପୂର୍ଣ୍ଣଚ୍ଛେଦ। ସେ ମନେ ମନେ ହସିଲେ। ତାଙ୍କର ମନେ ହେଲା ସେ ଏବେ ସମସ୍ତ ଟେନ୍‌ସନ୍‌କୁ ମୁକୁଳି ଯାଇଛନ୍ତି । ଚନ୍ଦ୍ରାର ଆନ୍ତରିକତା ଓ ଭଲ ପାଇବା ତଥା ନିରବତା ଭିତରେ ଯେଉଁ ତୀବ୍ର ଛଳନା ତାହା ଖୁବ୍ ନଗ୍ନ ଦିଶୁଥାଏ, କିନ୍ତୁ ଦିଶୁନଥାଏ କିଏ ସେହି ଭାଗ୍ୟବାନ୍ ପୁରୁଷ, ଯିଏ ନିର୍ଶାର୍ଦ୍ଧରେ ଚନ୍ଦ୍ରା ପାଖକୁ ଆସେ।

ଅବିନାଶ ଆଉ ଚନ୍ଦ୍ରାର କବାଟରେ ଆଘାତ ନକରି ତଳକୁ ଓହ୍ଲାଇ ଆସିଲେ । ଦେଖିଲେ ଆକାଶ ମେଘମୁକ୍ତ ହୋଇ ଯାଉଛି । ଭସା ବଉଦର ଉହାଡରୁ ଜହ୍ନ ହସୁଛି । ଜହ୍ନକୁ ଅନେଇ ଅବିନାଶ ବି ହସିଦେଲେ ଖୋଲାମନରେ ।


+ ଏମ୍ଆଇଜି ॥, ୬୫/୫,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୧୬

## ପାଇଛୁ...ପଢ଼ିଛୁ...




**ସୃଜନ ସ୍ୱପ୍ନ**
**ସଂପାଦିକା :**
**ଦେବଶ୍ରୀ ଧଳ**
**ଏଲଭି-୨୨୬, ବରଗଡ ବ୍ରିଟ କଲୋନୀ, ବରଗଡ, ଭୁବନେଶ୍ୱର-୭୫୧୦୧୮**
**(ମୋ) ୮୮୯୫୮୨୬୦୨୯**

"ବେଳେବେଳେ କିଛି ଅସହିଷ୍ଣୁ ସ୍ରଷ୍ଟାଙ୍କର ହୀନମନ୍ତବ୍ୟ ଆମ ପାଖରେ ପହଞ୍ଚୁଛି । ସେମାନେ ଏହାର ନିୟମିତ ପ୍ରକାଶନକୁ ସହ୍ୟ କରିନପାରି ଅର୍ବାଚୀନ କଥାମାନ ଆଲୋଚନା କରନ୍ତି । ନିୟମିତ ପ୍ରକାଶ ପାଉଥିବା ଗୋଟିଏ ସାହିତ୍ୟ ପତ୍ରିକାକୁ ଯଦି କେତେଜଣ ସାହିତ୍ୟକ ବୋଲାଉଥିବା ନିମ୍ନ ଚିନ୍ତାଧାରାର ମଣିଷ କିଛି କିଛି କୁହାକୁହି ହେବେ ସେଥିରେ ପତ୍ରିକା ପ୍ରକାଶନର କୌଣସି ବ୍ୟତିକ୍ରମ ହେବନାହିଁ । ମନ୍ତବ୍ୟ ପ୍ରଦାନକାରୀମାନେ ଯେ କେତେବେଳେ କୁଆଡେ ହଜିଯିବେ ତା'ର ହିସାବ ସେମାନେ କରିବା ଉଚିତ୍ । ନିଜକୁ ସ୍ରଷ୍ଟା ମଣୁଥିବା ବ୍ୟକ୍ତି ଭାଷା ସାହିତ୍ୟର ଉନ୍ନତି କଳ୍ପେ କାର୍ଯ୍ୟ କରୁଥିବା ଗୋଟିଏ ସରସ, ସୁନ୍ଦର ପତ୍ରିକାକୁ ସ୍ନେହ, ସଦିଚ୍ଛା ଓ ସମ୍ମାନ ପ୍ରଦର୍ଶନ କଲେପତ୍ରିକାଟି କ'ଣ ଅଧିକ ସମୃଦ୍ଧ ହୋଇପାରନ୍ତା ନାହିଁ ?" ଏପରି ଏକ ଚିନ୍ତା ଉଦ୍ରେକକାରୀ ବକ୍ତବ୍ୟ ରଖିଛନ୍ତି ସୃଜନ ସ୍ୱପ୍ନର ଯୁବ ସମ୍ପାଦିକା ଦେବଶ୍ରୀ ଧଳଙ୍କର ।

୨୧୬ପୃଷ୍ଠାର କଳେବର ପୂଜାସଂଖ୍ୟା 'ସୃଜନ ସ୍ୱପ୍ନ'ର । ପତ୍ରିକାଟିର ପ୍ରଚ୍ଛଦ ଚିତ୍ର ଚୟନ ପତ୍ରିକାର ପରିଚାଳନା ସଂପାଦକ ଅବିନାଶ ଜେନା କରିଥିବା ବେଳେ ପତ୍ରିକାଟି ତାର ନିୟମିତ ସ୍ତମ୍ଭରେ ବେଶ୍ ଲୋଭନୀୟ । 'ସୃଜନ ସଂସ୍କୃତି'ରେ ଡ. ପ୍ରମୋଦିନୀ ଜେନା, ଡ. ସଂଜୀବ କୁମାର ପାଣିଗ୍ରାହୀ, ଡ. ଦିମାଦ୍ରୀ ତନୟା ମିଶ୍ର, ଶ୍ରୀମତୀ ସବିତା ମହାପାତ୍ର, ପ୍ରସନ୍ନ କୁମାର ଜେନାଙ୍କ ସ୍ଥାନିତ ହୋଇଥିବା ବେଳେ 'ସୃଜନ ସମ୍ଭାର' କ୍ରମରେ ନକୁଳ ଚନ୍ଦ୍ର ସାହୁ, ଡ. ରାଧାରଂଜନ ପଟ୍ଟନାୟକ, ଡ. ଦେବାଶୀଷ ପାଣ୍ଡିଆ, ମନ୍ଦାକିନୀ ଶତପଥୀ, ଡ. ଲୁସି ପ୍ରିୟଦର୍ଶିନୀ ନାୟକ, ଅର୍ଚ୍ଚନା କୁମାରୀ ନନ୍ଦ, ନମିତା ମହାପାତ୍ର, ନିଶାମଣି ପାତ୍ର, ଡ.ସୁମନ୍ତ ନାଏକ, ଡ. ମଣୀନ୍ଦ୍ର କୁମାର ମେହେର, ଡ. ଜୟନ୍ତ କୁମାର ଦାସ, ନେପାଳ ଚନ୍ଦନ, ଉପାସନା ପାଣିଗ୍ରାହୀ, ଡ. ପ୍ରହ୍ଲାଦ ଖିଲଙ୍କ ଲେଖାରେ ସମୃଦ୍ଧ ହୋଇଥିବା ବେଳେ 'ସୃଜନ ସ୍ମୃତି ଅନୁଭୂତି' କ୍ରମରେ ମହାପାତ୍ର ରାଜକିଶୋର, ଡ. ମନୋରମା ବିଶ୍ୱାଳ ମହାପାତ୍ରଙ୍କ ଲେଖା ଦୁଇଟି ବେଶ୍ ଉପାଦେୟ । "କାବ୍ୟ ସୃଜନ" କ୍ରମରେ ହିମାଂଶୁ କୁମାର ପଟ୍ଟନାୟକ, ପ୍ରଭାକର ମହାପାତ୍ର, ଡ. ଗିରିଜା ଶଙ୍କର ଶର୍ମା, ଡ. କଳ୍ପନା କହାନ୍ତି, ଡ. ବିବେକାନନ୍ଦ ପାଣିଗ୍ରାହୀ, ସଂଯୁକ୍ତା ମହାନ୍ତି, ଡ. ମୀନକେତନ ପାଠୀ, ଉମାକାନ୍ତ ରାଉତ, ଦେବାଶୀଷ ଚକ୍ରବର୍ତ୍ତୀ, ପ୍ରଦୀପ୍ତ କୁମାର ବାରିକ, ଡ. ନୀତା ବହିଦାର, ରାଜୀବ ପାଣି, ପ୍ରଫେସର ରାଜକୁମାର, କ୍ଷମାନିଧି ଭୋଇ, ଅଞ୍ଜୁମନ ଆରା, ମମତା ପଟ୍ଟନାୟକ, ଡ. ଅଭୟ ନାରାୟଣ ନାୟକ, ସୁରେନ୍ଦ୍ର ପାଣିଗ୍ରାହୀ, ଗୋପାଳ ଚନ୍ଦ୍ର ସାଓ, ମାଧୁରୀ ଅଧିକାରୀ, ଡ. ଗୁରୁମୂର୍ତ୍ତି ନାୟକ, ରୋହିତ କୁମାର ଦାସ, ଡା. ନିହାର ରଂଜନ ତ୍ରିପାଠୀ, ଅଶ୍ୱିନୀ ସୂତାର, ପ୍ରଫୁଲ୍ଲ ଚନ୍ଦ୍ର ପାଢ଼ୀ, ସିଦ୍ଧେଶ୍ୱର ପଣ୍ଡା, ବଳରାମ ସ୍ୱାଇଁ, ସୁଧାଂଶୁ ଅଶୋକ, ଦେବେନ୍ଦ୍ର କୁମାର ବାଉରୀ, ଡ. ବୀରେନ୍ଦ୍ର କୁମାର ଦାସ, ଡ. ପ୍ରସନ୍ନ କୁମାର ନାୟକ, ସଚ୍ଚିଦାନନ୍ଦ ମିଶ୍ର, ଜୟନ୍ତୀ ମିଶ୍ର, ଶୁଭନାରାୟଣ ସ୍ୱାଇଁ, ସୁଶାନ୍ତ କୁମାର ପଟ୍ଟନାୟକ, ମନୋଜ କୁମାର ପଟ୍ଟନାୟକ, ବିପିନ ମହାନ୍ତି, ଶ୍ରୀକାନ୍ତ ଜେନା, ଅଜୟ କୁମାର ମହଲା, ଗିରିଜା ପ୍ରସନ୍ନ ପୃଷ୍ଟି, ସଂଜୀବ କୁମାର ସାହୁ, ଦୀନବନ୍ଧୁ ପଣ୍ଡାଙ୍କ କବିତା ସ୍ଥାନିତ ହୋଇଥିବା ବେଳେ 'କଥା ସୃଜନ'ରେ ଦେଶବନ୍ଧୁ ସ୍ୱାଇଁ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ରତ୍ନାକର ରାଉତ, କମଳା ଶତପଥୀ, ସ୍ନେହଲତା ନାୟକ, ବିପିନ ବିହାରୀ ମହାନ୍ତି, ଡା. ସୁରେନ୍ଦ୍ରନାଥ ଦାଶ, ଡ. ଶିବପ୍ରିୟା ମିଶ୍ର, ଦିଲ୍ଲୀପ କୁମାର ସାହାଣୀ, ତାପସ କୁମାର ସାହା, ପ୍ରଦ୍ୟୁମ୍ନ ପଟ୍ଟନାୟକ, ମୌସୁମୀ ପରିଡା, ଲଳିତ ମୋହନ ମିଶ୍ର, ଲିପ୍ସା ପଟେଲ, ବୀରେନ୍ଦ୍ର ଜେନା, ବାସୁଦେବ ବାରିକ, ଡ. ଭଗବାନ ଗୌଡ, ଲକ୍ଷ୍ମୀ ନାରାୟଣ ପଣ୍ଡା, ଭାନୁମତୀ ସାହୁ, ଶାନ୍ତିଲତା ମହାନ୍ତି, ଭଗବାନ ସାମଲ, ଜ୍ୟୋତ୍ସ୍ନା କୁମାରୀ ନାଏକ, କିଶୋର ଚନ୍ଦ୍ର ନାୟକ, ଡ. ଚିନ୍ତାମଣି ସାମଲ, ସୁନୀତା କରଙ୍କ ଲେଖଶ ସ୍ଥାନିତ ହୋଇଛି । ଏତଦ ବ୍ୟତୀତ ଗୀତି ସୃଜନ, ସୃଜନ ଅନୁସୃଜନ, କାବ୍ୟ ସୃଜନ-୨, ସୃଜନ ସମ୍ଭାର-୨, ସୃଜନ ଭାବ ଜଣାଣ, ସୃଜନ ସମୀକ୍ଷା ଆଦି ନିୟମିତ ସ୍ତମ୍ଭରେ ସମୃଦ୍ଧ । ଅନେକ ଉପାଦେୟ ଲେଖା ଯୋଗୁ ପ୍ରତିକାଟି ପାଠକାଦୃତ ହେବ ।

**ସମୀକ୍ଷା : ଧ୍ୱନି ପ୍ରତିଧ୍ୱନି ଫିଚର୍ସ**

## ଜୀବନ ଦର୍ଶନ



**ନବ କୁମାର ଦାସ**

### ।। ଭଲ ମଣିଷ ।।

ମାଟିର ଏହି ମୁଲକ ମୋର
ହସ ଖୁସିର ସରଗ
ଦେବତା ଗୁଣେ ପ୍ରପାତ ହୁଏ
ମଣିଷର ଅନୁରାଗ ।।

ମଣିଷ ପୁଣି ମଣିଷ ହୁଏ
ଭଲ ମନ୍ଦ ପରିଚୟେ
ଭଲ ତ ଆଜି ମନ୍ଦ ପାଖରେ
ବଳି ପାଇ ମରୁଥାଏ ।।

ଗାନ୍ଧୀ ବୁଢ଼ାର ସତ୍ୟ ଅହିଂସା
ଧରମ ବିଚାର ଯେତେ
ସ୍ୱାର୍ଥ ପାଇଁକି ଅନ୍ଧ ମାନବ
ଭୁଲିକି ଗଲାଣି ସତେ ।।

ଭଲ ତ ଭଲ ହୋଇ ରହିଛି
ବହି ପୃଷ୍ଠା ପରାମର୍ଶେ
ଲୋଭ ମୋହର ବିଳାସ ପାଇଁ
ମଣିଷ ବିଳାପି ହସେ ।।

ନିଃସ୍ୱାର୍ଥ ପର ଭାବ ସେବାରେ
ଦେଶର ସ୍ୱରାଜେ ପଥେ
ନିଜ ଜୀବନ ଅର୍ପଣ କଲେ
ଭଲ ହୋଇଯିବା ସତେ ।।

ସୁରଡ଼ିହା,
ବାଲିଆପାଳ, ବାଲେଶ୍ୱର
ଶିକ୍ଷକ

## ଗାଁ ଗୀତ

**(ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)**

**ଭାଗ-୪୭**

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖି...ଲେଖି...ଲେଖିରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।



**ଉମାକାନ୍ତ ରାଉତ(ଅରୂପ)**
ପ୍ଲଟ ନମ୍ବର-୭୬୨, ପ୍ରଥମ ମହଲା, ନିଳାଦ୍ରି ବିହାର, ସେକ୍ଟର-୩, ଭୁବନେଶ୍ୱର-୨୧
ମୋ : ୯୪୩୭୨୬୭୧୨୫

ପେଟପାଟଣା ଲୋଭରେ
ବନ୍ଧା ମୋର ପ୍ରବାସ ଜୀବନ
ନିଜ ମାଆ ନିଜ ଗାଆଁ ଛାଡ଼ି
ଯାଯାବର କିଶୋରୀଟେ ଭଳି ଯାହା
ବୁଲୁଛି ସହର ଆଉ ବୁଲୁଛି ନଅର
ନାହିଁ-ଗତି ମୋର; ମୁଁ ଆଜି ନାଚାର ।

।। ୨ ।।

ଦୀର୍ଘ ବର୍ଷ ପରେ ଏବେ ଏସନ ରଜକୁ
ଯାଇଥିଲି ମୋ ପ୍ରିୟା ଗାଆଁକୁ
ମନଭରି ଦେଖିବାକୁ ଆତ୍ମିୟ ଜନଙ୍କୁ
ଝାପ୍‌ସା ଝାପ୍‌ସା ଦିଶୁଥିବା ଧାପ୍‌ସାର ଚିହ୍ନକୁ
ବରଗଛ, ଧୋବାତୁଠ, କେଳା ସାଆନ୍ତଙ୍କୁ
ଗାଆଁ ମୁଣ୍ଡ ଉଇ ହୁଙ୍କା ମଙ୍ଗଳା ମାଆକୁ ।

ଠାକୁରାଣୀ ପୋଖରୀର ରକ୍ତ କଇଁ
ଝୁମି ଝୁମି ଗୀତ ଗାଉଥିଲା
ପରିଷ୍କାର ବୁଝି ପାରୁଥିଲି
ସିଏ ମୋର ପରିଚୟ ମୋତେ ମାଗୁଥିଲା ।

କେଳାଟୁବ ଧୋବାଗଣ୍ଡିଠାରୁ
ଅଗଣିର ଲୁହାଶାଳ ଯାଏଁ
ସବୁକିଛି ଥିଲେ ସେଇମିତି
ଖାଲି ଯାହା ଅଲଗା ଅଲଗା ଥିଲା
ଆଗନ୍ତୁକ ମୁଁ ଏକ ଅଜଣା ଅଶୁଣା
ହଠାତ୍ ଯା ଭିତରକୁ ଆସିଲି କେମିତି ?

ଗାଁ ଦାଣ୍ଡେ ଚାଲୁଥିଲା ବେଳେ
କଟମଟ କରି ମୋତେ ଚାହୁଁଥିଲେ ଦଳେ
ରଜଦୋଳି ଖେଳୁଥିବା
ରଂଗମଖା ଷୋଡ଼ଶୀ ପୁଂଜାଏ
ଅପରିଚିତକୁ ଦେଖି ସଂଭ୍ରମରେ ଲୁଚିଲେ ସହଳେ

ଗାଆଁର ବୟସ୍କ ଆଉ କେତେକ ମୁଖିଆ
ଶକତ ପାକଲା ବୁଢ଼ୀ କାନ କଲେ ଠିଆ
ଅଦ୍ଭୁତ ଜନ୍ତୁଟିଏ ଦେଖୁଥିଲା ଭଳି
ମୋ' ଦେହର ଚାରିପଟେ ଲାଗିଲା ଗହଳି

କିଏରେ ? କିଏ ତୁ ପୁଅ ? ?
କିଏରେ ଏଇ ଟୋକାଟି
କାହା ପୁଅ ଇଏ ?
ଗାଆଁଟା କୁଆଡ଼େ ତା'ର
ବାପ ନାଆଁ ପଚାର ତ
ଏପଟରେ କେଉଁଆଡ଼େ ଯାଏ ?

କେହିଜଣେ ଚିହ୍ନିନେଇ କହି ପକାଇଲା
ହେଇଟି, ଜାଣେନା ଅପା ! ଇଏ ପରା
ଆମ ଗାଆଁ ଜଗାବାବୁ ସବା ସାନ ପୁଅ
ବିଦେଶ ପବନେ ତାର ବଦଳିଛି ଦେହ !

ରୁଣ୍ଡ ହେଲେ ମାଆ ନାନୀ ଦାଦା ଖୁଡ଼ି ଦିଦି
କଲବଲ ଚାହୁଁ ଚାହୁଁ ଗଲେ ଯେ ଆଉଜି
ଝାଳନାଳ ଗୋଟାପଣେ ଗଲି ମୁହିଁ ଭିଜି
ନିଜକୁ ମୁଁ ଚିହ୍ନିନେଲି ଅନୁତାପ ଅନଳରେ ସିଝି
ମୋ ଗାଆଁରେ ମୁଁ ଆଜି ସଚ୍ଚା ରିଫିୟୁଜି ।

(ସମାପ୍ତ)

## ଚିନ୍ତନ

ଓଡ଼ିଆ ସାହିତ୍ୟର ସୃଷ୍ଟିଲଗ୍ନରୁ ଚର୍ଯ୍ୟାଗୀତିର ଆଧ୍ୟାତ୍ମିକ ରହସ୍ୟ ମଧ ଦେଇ ସାରଳା, ଜଗନ୍ନାଥ, ଉପେନ୍ଦ୍ର, ଦୀନକୃଷ୍ଣଠୁଁ ଆଧୁନିକ ପର୍ଯ୍ୟନ୍ତ ସେଇ ସ୍ୱପ୍ନ ସମୁଦ୍ରର କଲ୍ଲୋଳିତ ସନ୍ଦେଶ ରହିଛି । ଯୁଗସ୍ରଷ୍ଟା ରାଧାନାଥ, ଫକୀରମୋହନଙ୍କ ସୃଷ୍ଟି ସମ୍ଭାରରେ ଜାତୀୟ ଜାଗରଣର ସେଇ ସ୍ୱପ୍ନ, ସେଇ ସାଧନା, ସଂସ୍କାରର କଳାତ୍ମକ ବିନ୍ୟାସ ରହିଛି । ପରବର୍ତ୍ତୀ ମନୋଜୀୟ ସ୍ରଷ୍ଟା ମାନସ ସେଇ ସ୍ୱପ୍ନ ସଂକେତର ଚିରାୟତ ସ୍ୱାକ୍ଷର । ତାଙ୍କ ଲେଖକୀୟ ସ୍ୱପ୍ନ ସମ୍ଭାରର ବୈଭବ ଓ ବୈଚିତ୍ର୍ୟ ଆମ ସାହିତ୍ୟକୁ ବିଶ୍ୱମାନର ସମ୍ଭ୍ରାନ୍ତ ଗୌରବ ଦେଇଛି । ବାସ୍ତବରେ ଲେଖକଙ୍କ ସ୍ୱପ୍ନ ହିଁ ଜାତୀୟ ଆତ୍ମାର ସ୍ୱପ୍ନ, ବିଶ୍ୱପ୍ରାଣର ଅନ୍ତର୍ଧ୍ୱନିହିଁ ସେଥିରେ ପରିସ୍ପନ୍ଦିତ । ପୂର୍ବରୁ ଆଲୋଚିତ - ଲେଖକର ଆତ୍ମଗତ ଓ ପରାର୍ଥ ସ୍ୱପ୍ନ ରହିଛି, ମାତ୍ର ଯେତେବେଳେ ଭୌତିକ ସମ୍ମାନ ଓ ପ୍ରତିଷ୍ଠାର ସ୍ୱପ୍ନ ଲେଖକକୁ ମୋହଗ୍ରସ୍ତ କରେ, ସେତେବେଳେ ତା' ଭିତରର ସୃଜନୀ ଆତ୍ମାର ଅପମୃତ୍ୟୁ ଘଟେ, ବୃହନ୍ନଳାର ନପୁଂସ ସତ୍ତା ଛଳନାର ମୃତ୍ୟୁ କରେ ମାତ୍ର । ଅର୍ଜ୍ଜୁନତ୍ୱର ପୌରୁଷ କେବଳ ମୁକ୍ତ ସ୍ୱାଭିମାନୀ ସ୍ରଷ୍ଟାର ପରାର୍ଥ ସାଧନାରେ ହିଁ ସମ୍ଭବ ଯାହା ଆଜି ସ୍ୱପ୍ନପ୍ରାୟ !



**ଡ. ରମାକାନ୍ତ ବେହେରା**
ସାଧନାନିଳୟ, ବିକାଶନଗର, ବାଲେଶ୍ୱର
(ମୋ)୯୪୩୭୭୫୪୭୯୬



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'




## ବମ୍ ତୁଲ୍ ବୁଖାର



**ଦୀପକ ରଂଜନ ମିଶ୍ର**

## ।। ବୀର ଚନ୍ଦ୍ରସିଂହ ଗଢ଼ବାଲୀ - ୨ ।।

୧୯୧୪ ମସିହାରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଏ । ଇଂରେଜମାନେ ଭାରତୀୟ ଯୁବକଙ୍କୁ ସେନାବାହିନୀରେ ଭର୍ତ୍ତି କରି ୟୁରୋପ ପଠାଇବାର ବିଚାର କରନ୍ତି । ବିଭିନ୍ନ ସ୍ଥାନରେ ପଲଟଣର ପ୍ରଦର୍ଶନ କରି ଭାରତୀୟ ଯୁବକଙ୍କୁ ଆକୃଷ୍ଟ କରିବାର ପ୍ରୟାସ କରାଯାଏ । ରୌଣାସେରା ଗାଁର ଦୁଇ ତିନିଜଣ ଲୋକ ପୂର୍ବରୁ ସେନାବାହିନୀରେ କାମ କରୁଥାନ୍ତି । ସେମାନେ କେବେ କେମିତି ଗାଁକୁ ଆସିଲେ ମୁଣ୍ଡରେ ତେଡ଼ା ଟୋପି ଲଗାଇ ରଙ୍ଗ ବେରଙ୍ଗ ପୋଷାକ ପିନ୍ଧି ବୁଲାବୁଲି କରନ୍ତି । ସେମାନଙ୍କୁ ଦେଖି ଚନ୍ଦ୍ରସିଂହଙ୍କ ଭାରି ଈର୍ଷା ହୁଏ । ଏମିତି କଥାବାର୍ତ୍ତା ହେଉ ହେଉ ସେମାନଙ୍କ ଭିତରୁ ଜଣେ ଚନ୍ଦ୍ରସିଂହଙ୍କୁ କହେ, "ଏଠି ଗାଁରେ କାଦୁଅ ଚକଟି କାହିଁକି ପଡ଼ି ରହିଛୁରେ ଭଡ୍ ? ପଲଟଣରେ ଭର୍ତ୍ତି ହୋଇ ଯାଉନୁ । ସେଠି ଭଲ ଖାଇବା ଓ ପିନ୍ଧିବାକୁ ମିଳିବା ସହ ମାଗଣାରେ ଦେଶ ବିଦେଶ ବୁଲିବାର ସୁଯୋଗ ବି ପାଇବୁ ।" କଥାଟି ଭାରି ମନକୁ ପାଏ ଚନ୍ଦ୍ରସିଂହଙ୍କର । ହେଲେ ବାପାଙ୍କ ଭୟରେ ସେ ଘରେ ଚୁପ୍ ଚାପ୍ ରହିଯାଆନ୍ତି ଦାନ୍ତ କାମୁଡ଼ି ।

ଥରେ ଜଣେ ହାବିଲ୍‌ଦାର ତାଙ୍କ ଗାଁକୁ ଆସେ ହାତରେ ଖଣ୍ଡେ ମାପକରା ବାଉଁଶ ବାଡ଼ି ନେଇ । ଗାଁ ଗାଁ ବୁଲି କେଉଁମାନଙ୍କୁ ସେନାବାହିନୀରେ ଭର୍ତ୍ତି କରିହେବ ସେମାନଙ୍କର ମାପ କରି ବାଛିବା ହେଲା ତାଙ୍କ କାମ । ଗାଁ ମୁଣ୍ଡରେ ଜାଥ୍‌ଲୀ ସିଂହଙ୍କ ଘର ହୋଇଥିବାରୁ ତାଙ୍କରି ଘରେ ସେଦିନ ହାବିଲ୍‌ଦାରଙ୍କ ରହିବାର ବ୍ୟବସ୍ଥା କରାଯାଏ । ଚନ୍ଦ୍ରସିଂହ ବୋଲହାକ କରିବା ପାଇଁ ସବୁବେଳେ ତାଙ୍କ ପାଖେ ପାଖେ ରହନ୍ତି । ତାଙ୍କଠାରୁ ସେନା ବିଷୟରେ ଅନେକ କଥା ଶୁଣିବା ପରେ ଚନ୍ଦ୍ରସିଂହ ସଂକୋଚର ସହ ପଚାରନ୍ତି ସେ ଚାହିଁଲେ ସେନାରେ ଯୋଗ ଦେଇ ପାରିବେ କି ନାହିଁ ବୋଲି । ସୁନ୍ଦର ସ୍ୱାସ୍ଥ୍ୟର ପଞ୍ଝହତା ଭେଣ୍ଡିଆ, ଏଇଭଳି ଯୁବକଙ୍କ ଅନ୍ୱେଷଣ ଉଦ୍ଦେଶ୍ୟରେ ହିଁ ତ ସେ ଗାଁ ଗାଁ ବୁଲୁଛନ୍ତି । ସେ ତାଙ୍କୁ ସେନାରେ ନେଇଯିବାର ପ୍ରତିଶ୍ରୁତି ଦିଅନ୍ତି । ହେଲେ ବାପା ଆଦୌ ରାଜି ହେବେନାହିଁ ବୋଲି ଜାଣିଥିବାରୁ ଚନ୍ଦ୍ରସିଂହ ସେଇ କଥା ବାପାଙ୍କ କାନରେ ପକାନ୍ତି ନାହିଁ । ଦୁହେଁ ମିଶି ଗୁପ୍ତ ଯୋଜନା କରନ୍ତି ଯେ ହାବିଲ୍‌ଦାର ବାବୁ ଆଖପାଖ ଗାଁରୁ ତାଙ୍କ କାମ ସାରି ଲେନ୍ସଡୌନ୍ ସେନା ଛାଉଣିକୁ ଯିବା ଦିନ ଚନ୍ଦ୍ରସିଂହ ସିଧା ଯାଇ ସେଠାରେ ପହଞ୍ଚି ତାଙ୍କୁ ଦେଖା କରିବେ । ଏହାର କିଛିଦିନ ପରେ ଦିନେ ଘରେ କାହାକୁ କିଛି ନକହି ଚନ୍ଦ୍ରସିଂହ ଚାଲି ଚାଲି ଲେନ୍ସଡୌନ୍ ପହଞ୍ଚିଯାଆନ୍ତି । ତାଙ୍କ ଅଞ୍ଚଳର ଆହୁରି ୪୫/୫୦ ଜଣ ଯୁବକ ବି ସେଠାକୁ ଯାଇଥାନ୍ତି ସେନାବାହିନୀରେ ଚାକିରି ଆଶାରେ । ହାବିଲ୍‌ଦାରଙ୍କ ସହିତ ପୂର୍ବରୁ ପରିଚିତି ଥିବାରୁ ଚନ୍ଦ୍ରସିଂହ ଖୁବ୍ ସହଜରେ ସେନାରେ ଭର୍ତ୍ତି ହୋଇଯାଆନ୍ତି । ତା' ପରଦିନଠାରୁ ତାଙ୍କର ଟ୍ରେନିଂ ଆରମ୍ଭ ହୁଏ । ଟ୍ରେନିଂର ଅବଧି ଥାଏ ୯ ମାସ ।

୧୯୧୪ ମସିହା ବେଳକୁ ବ୍ରିଟିଶ୍ ସେନାବାହିନୀର ଜଣେ ଭାରତୀୟ ସିପାହୀକୁ ମିଳୁଥାଏ ମାସିକ ୧୧ ଟଙ୍କା ଦରମା । ତା' ସହିତ ଖାଦ୍ୟ ଖର୍ଚ୍ଚ ବାବଦକୁ ୪ ଟଙ୍କା । କଠିନ ବ୍ୟାୟାମ ତଥା ଡ୍ରିଲ୍ ଯୋଗୁଁ ପ୍ରବଳ ଭୋକ ହେଉଥିବାରୁ ଖାଦ୍ୟଖର୍ଚ୍ଚ ବାବଦକୁ ମିଳୁଥିବା ୪ ଟଙ୍କା ଥାଏ ସମୁଦ୍ରକୁ ଶଙ୍ଖେ । ଦରମାର ସିଂହଭାଗ ବି ସେମାନଙ୍କର ଖାଇବାରେ ବ୍ୟୟ ହୋଇଯାଉଥାଏ । ଅନ୍ୟାନ୍ୟ ଆନୁସଙ୍ଗିକ ଖର୍ଚ୍ଚକୁ ହିସାବ କଲାବେଳକୁ ତାଙ୍କ ପାଖରେ ଆଉ ପଇସା ବଳୁ ନଥାଏ ଘରକୁ ପଠାଇବା ପାଇଁ । ଚନ୍ଦ୍ରସିଂହ ଘର ଛାଡ଼ି ପଳାଇବାର ପ୍ରାୟ ସାତମାସ ପରେ ବାପା କୌଣସି ସୂତ୍ରରୁ ଖବର ପାଆନ୍ତି ସେ ସେନାବାହିନୀରେ ଭର୍ତ୍ତି ହୋଇଯାଇଛନ୍ତି ବୋଲି । ଏବେ ଆଉ ତାଙ୍କୁ ଘରକୁ ଫେରାଇ ଆଣିବା ସମ୍ଭବ ନୁହେଁ । ଯେତେହେଲେ ବି ବଡ଼ପୁଅ, ହୃଦୟଶଙ୍ଖାଳି । ଥରେ ଯାଇ ସେନାଛାଉଣିରେ ପୁଅକୁ ଦେଖି ଆସିବା ପାଇଁ ଭାରି ମନହୁଏ ତାଙ୍କର । ରୌଣାସେରାରୁ ପାହାଡ଼ିଆ ରାସ୍ତାରେ ଚାଲି ଚାଲି ସେ ୪୦ ମାଇଲ୍ ଅତିକ୍ରମ କରି ଲେନ୍ସଡୌନ୍‌ରେ ପହଞ୍ଚନ୍ତି । ହେଲେ ପୁଅ ସହିତ ସାକ୍ଷାତ କରିବା ସେତେ ସହଜ ନଥାଏ । କେତେ ହାରିଗୁହାରୀ କରିବା ପରେ ତା' ପରଦିନ ସକାଳୁ ଡ୍ରିଲ୍ ଆରମ୍ଭ ହେବା ପୂର୍ବରୁ ମାତ୍ର ଅଧଘଣ୍ଟା ଏ ପାଇଁ ବାପପୁଅଙ୍କୁ ସାକ୍ଷାତର ଅନୁମତି ମିଳେ । ବାପା ତାଙ୍କୁ ଦେଖା କରିବାକୁ ଏତେଦୂର ଆସିଛନ୍ତି ବୋଲି ଖବର ପାଇ ଖୁବ୍ ଖୁସି ହୋଇଯାଆନ୍ତି ଚନ୍ଦ୍ରସିଂହ । ହେଲେ ସାକ୍ଷାତ ବେଳେ କ'ଣ ଦେବେ ସେ ବାପାଙ୍କୁ ? ମା' ତଥା ପତ୍ନୀଙ୍କ ପାଇଁ କିଛି ତ ପଠାଇବେ ତାଙ୍କ ହାତରେ । ହେଲେ, ସାତମାସର ଗଧଖଟଣି ଚାକିରି ପରେ ତାଙ୍କର ପାଖରେ ସଞ୍ଚୟର ପରିମାଣ ଯେ ମାତ୍ର ପାଞ୍ଚଟଙ୍କା ! ସେତକ ନେଇ ବଡ଼ ସଙ୍କୋଚ ମନରେ ବାପାଙ୍କୁ ସାକ୍ଷାତ କରିବାକୁ ଯାଆନ୍ତି ଚନ୍ଦ୍ରସିଂହ । ବାପାଙ୍କ ହାତରେ ସେତକ ଦେବାରୁ ସେ ହସି ହସି କହନ୍ତି, "ବାସ୍, ଏତିକି ! ଏଇଟା କ'ଣ ତୋର ସାତମାସର ରୋଜଗାର ?" ଚନ୍ଦ୍ରସିଂହଙ୍କ ଆଖିରୁ ଦୁଇଠୋପା ଲୁହ ଖସିପଡ଼େ ହେଲେ ପାଟିରୁ ବାହାରେନି ପଦେ ହେଲେ କଥା । ବାପା ବୁଝେଇବା ଭଙ୍ଗୀରେ କହନ୍ତି, "ମୁଁ ତୋ'ଠାରୁ ପଇସା ନେବାକୁ ଆସିନିରେ, ଆସିଛି ତୋତେ ଟିକେ ଦେଖିଯିବି ବୋଲି । ପୁଅ ସିନା ସହଜରେ ବାପକୁ ପର କରିଦିଏ ହେଲେ ବାପ କେବେ କ'ଣ ପୁଅକୁ ଭୁଲି ପାରିବ ? ତୁ ଘରଛାଡ଼ି ଚାଲିଆସିବା ପରେ କେତେ ଖୋଜିଛି ତୋତେ । ମାଆ ତୋ'କଥା ମନରେ ଚିନ୍ତା କରି କରି କତରାଲଗା ହୋଇଯାଇଛି । ହଁ, ତୁ ଚାଲିଆସିବାର ମାସକ ପରେ ଗୋଟେ ଝିଅ ଜନ୍ମ ହୋଇଛି ତୋର । ଏବେ ତାକୁ ଛ'ମାସ ପୂରିଲାଣି । ଆଣ୍, ତୋ ରୋଜଗାରରୁ କିଛି ତା'ପାଇଁ ନେଇଯିବି ।" ଏତକ କହି ବାପା ଟଙ୍କାଟିଏ ନେଇ ବାକି ପଇସା ଚନ୍ଦ୍ରସିଂହଙ୍କୁ ଫେରାଇ ଦେଇ କହନ୍ତି, "ଭଡ୍, ତୁ ଜମା ଚିନ୍ତା କରିବୁନି । ତୋତେ ତୋ ଦରମା ଯଦି ଅଣ୍ଟୁନି ତେବେ ମୁଁ ପ୍ରତି ମାସ କିଛି କିଛି ପଇସା ତୋ ପାଖକୁ ପଠାଇ ଦେବି । ନିଜ ଦେହପା' ଜଗି ଚଳିବୁ ବାପ । ଏଠି ତୋ'ର କିଏ ନିଜର ଅଛି ଯେ ଭଲମନ୍ଦ ବୁଝିବ ?"




୯ ମାସର ସୈନିକ ପ୍ରଶିକ୍ଷଣ ସମାପ୍ତ ହେବାପରେ ସେମାନଙ୍କୁ ଫ୍ରାନ୍ସ ପଠାଇବାର ବ୍ୟବସ୍ଥା କରାହୁଏ । ୧୯୧୫ ମସିହା ଜୁଲାଇ ୬ ତାରିଖରେ ଦୁଇଜଣ ଇଂରେଜ ଅଫିସରଙ୍କ ସହିତ ୭୫ ଜଣ ଗଢ଼ବାଲୀ ଜବାନ୍ ଲେନ୍ସଡୌନ୍‌ରୁ ବମ୍ବେ ଅଭିମୁଖେ ଯାତ୍ରା ଆରମ୍ଭ କରନ୍ତି । ପୂର୍ବରୁ ସେମାନଙ୍କୁ ରାସ୍ତାରେ ହେବାକୁ ଥିବା ସୁବିଧା ଅସୁବିଧା ବିଷୟରେ ବିସ୍ତାରରେ ବୁଝାଇ ଦିଆଯାଇଥାଏ । ସେଇଠୁ ବାହାରିବା ବେଳେ ରାସ୍ତାର ଦୁଇକଡ଼ରେ ସ୍ଥାନୀୟ ଗଢ଼ବାଲୀ ଲୋକ ଠିଆହୋଇଥାନ୍ତି । ଗଢ଼ମାତାର ପୁଅମାନେ ଯୁଦ୍ଧରେ ବଳି ଚଢ଼ିବା ପାଇଁ ବିଦେଶ ଯାତ୍ରା କରୁଥିବା ଦେଖି ସଭିଙ୍କ ଆଖିରେ ଲୁହ ଜକେଇ ଆସିଥାଏ । ବୀର ସୈନିକମାନଙ୍କ ମୁଣ୍ଡରେ ଟିକା ଲଗାଇ, ଫୁଲମାଳ ପିନ୍ଧାଇ 'ବଦ୍ରୀନାଥ୍ କୀ ଜୟ' କହି ସେମାନେ ବିଦାୟ ଜଣାଉଥାଆନ୍ତି ।

ଲେନ୍ସଡୌନ୍‌ରୁ କୋଟ୍‌ହାର ପର୍ଯ୍ୟନ୍ତ ୧୪ ମାଇଲ ବାଟ ସେମାନେ ଚାଲିଚାଲି ଯାଆନ୍ତି । ଜୁଲାଇ ମାସ ହୋଇଥିବାରୁ ବାଟରେ କେତେବେଳେ ମୂଷଳାଧାରରେ ବର୍ଷା ତ କେତେବେଳ ଠୋ ଠୋ ମୁଣ୍ଡଫଟା ଖରା ହେଉଥାଏ । ବର୍ଷାପାଣିରେ ଭିଜି ପୁଣି ଝାଳରେ ବତୁରି ସେମାନେ ଆଗକୁ ବଢ଼ି ଚାଲିଥାନ୍ତି । ତାଙ୍କୁ ଦିଆ ହୋଇଥିବା ନୂଆ ଚମଡ଼ା ଜୋତା ପାଦରେ ଘଷି ହୋଇ ଛାଲ ଛାଡ଼ି ରକ୍ତ ବୋହିବାକୁ ଲାଗେ । କେତେ ଜଣଙ୍କ ଝାଡ଼ାବାନ୍ତି ଆରମ୍ଭ ହୋଇଯାଏ । କାଳେ ଏମାନଙ୍କୁ ହଇଜା ଲାଗିଯାଇଛି ଭାବି ଅଫିସରମାନେ ସନ୍ଦେହ କରି କୋଟ୍‌ହାର ରେଳଷ୍ଟେସନ୍‌କୁ ନନେଇ ତାଙ୍କୁ ଗୋଟେ ଜାଗାରେ ୨୧ ଦିନ କ୍ୱାରେନ୍‌ଟାଇନ୍‌ରେ ରଖନ୍ତି । ଭାଗ୍ୟକୁ କାହାରି ପାଖରେ ହଇଜାର କିଛି ଲକ୍ଷଣ ଦେଖାଯାଏ ନାହିଁ । ଆଉ କିଛି ବିପଦର ଆଶଙ୍କା ନଥିବାରୁ ଏଥର ସେମାନଙ୍କୁ ଟ୍ରେନ୍‌ରେ ବସାଇ ଅଣାଯାଏ ବମ୍ବେ । ଭିକ୍ଟୋରିଆ ଗୋଦୀ (ବନ୍ଦର)ରେ ସେମାନେ ରାତିରେ ବିଶ୍ରାମ କରନ୍ତି । ଲେନ୍ସଡୌନ୍ ପ୍ରଶିକ୍ଷଣ ଶିବିରରୁ ୩୦୦ ଜବାନ୍ ବିଦେଶ ଯିବାପାଇଁ ସେଠାରେ ଆସି ପହଞ୍ଚିଥିବା ବେଳେ ଦେଶର ଅନ୍ୟ ସ୍ଥାନମାନଙ୍କରୁ ଆଉ ୪୦୦ ଜବାନ୍ ଆସିଥାନ୍ତି । ସେଇଥର ଫ୍ରାନ୍ସର ଯୁଦ୍ଧରେ ଯୋଗ ଦେବାପାଇଁ ମୋଟ୍ ୭୦୦ ଜବାନ୍ ଯାଉଥାନ୍ତି । ସେମାନଙ୍କ ଯାତ୍ରା ପାଇଁ ଭିକ୍ଟୋରିଆ ଗୋଦୀରେ 'କୋକନାଡ଼ା' ଜାହାଜ ପ୍ରସ୍ତୁତ ହୋଇ ରହିଥାଏ । ଚନ୍ଦ୍ରସିଂହଙ୍କର ବମ୍ବେ ସହର ବୁଲି ଦେଖିବାର ଭାରି ଇଚ୍ଛା ଥାଏ । ହେଲେ ଫୌଜୀ ଚାକିରି ପରା, ବୁଲାବୁଲି କରି ମନ ଫୁର୍ତ୍ତି କରିବାକୁ ସୁଯୋଗ କାହିଁ ? ସୈନିକ ଓ କଏଦୀଙ୍କ ଜୀବନ ପ୍ରାୟ ଏକା ଭଳି । ଆରବ ସାଗରର ନୀଳ ଜଳରାଶିକୁ କାଟି କାଟି ଜାହାଜ ଆଗକୁ ବଢ଼ିଚାଲେ । ପଛରେ କାହିଁ କେତେ ଦୂରରେ ରହିଯାଏ ବମ୍ବେ ନଗରର ଗଗନଚୁମ୍ବୀ ଅଟ୍ଟାଳିକା ।

କିଛି ଘଣ୍ଟାର ଯାତ୍ରା ପରେ ହୋଇଯାଏ ତୁଫାନ୍ । ପବନର ପ୍ରଭାବରେ ଜାହାଜ ଅସ୍ୱାଭାବିକ ଭାବେ ଦୋହଲିବାକୁ ଲାଗେ । ଜୀବନରେ ପ୍ରଥମ ଥର ଜଳଯାତ୍ରା କରୁଥିବା ସୈନିକମାନଙ୍କୁ ଜାହାଜର ଏଇ ଦୋଳନ ଖୁବ୍ ଅସହଜ ମନେହୁଏ । ଚିତ୍ ହୋଇ ବିଛଣାରେ ଶୋଇ ରହିଲେ ବି ମୁକ୍ତି ମିଳେନି । ଅନେକଙ୍କ ପେଟ ଘାଣ୍ଟି ପ୍ରବଳ ବାନ୍ତି ହେବା ସହ ମୁଣ୍ଡ ବୁଲାଏ । ଇଂରେଜ ଅଫିସରମାନେ ତାଙ୍କ ଭାରତୀୟ ସିପାହୀଙ୍କ ଏଭଳି ଦୁରବସ୍ଥା ଦେଖି ସେତିକି ହିଁ ଚିନ୍ତିତ ଜଣାପଡ଼ନ୍ତି ଯେତିକି ହଣାହେବାକୁ ନିଆ ହେଉଥିବା ଛେଳି ପାଇଁ କଂସେଇ ଚିନ୍ତା କରିଥାଏ । ଘନ ଘନ ବମନ ପାଇଁ ଅପରିଷ୍କାର ହୋଇଥିବା ଜାହାଜର ଚଟାଣକୁ ସେଇ ସିପାହୀମାନଙ୍କ ଦ୍ୱାରା ହିଁ ସଫାକରେଇ ପ୍ରତିଦିନ ଡେକ୍ ଉପରକୁ ନେଇ ପ୍ୟାରେଡ୍ କରିବାକୁ ବାଧ୍ୟ କରାଯାଏ । ତିନିଦିନ ପରେ ପବନର ଗତି କମିବାରୁ ଜାହାଜ ଚାଲେ ଠିକ୍ ଭାବରେ । ଆଉ ସେତେ ଅସୁବିଧା ବୋଧ ହୁଏନି ସିପାହୀମାନଙ୍କୁ । ତିନିଦିନ ଯାଏଁ କେହି କିଛି ଖାଇ ନଥାନ୍ତି । ଏତେ ଲୋକଙ୍କ ପାଇଁ ରୁଟି କିଏ ତିଆରି କରିବ ! ଡେକ୍‌ଚି ବସାଇ ଭାତ ରନ୍ଧାଯାଏ । ଗଢ଼ବାଲୀ ଲୋକେ ଉଭୟ ଭାତ ଓ ରୁଟି ଖାଇବାରେ ଅଭ୍ୟସ୍ତ ଥିବାରୁ ସେମାନଙ୍କୁ ଖାଇବାରେ କିଛି ଅସୁବିଧା ହୁଏନି ।

ଗଢ଼ବାଲ୍‌ରେ ବ୍ରାହ୍ମଣ ଓ ରାଜପୁତ୍‌ଙ୍କୁ ଛାଡ଼ି ଅନ୍ୟ ସମସ୍ତଙ୍କୁ ଅଛୁଆଁ ଭାବେ ଗଣାଯାଉଥିଲା ସେତେବେଳେ । ଏଇ ଦୁଇ ଉଚ୍ଚଜାତି ଛଡ଼ା ଅନ୍ୟ କାହାରି ହାତରୁ ପାଣି ଛୁଇଁବା ଥିଲା ବର୍ଜିତ । ସେଇ ପରିବେଶରେ ବଢ଼ିଥିବା ଚନ୍ଦ୍ରସିଂହ ଦିନେ ଜାହାଜରେ ଭାତ ରାନ୍ଧୁଥିବା ଜଣେ ଲୋକକୁ ଯାଇ ପଚାରନ୍ତି ସେ ଜାତିରେ ଠାକୁର କି ବୋଲି । ନକାରାତ୍ମକ ଭଙ୍ଗୀରେ ମୁଣ୍ଡ ହଲାଇ ଲୋକଟି ନିଜକୁ ଜାହାଜର ମେହେନ୍ତର ବୋଲି ପରିଚୟ ଦିଏ । ତା' କଥା ଶୁଣି ମୁଣ୍ଡ ଘୂରେଇ ଯାଏ ଚନ୍ଦ୍ରସିଂହଙ୍କର । ହେ ଭଗବାନ ! ମେହେନ୍ତର ଦ୍ୱାରା ରନ୍ଧା ହୋଇଥିବା ଭାତ ଖାଉଛନ୍ତି ସେ ! ତାଙ୍କ ଧର୍ମ ଭ୍ରଷ୍ଟ ହୋଇଗଲା ତେବେ । ଏବେ କ'ଣ କରାଯାଇ ପାରେ ଯେ ? ଖାଦ୍ୟ ନଖାଇ ଜଣେ ଜୀବନଧାରଣ କରିବ କେମିତି ? ପୁଣି ମନକୁ ଆସେ, ଧର୍ମ କ'ଣ କେବଳ ତାଙ୍କର ଏକା ଯାଇଛି ? ସେଇ ଜାହାଜରେ ଯାତ୍ରା କରୁଥିବା ମୋଟ୍ ୭୦୦ ଜବାନ୍ ଧର୍ମଛଡ଼ା ହୋଇଯାଇଛନ୍ତି । ସାଥୀମାନଙ୍କୁ ସେଇକଥା କହିବା ପାଇଁ ତାଙ୍କର ସାହସ ହୁଏନି । ଭାବନ୍ତି, ଯାତ୍ରା ପୂରା ହୋଇଯାଉ ସମସ୍ତଙ୍କ ଅଜ୍ଞାତରେ । ସେଇଟା ହିଁ ସଭିଙ୍କ ପାଇଁ ମଙ୍ଗଳ ।

ବିଶାଳ ଆରବ ସାଗରରେ ଜାହାଜ ଥିବା ପର୍ଯ୍ୟନ୍ତ ସେମାନଙ୍କୁ ଚାରିଆଡ଼େ ପାଣି ଛଡ଼ା ଆଉ କିଛି ବି ଦୃଶ୍ୟମାନ ହେଉ ନଥାଏ । ହେଲେ ଜାହାଜ ଲୋହିତ ସାଗରରେ ପହଞ୍ଚିବା ପରେ ବାମ ଓ ଡାହାଣ ପାର୍ଶ୍ୱରେ ସ୍ଥଳଭାଗ ଦୃଷ୍ଟିଗୋଚର ହୁଏ । ଗଛଲତା, ସବୁଜିମା ଶୂନ୍ୟ ଧୂସର ଟାଙ୍ଗରା ଭୂଇଁ । ଭୀଷଣ ଗରମ ବି ଅନୁଭୂତ ହେଉଥାଏ ସେଇ ଅଞ୍ଚଳରେ । ତା'ପରେ ସେମାନେ ସୁଏଜ୍ କେନାଲ୍‌ରେ ପ୍ରବେଶ କରନ୍ତି । ତାହା ସେମାନଙ୍କୁ ଗୋଟେ ଛୋଟ ନଦୀ ଭଳି ଲାଗେ । ତାକୁ ପାର ହେବାକୁ ବେଶି ସମୟ ଲାଗେନି ଜାହାଜକୁ । ସେଇଠୁ ଭୂମଧ୍ୟ ସାଗର ମଧ୍ୟଦେଇ କୋକନାଡ଼ା ଜାହାଜ ଯାଇ ପହଞ୍ଚେ ଫ୍ରାନ୍ସର ମୋରସେଇ ବନ୍ଦରରେ । ବମ୍ବେରୁ ବାହାରି ଫ୍ରାନ୍ସ ପହଞ୍ଚିବାକୁ ତାଙ୍କୁ ଲାଗେ ୧୪ ଦିନ । ଜାହାଜରୁ ଓହ୍ଲାଇବା ପରେ ପ୍ରତ୍ୟେକ ସିପାହୀଙ୍କୁ ବନ୍ଧୁକ, ରାଇଫଲ୍, ଗୁଳି ତଥା ଗରମ ପୋଷାକ ଦିଆଯାଏ । ଆଗରେ ବ୍ୟାଣ୍ଡବାଜା ବଜାଇ ସେମାନଙ୍କୁ ପାଛୋଟି ନିଆଯାଏ 'ମୈନୋବରୀ' କ୍ୟାମ୍ପ୍‌କୁ । ସେଇ କ୍ୟାମ୍ପ୍‌ରେ ପ୍ରାୟ ଏକଲକ୍ଷ ସୈନିକଙ୍କର ରହିବା ପାଇଁ ତମ୍ବୁର ବ୍ୟବସ୍ଥା କରାହୋଇଥାଏ । ଗଢ଼ବାଲୀ ସୈନିକମାନେ ଜୀବନରେ କେବେ ଏତେ ବଡ଼ କ୍ୟାମ୍ପ୍ ଦେଖି ନଥାନ୍ତି । ପ୍ରତ୍ୟେକ ପଲଟଣର ରହିବା ଜାଗା ପୂର୍ବରୁ ଥାଏ ନିର୍ଦ୍ଧାରିତ । ଆଗରୁ ଆସିଥିବା ଗଢ଼ବାଲୀ ସୈନିକମାନେ ଏମାନଙ୍କୁ 'ବଦରିନାଥ କୀ ଜୟ' କହି ସ୍ୱାଗତ କରି ଦେଶ ତଥା ଗଢ଼ବାଲ୍ କଥା ପଚାରି ବୁଝନ୍ତି । ସେଠାରେ ଚାଲିଥିବା ଲଢ଼େଇ ବିଷୟରେ ବିସ୍ତାରରେ ବୁଝାଇ ଦିଅନ୍ତି ନବାଗନ୍ତୁକଙ୍କୁ । ଆଖପାଖ ତମ୍ବୁରେ ରହୁଥିବା ସୈନିକଙ୍କ ସହ ବି ଧୀରେ ଧୀରେ ସେମାନଙ୍କର ଭାବଦୋସ୍ତି ହୋଇଯାଏ ।

ଲେନ୍ସଡୌନ୍‌ରୁ ଆସିଲାବେଳେ ସେମାନଙ୍କ ପଛେ ପଛେ ହଇଜା ଗୋଡ଼ାଇ ଆସିଥିଲା କିଛିବାଟ ପର୍ଯ୍ୟନ୍ତ । ତାହାରି ଆଶଙ୍କାରେ ଭାରି ହଟହଟା ହୋଇଥିଲେ ସେମାନେ କ୍ୱାରେନ୍‌ଟାଇନ୍‌ରେ ୨୧ ଦିନ ରହି । ସୌଭାଗ୍ୟକୁ ସେଇ ମହାମାରୀ ସେମାନଙ୍କ ଭିତରୁ କାହାକୁ କାବୁ କରି ପାରି ନଥିଲା । ହେଲେ ଦୁର୍ଯୋଗ ସେମାନଙ୍କର ପିଛା ଛାଡ଼ିବାକୁ ନାରାଜ । ଫ୍ରାନ୍ସରେ ପହଞ୍ଚିବା ପରେ ଚନ୍ଦ୍ରସିଂହଙ୍କ ସାଥୀଙ୍କ ଭିତରୁ ଜଣେ ବସନ୍ତ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡ଼େ । ଏହା ଏକ ମାରାତ୍ମକ ଡିଆଁରୋଗ । ସାରା କ୍ୟାମ୍ପ୍‌ରେ ମାଡିଗଲେ ଲାଭ ହେବ ଜର୍ମାନ୍ ଲୋକଙ୍କର । ତେଣୁ ଚନ୍ଦ୍ରସିଂହଙ୍କ ସମେତ ସେଇ ୭୫ ଜଣ ସିପାହୀଙ୍କୁ ଅନ୍ୟମାନଙ୍କ ଠାରୁ ଦୂରରେ ଏକ ସ୍ଥାନରେ ଅଲଗା କରି ରଖାଯାଏ । ବମ୍ବେରୁ ଏକା ଜାହାଜରେ ଆସିଥିବା ଅନ୍ୟମାନଙ୍କୁ ଫାୟାରିଂ ଲାଇନ୍‌କୁ ପଠାଇବାର ବ୍ୟବସ୍ଥା କରାଯିବାରୁ ଚନ୍ଦ୍ରସିଂହଙ୍କୁ ଭାରି ଖରାପ୍ ଲାଗେ । ସେ ଯୁଦ୍ଧଭୂଇଁକୁ ଯିବାକୁ ଆତୁର ହୋଇ ପଡ଼ୁଥିବାରୁ ଆର୍ମି ଅଫିସରଙ୍କୁ ଯାଇ କହନ୍ତି, "ହଜୁର୍, ମୋତେ ପୂର୍ବରୁ ଥରେ ବସନ୍ତ ହୋଇ ସାରିଛି । ତେଣୁ ଦ୍ୱିତୀୟଥର ହେବାର ଆଶଙ୍କା ହିଁ ନାହିଁ । ମୋତେ ଫାୟାରିଂ ଲାଇନ୍‌କୁ ଯିବାକୁ ସୁଯୋଗ ଦିଆଯାଉ ।" ଗୋଟିଏ ଦଳର ସୈନିକ ଅନ୍ୟ ଦଳରେ ସାମିଲ୍ ହେବାର ନିୟମ ନାହିଁ ବୋଲି କହି ତାଙ୍କ ପ୍ରାର୍ଥନାକୁ ନାମଞ୍ଜୁର କରିଦିଅନ୍ତି ଆର୍ମି ଅଫିସର ।

ଭଗବାନ ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ । ସେଇ ଦଳରେ ଚନ୍ଦ୍ରସିଂହ ଯୁଦ୍ଧକୁ ଯାଇଥିଲେ ତାଙ୍କ ଜୀବନୀ ଆଗକୁ ନବଢ଼ି ସେଇଠି ସମାପ୍ତ ହୋଇଯାଇଥାନ୍ତା । ସେଇ ଦଳରେ ଯାଇଥିବା ପ୍ରାୟ ସମସ୍ତ ସୈନିକ ବିଷାକ୍ତ ଗ୍ୟାସ୍‌ର ପ୍ରୟୋଗ ଯୋଗୁଁ ମୃତ୍ୟୁ ମୁଖରେ ପଡ଼ିଥିଲେ । ସେଇଥିପାଇଁ ତ ବିଜ୍ଞଲୋକେ କହିଥାନ୍ତି, ଭୋଜିରେ ପଛରେ କି କଟକରେ ଆଗରେ ରହିବନି ବୋଲି .....

(କ୍ରମଶଃ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୯ ମାର୍ଚ୍ଚ, ୨୦୨୩



**ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ**

ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

## ଭୁବନାନନ୍ଦ ତ୍ରିପାଠୀଙ୍କ

# ମୋ ମା'

ବନ୍ଧୁ ରମେଶବାବୁ ଫୋନ୍‌କରି ଜଣାଇଲେ ଯେ ଏଥର "ସଂପର୍କର ସେତୁ" ପତ୍ରିକାଟି ମା' ବିଶେଷାଙ୍କ ଭାବେ ପ୍ରକାଶିତ ହେବ, ଏଣୁ ଆପଣ ମା' ବିଷୟରେ ଲେଖାଟିଏ ଦେବେ। ମୁଁ ଲେଖା ଦେବାପାଇଁ ସମ୍ମତ ହେବା ସହିତ ମନେମନେ ସ୍ଥିର କଲି ଯେ ମା' ବିଷୟରେ ସାଧାରଣ ରଚନା ନଲେଖି ମୋ ମା' ବିଷୟରେ ଆଲେଖ୍ୟଟିଏ ପ୍ରସ୍ତୁତ କରିବି।

ମୋ ମା' ଏବେ ସ୍ୱର୍ଗବାସୀ। ୨୦୦୫ ମସିହାରେ ତା'ର ଦେହାନ୍ତ ହୋଇଥିଲା। ସେତେବେଳେ ମୋର ବୟସ ଥିଲା ୫୧ବର୍ଷ। ଧରାପୃଷ୍ଠରେ ଜନ୍ମନେବା ପରଠାରୁ ମା'କୁ ଜାଣିଥିଲେ ସୁଦ୍ଧା ମା' ବିଷୟରେ ସ୍ମୃତି ରହିଛି ପ୍ରାୟ ୫ବର୍ଷ ବୟସରୁ। ସେହି ଦିନରୁ ମା'ର ଶେଷ ଜୀବନ ପର୍ଯ୍ୟନ୍ତ ପ୍ରାୟ ୪୫ବର୍ଷ ଧରି ଥିଲା ଆମ ମା'-ପୁଅ ସଂପର୍କ।

ଆମ ଘରେ ଆମେ ୪ଜଣ ଭାଇ ଓ ୨ଜଣ ଭଉଣୀ। ଏଣୁ ମା' କେବଳ ମୋ ପାଇଁ ମା' ଥିଲା କହିଲେ ଠିକ୍ ହେବନାହିଁ। ମାତ୍ର ମୋର ଚେହେରା ମା' ଚେହେରା ସହିତ ମେଳ ଖାଉଥିବାରୁ ଲୋକମାନେ କହନ୍ତି ମୁଁ ହେଲି ମା'ମୁହାଁ ପୁଅ, ଏଣୁ ଭଗ୍ୟବାନ। ମୁଁ ମଧ୍ୟ ଲକ୍ଷ୍ୟ କରିଛି ଯେ ଭାଇ ଭଉଣୀ ଭିତରେ ସମସ୍ତଙ୍କୁ ସମାନ ସ୍ନେହ ଆଦର ମିଳୁଥିଲେ ସୁଦ୍ଧା ମୋତେ ଟିକିଏ ଅଧିକ ସ୍ନେହ ମିଳିଥାଏ। ପିଲାଦିନେ ଏଥିପାଇଁ ବେଳେବେଳେ ବଡ଼ଭାଇନା ମା'କୁ କହିଦେଉଥିଲେ, "ସେ ତ ତୋ'ର ଗେହ୍ଲା ପୁଅ, ତାକଥା ଶୁଣିବୁନି ତ ଆଉ କାହାର ଶୁଣିବୁ"।

ମା'ର ଦୃଢ଼ ନିଷ୍ପତ୍ତି ସଂପର୍କରେ ପିଲାଦିନେ କିଛି ଅନୁଭବ କରିଥିଲି, ମାତ୍ର ଏହାର ଗୁରୁତ୍ୱ ବଡ଼ ହେବା ପରେ ଭଲଭାବେ ବୁଝିପାରିଲି। ମା'ର ଗୋଟିଏ ବଡ଼ ନିଷ୍ପତ୍ତି ବିଷୟରେ ଅବତାରଣା କରିବା ଆବଶ୍ୟକ ମନେ କରୁଛି।

ଆମ ବାପା ଜଣେ ପୋଲିସ୍ ଅଫିସର ଥିଲେ, ଏଣୁ ମା' ଏବଂ ଆମେ ପିଲାମାନେ ବାପାଙ୍କ ଚାକିରୀ ଜାଗାରେ ରହୁଥିଲୁ। ପୋଲିସ୍ ଚାକିରୀ କାରଣରୁ ବାପାଙ୍କର ବର୍ଷେ ଦେଢ଼ ବର୍ଷରେ ବଦଳି ହେଉଥାଏ। ପିଲାଛୁଆ-ଜିନିଷପତ୍ର ଧରି ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯିବା ସେତେବେଳେ ଆଦୌ ସୁବିଧାଜନକ ନଥିଲା। କିଛି ବାଟ ବସ୍‌ରେ, କିଛି ବାଟ ଟ୍ରେନ୍‌ରେ ଓ ଆଉ କିଛି ବାଟ ଶଗଡ଼ ଗାଡ଼ିରେ ଯିବାକୁ ପଡୁଥିଲା। ରହିବା ଯାଗା ବଦଳିବା ସହିତ ସାହି ପଡ଼ିଶା, ସାଙ୍ଗସାଥୀ ସବୁ ବଦଳିଯାଉଥିଲେ। ଆମମାନଙ୍କର ସ୍କୁଲ ମଧ୍ୟ ବଦଳୁଥିଲା। ଏପରି ୪-୫ ଥର ବଦଳି ହେଲାପରେ ମା' ମୋର ସ୍ଥିର କଲା ଯେ ସେ ପିଲାମାନଙ୍କୁ ନେଇ ଗୋଟିଏ ଯାଗାରେ ରହିବ ଏବଂ ବାପା ଚାକିରୀ ଯାଗରୁ ମଝିରେ ମଝିରେ ଆମ ପାଖକୁ ଆସିବେ। ବାପା ମଧ୍ୟ ମା'ର ପ୍ରସ୍ତାବରେ ରାଜି ହେଲେ। ସେତେବେଳେ ମା' ସହିତ ଆମେମାନେ ଥିଲୁ ୪ଟି ଛୁଆ। ବଡ଼ ଭାଇ ୪ର୍ଥ ଶ୍ରେଣୀ, ଦ୍ୱିତୀୟରେ ମୁଁ ପ୍ରଥମ ଶ୍ରେଣୀ, ମୋ ତଳ ଭାଇ ଲଙ୍ଗଳା ଛୁଆ ଓ ତା' ତଳ ଭଉଣୀ ଥିଲା ଖିରଖିଆ ଛୁଆ।

କେଉଁଠି ରହିବୁ ଏକଥା ବିଚାର କରି ଶେଷରେ ସ୍ଥିର ହେଲା ଯେ, ଆମେ ରହିବୁ ଆମ ପୈତୃକ ଗାଁରେ। ସେଠି ବାପା ଗୋଟିଏ ନୂଆ ଘର ତିଆରି କରିଥିଲେ ଏବଂ ତାହା ଖାଲି ପଡ଼ିଥିଲା। ସେହି ଘରେ ମା' ସହିତ ଆମେମାନେ ଆସି ରହିଲୁ। ଗାଁ ଘରେ ମୁରବୀ ଥିଲେ ଆମ ଜେଜେବାପା। ତାଙ୍କ ବୟସ ୮୦ବର୍ଷ। ସେ ମାସେ ଆମ ପାଖରେ ରହିଲେ ଆର ମାସକୁ ୫କି.ମି. ଦୂରରେ ଥିବା ଆମ ବଡ଼ ଦଦେଇଙ୍କ ଘରେ ରହୁଥିଲେ। ରାତ୍ରିବେଳା ଜଣେ ଜଗୁଆଳୀ ଆମ ବାଟଘରେ ଶୁଏ ଏବଂ ଭିତର ବାରଣ୍ଡାରେ ଶୁଏ ଗାଁର ଜଣେ କେଉଟୁଣୀ ବୁଢ଼ୀ। ଆମ ଚାଷ ଜମିର ଭାଗୁଆରୀ ଦୁଇଜଣ ଥାଆନ୍ତି। ଘରର ବୋଲହାକ କରିଥାନ୍ତି। ଏମାନଙ୍କର କାମ ଥିଲା ଜାଳେଣୀ କାଠ ପ୍ରସ୍ତୁତ କରିବା, ଦୋକାନରୁ ଜିନିଷ ଆଣିବ. କେଉଁ ସ୍ଥାନକୁ ଖବର ନେଇଯିବା ଓ ମାମୁଁ ଘରକୁ ଯିବାବେଳେ ସାଙ୍ଗରେ ଯିବା ଇତ୍ୟାଦି।

ସେହି ଗାଁ ଘରେ ୧୯୫୯ ମସିହାରେ ମା' ସହିତ ଆମେ ୪ଜଣ ପିଲା ଆସି ରହିବା ଆରମ୍ଭ କରି ଏବଂ ସେହି ଘରେ ସାନ ଭାଇ ଓ ସାନ ଭଉଣୀ ଜନ୍ମ। ୨୦୦୫ ମସିହାରେ ସେହି ଘରୁ ମା'ର ଶବ ଉଠିଥିଲା ଗାଁ ମଶାଣିରେ ଦାହ ହେବାପାଇଁ। ଏପରି ମୋଟ ୫୬ବର୍ଷର ଗାଁ ଜୀବନ ମା' ସହିତ କଟିଥିଲା। ବାପା ମଧ୍ୟ ଅବସର ପରେ ଗାଁରେ ଆସି ରହିବାକୁ ପସନ୍ଦ କଲେ। ପାଖ ସହରରେ ଗୋଟିଏ ଘର ତିଆରି କରିଥିଲେ ସୁଦ୍ଧା ଗାଁର ପାଣି ପବନ, ଲୋକବାକ, ସାହିପଡ଼ିଶା ବାପାଙ୍କୁ ପସନ୍ଦ ଲାଗୁଥିଲା। ବହି ପଢ଼ିବା, ହୋମିଓପ୍ୟାଥିକ ଔଷଧ ବାଣ୍ଟିବା ଏପରି କାମରେ ନିଜର ଅବସର ସମୟକୁ ସେ କାଟି ଦେଉଥିଲେ। ଆମେ ପିଲାମାନେ ଗାଁ ସ୍କୁଲରୁ ପାଠପଢ଼ା ଶେଷ କରି ହାଇସ୍କୁଲ ପଢ଼ିବା ପାଇଁ ସହରକୁ ଆସିଲୁ। ମୁଁ କଲେଜରେ ପଢ଼ିବା ପାଇଁ ଭୁବନେଶ୍ୱରରେ ଆସି ପହଞ୍ଚିଲି। ଗାଁ ରହଣିବେଳେ ଆମମାନଙ୍କର ଚିକିତ୍ସା ଦାୟିତ୍ୱ ଥିଲା ଗାଁ ବଇଦ ଠୁରି ନାହାକଙ୍କ ଉପରେ। ସେ ଛୁତ (ମୂତ୍ର) ପରୀକ୍ଷା କରି କବିରାଜ ଔଷଧ ଦେଇ ଆମକୁ ଭଲ କରି ଦେଉଥିଲେ। ଥରେ ମୋତେ ଦୀର୍ଘ ଦିନ ଧରି ଜ୍ୱର ହେଲା ଏବଂ ମୁଁ ବାପାଙ୍କ ପାଖକୁ କଟକ ଆସି ୭ଦିନ ରହି ଯାଇଥିଲି। ସାନ ଭଉଣୀର ପିହୁଳା ରୋଗ ଥାଏ। ଦେହର ତାତି ବଢ଼ିଲେ ସେ ଅଚେତ ହୋଇଯାଏ। ସେତେବେଳେ ଘରେ କାନ୍ଦ ବୋବାଳି ପଡ଼ିଯାଏ। ମାତ୍ର ଭଗବାନଙ୍କ ଦୟାରୁ ମୁଣ୍ଡକୁ ପାଣିରେ ଧୋଇଦେଲେ, ଦେହକୁ ଓଦା ଗାମୁଛାରେ ପୋଛିଦେଲେ, ପିହୁଳା ଭଲ ହୋଇଯାଏ। ଆଉ ଜଣେ ଭଉଣୀ ପତଳା ଝାଡ଼ା ରୋଗରେ ଦୀର୍ଘଦିନ ଧରି ପୀଡ଼ିତ ଥିଲା। ମାତ୍ର ସେହି ଦେଶୀ ଚିକିତ୍ସା, ସାଗୁପାଣି, ବାର୍ଲିର ପଥି ଖାଇ ସେ ଭଲ ହୋଇଯାଇଥିଲା। ପରେ ମାଣ୍ଡୁଖୁରା କବିରାଜ ସାଇକେଲ ଧରି ଗାଁକୁ ଗାଁ ବୁଲି ଏଲୋପାଥିକ ଔଷଧ ଦେଉଥିଲେ ଏବଂ ତାଙ୍କ ଚିକିତ୍ସାରେ ମଧ୍ୟ ଆମେମାନେ ଉପକୃତ ହେଉଥିଲୁ।

ଗାଁ ବାହାରକୁ ଯିବାକୁ ହେଲେ ଚାଲି ଚାଲି ୬କି.ମି. ପଣ୍ଡୁଆ ଛକକୁ ଆସି ସରକାରୀ ବସ୍ ଧରିବାକୁ ପଡ଼େ। ଅଥବା ବ୍ରାହ୍ମଣୀ ନଦୀ ପାର ହୋଇ ସଦାଶିବପୁର ରେଳ ଷ୍ଟେସନକୁ ଆସିଲେ ପାସେଞ୍ଜର ଟ୍ରେନ୍‌ଧରି ଢେଙ୍କାନାଳ ବା ମେରାମୁଣ୍ଡଳୀ ଯିବାକୁ ହୁଏ। ଏହି ଦୁଇଟି ଯାକ ଚଲାବାଟ, ବିଲହୁଡ଼ା, ଖାଲଢ଼ିପ, ପାଣି କାଦୁଅରେ ଭରପୁର ଥାଏ। ଆମେ ବର୍ଷକୁ ପ୍ରାୟ ଦୁଇ ଥର ମାମୁଁ ଘରକୁ ଯାଉ। ଏଥିପାଇଁ ଚାଲିଚାଲି ଯିବାକୁ ହୁଏ ଏବଂ ବାଟରେ ବଉଳପୁର ଘାଟରେ ବ୍ରାହ୍ମଣୀ ନଦୀ ପାର ହେବାକୁ ପଡ଼େ। ବର୍ଷକୁ ଥରେ ଦୁଇ ଥର ସର୍କସ ଓ ଲକ୍ଷ୍ମୀପୂଜା ଦେଖିବାକୁ ସାଥୀମେଳରେ ଢେଙ୍କାନାଳ ସହରକୁ ଯାଉ। ଗାଁରେ ଓ ଆଖ ପାଖରେ ପାଲା ଓ ଯାତ୍ରା ଦେଖିବାକୁ ମଧ୍ୟ ଯାଇଥାଉ।

ଗାଁରେ ଗାଧୁଆ ଯାଗା ହେଉଛି କୂଅମୂଳ, ପୋଖରୀ ତୁଠ ଅବା ଖରାଦିନେ ଗାଡ଼ିଆପାଣି। ଛୋଟ ପିଲା ପାଣିରେ ବୁଡ଼ିଯିବେ ଏହି ଭୟରେ ମା' ଆମକୁ ଗୋଟିଏ ସର୍ତ୍ତରେ ବାହାରକୁ ଗାଧୋଇବା ପାଇଁ ଛାଡ଼ିଥାଏ। ଦାଣ୍ଡ ଦୁଆରେ ଛେପ ପକାଇ ଯିବୁ ଏବଂ ଛେପ ଶୁଖିବା ପୂର୍ବରୁ ଘରେ ପହଞ୍ଚିବୁ।

ସଂଧ୍ୟା ହେବା ଆଗରୁ ଘରକୁ ଆସିବାକୁ ହେବ। ମୁହଁ ହାତ ଧୋଇ ସଂଧ୍ୟା ପ୍ରାର୍ଥନା ସମସ୍ତେ ମିଶି କରିବା ଆମ ଘରର ନିତ୍ୟ କାର୍ଯ୍ୟ ଥିଲା। ଆମେ କେବଳ ପିଲାମାନେ ରହୁଥିଲେ ସୁଦ୍ଧା ମା'ର ଅଭ୍ୟାସ ଥିଲା ଘରେ ପ୍ରତିଦିନ ଗରମ ଭାତ ଡ଼ାଲି ଓ ତରକାରୀ ହେବ। ଗାଁ ବୋଲି ପଖାଳ ଖାଇ ଚଳାଇ ନିଅ ଏପରି ବିଚାର ମା' ପାଖରେ ନଥିଲା। ଖାଇବାବେଳେ ଖାଦ୍ୟ ନଷ୍ଟକଲେ ଲକ୍ଷ୍ମୀ ଛାଡ଼ିଯିବେ, ଏ ନିୟମ ମା' ଆମକୁ ଶିଖାଇଥିଲା।

ମା'ର ସ୍ମୃତିଶକ୍ତି ଅତି ପ୍ରଖର ଥିଲା। ଗାଁର ପ୍ରତ୍ୟେକ ପରିବାରର ଖବର ମା' ପାଖରେ। କାହାର ଝିଅ କେଉଁଠି ବିଭା ହୋଇଛି, ବୋହୂ କେଉଁ ଗାଁରୁ ଆସିଛି, କାହା ଘରେ ଗାଈ ଖିର ଦେଉଛି, କାହା ବାଡ଼ିରେ ଲେମ୍ବୁ ମିଳିବ, ଏସବୁ ଖବର ମା' ପାଖରେ ଥିବ। ଗାଁର ସ୍ତ୍ରୀ ଲୋକମାନେ ମା' ପାଖରୁ ପ୍ରାଥମିକ ଚିକିତ୍ସା ପାଇଁ ପୁରୁଣା ଗୁଡ଼, ପୁରୁଣା ତେନ୍ତୁଳି ନେବାକୁ ପିଲା ପାଳନ କଥା ବୁଝିବାକୁ, ହାତ ଉଧାରି ନେବା, ଶାଶୁ ବୋହୂ ଭିତରେ ଝଗଡ଼ା ସମାଧାନ ପାଇଁ ପରାମର୍ଶ ନେବାକୁ ଆସିଥାଆନ୍ତି।

ଗାଁରେ ଥାଇ ପିଲାମାନଙ୍କ ଦେହପା, ପାଠପଢ଼ା ଆଦି ବୁଝିବା ସହିତ ମା' ଆମର ଚାଷବାସ, ଭାଗୁଆଳୀ କଥା ବି ବୁଝେ। ହାତରେ କିଛି ପଇସା ସଞ୍ଚୟ କରି ଗାଁରେ ଅଢ଼େଇ ଏକର ଚାଷଜମି କିଣିଥିଲା ମା'। ବାପାଙ୍କୁ କହି ଢେଙ୍କାନାଳ ଟାଉନ୍‌ରେ ଗୋଟିଏ ଯାଗା କିଣି ସେଥିରେ ଘରଟିଏ ତିଆରି କରାଇଥିଲା। ଏଥିପାଇଁ ବାପାଙ୍କ ରୋଜଗାର ଏବଂ ମା'ର ବୁଦ୍ଧି ଉଭୟ କାମ କରିଥିଲା। ସେହି ମାତାପିତାଙ୍କ ସାଧନାର ଫଳସ୍ୱରୂପ ଆମେ ଚାରିଜଣ ଭାଇ ଆଜି ସମାଜରେ ପ୍ରତିଷ୍ଠିତ ହୋଇପାରିଛୁ। ଦୁଇଜଣ ଭଉଣୀ ମଧ୍ୟ ତାଙ୍କ ପରିବାରକୁ ନେଇ ଶାନ୍ତିରେ ଅଛନ୍ତି। ମା'ର ବ୍ୟକ୍ତିତ୍ୱ ଏତେ ଦୃଢ଼ ଥିଲା ଯେ ଆମେ ଚାରିଭାଇ ଶିକ୍ଷିତ ଓ ପ୍ରତିଷ୍ଠିତ ହେବାପରେ ସୁଦ୍ଧା ତା'ର କଥା କାଟିଦେବା ଆମ ପାଇଁ ଅସମ୍ଭବ ଥିଲା ଏବଂ ଘରେ ଚାରି ବୋହୂ ସ୍ୱାମୀମାନଙ୍କୁ ଅନୁସରଣ କରି ମା'ର ଆଜ୍ଞାଧୀନା ହୋଇ ରହିଥିଲେ।

ବାପା ଅବସର ନେବାପରେ ଗାଁରେ ଆସି ରହିଲେ। ଗାଁ ଘର କଥା ବୁଝିବାକୁ ଆମ ଭିତରୁ ସାନ ଭାଇକୁ ଯୋଜନା କରି ଗାଁ ଘରେ ରଖାଗଲା। ଏଣୁ ପୁଅ-ବୋହୂ ନାତି ନାତୁଣୀକୁ ନେଇ ବାପାଙ୍କ ସହିତ ମା'ର ଏଇ କେତେବର୍ଷ ଜୀବନ ବେଶ୍ ଖୁସିରେ କଟିଥିଲା। କିନ୍ତୁ ବାପାଙ୍କର ଦେହାନ୍ତ ପରେ ମା'ର ମନୋବଳ ଭାଙ୍ଗିଯାଇଥିଲା। ଜୀବନର ଶେଷ ୭ବର୍ଷ ମା'ର ବୈଧବ୍ୟ ଜୀବନ ଥିଲା ଏବଂ ଏହି ସମୟରେ ଘର ଜଞ୍ଜାଳରୁ ସେ ନିଜକୁ ଏକଦମ ମୁକ୍ତ କରିଦେଇଥିଲା। ଗାଁ ଘର ସାନ ପୁଅ-ବୋହୂଙ୍କ ଜିମା ଛାଡ଼ିଦେଇ ଅନ୍ୟ ପୁଅମାନଙ୍କ ପାଖରେ ବୁଲିବୁଲି ରହିଲା। ଏ ସମୟରେ ମା' ଆମର ଏକ ଭିନ୍ନ ଚରିତ୍ରର ମଣିଷ ହୋଇଯାଇଥିଲା। ମାନ ଅଭିମାନ ନାହିଁ, ରାଗରୁଷା, ବିରକ୍ତ ନାହିଁ, ସବୁ କଥାରେ ରାଜି, ସବୁ ପରିସ୍ଥିତି ପାଇଁ ପ୍ରସ୍ତୁତ।

ମା' ଜୀବନର ଶେଷ ଏକ ବର୍ଷ ଉଚ୍ଚ ରକ୍ତ ଚାପ, ମଧୁମେହ, ଗୋଡ଼ ଭଙ୍ଗା, ସ୍ମୃତି ହ୍ରାସ ଆଦି ରୋଗରେ ଗ୍ରସ୍ତ ହୋଇଥିଲା ଏବଂ ଶେଷରେ ପ୍ରାୟ ୧ମାସ ପାଇଁ ଶଯ୍ୟାଶାୟୀ ହୋଇ ପଡ଼ିଥିଲା। ଗାଁରେ ତା'ର ଶେଷ ନିଶ୍ୱାସ ତ୍ୟାଗ କରିଥିଲା ୭୫ବର୍ଷ ବୟସରେ।

ମା' ଆମ ପାଇଁ ପ୍ରେରଣାର ସ୍ରୋତ, ମନୋବଳର ଆଧାର ଏବଂ ଜଣେ ଆଦର୍ଶ ଚରିତ୍ର। ତାର ତ୍ୟାଗ ପାଖରେ ଆମେ ସଦା ମଥାନତ ଏବଂ ତା'ପାଖରେ ଚିରଋଣୀ।

୦୨, ଜ୍ୟୋତି ଏନ୍‌କ୍ଲେଭ, ଲକ୍ଷ୍ମୀ ବିହାର, ସୈନିକ ସ୍କୁଲ, ଭୁବନେଶ୍ୱର-୭୫୧୦୦୫
ମୋ.-୮୮୯୫୫୨୩୫୬୧

## ସ୍ମୃତି ଶତଦଳ ୨୦

# (ନାରୀର ଶାଣିତ ସ୍ୱର)



ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ଼, କଟକ-୧୨
(ମୋ) -୯୪୩୭୦୫୫୦୦୭

**ଫାଲଗୁନ ପୂର୍ଣ୍ଣିମାରେ କୃଷ୍ଣ ଆରମ୍ଭ କରିଥିଲେ ହୋଲି ଖେଳ। ସେମାନଙ୍କ ସହିତ ଗୋକୁଳର କିଶୋରକିଶୋରୀମାନେ ସମସ୍ତେ ରଙ୍ଗରେ ରଙ୍ଗିନ ହୋଇଯାଇଥିଲେ। କୃଷ୍ଣ ହୋଲି ଖେଳିଥିଲେ ପଳାସ ଫୁଲର ରଙ୍ଗରେ।**

(ପୂର୍ବ ପ୍ରକାଶିତ ଉତ୍ତାରୁ)

ନାରୀ ମୂକ ନହେଲେ ବି 'ମୁଖରା' ନୁହେଁ କାରଣ ନାରୀର ଶାଣିତ ସ୍ୱରକୁ ପରିବାରରେ ବା ସମାଜରେ କେହି ବରଦାସ୍ତ କରି ପାରନ୍ତି ନାହିଁ ଯଦି ତା'ର ଶାଣିତ ସ୍ୱର କେହି ସହିପାରନ୍ତି ନାହିଁ, ତେବେ ଅନ୍ୟାୟ ହେଲେ ନାରୀଟିଏ ପାଇଁ କାହିଁକି ସ୍ୱର ଉତ୍ତୋଳନ କରନ୍ତି ନାହିଁ ? କାରଣ ପୁରୁଷର ସ୍ପର୍ଦ୍ଧିତ ପୌରୁଷ ତଳେ ନାରୀ ସବୁବେଳେ ନୀରବ ରହିବାକୁ ବାଧ୍ୟ ହୋଇଥାଏ । ନାରୀଟିକୁ ନିଜ ଅସ୍ତିତ୍ୱ ଜାହିର କରିବା ପାଇଁ ସାମାନ୍ୟ ସଂଘର୍ଷରୁ ବେଳେବେଳେ ପ୍ରବଳ ସଂଘର୍ଷ କରିବାକୁ ପଡିଥାଏ। ଯେଉଁ ସ୍ୱାମୀ ଓ ପରିବାର ପାଇଁ ସେ ସାରା ଜୀବନ ନିଜକୁ ଉତ୍ସର୍ଗ କରିଥାଏ, ଯେଉଁ ସନ୍ତାନ ମାନଙ୍କ ପାଇଁ ନିଜ ଜୀବନକୁ ଜଳାଂଜଳି ଦେଇଥାଏ ଏବଂ ଜୀବନର ଅନେକ କିଛି ସୁଖସ୍ୱାଚ୍ଛନ୍ଦ୍ୟକୁ ହରାଇଥାଏ, ସେଇମାନେ ହିଁ ତା'ର ବଳିଦାନକୁ ସ୍ୱୀକାର କରିନଥାନ୍ତି। ତେବେ ଏ ସବୁ ମଧ୍ୟରେ ହାରି ଯାଇନଥାଏ ନାରୀ। ନିଜ ପ୍ରୟାସ ଓ ସଂଘର୍ଷ ଜାରିରଖି ବିଜୟ ଜାହିର ରଖେ। ସେଥିପାଇଁ ସେ ସମାଜର ଅନ୍ୟ ମହିଳାମାନଙ୍କ ପାଇଁ ତଥା ପରବର୍ତ୍ତୀ ପୀଢି ପାଇଁ ପାଲଟିଯାଏ ଉଦାହରଣ ।

ତେବେ ନାରୀର ସ୍ୱରକୁ ଶାଣିତ କରିବା ପାଇଁ ସମାଜର ମାନସିକତାରେ ପରିବର୍ତ୍ତନ ଲୋଡା। ଲୋଡା ପୁରୁଷ ମାନଙ୍କର ମଧ୍ୟ ଯୁଗୀୟ ମାନସିକତାର ଅବସାନ । ଏହା କେବଳ ସମ୍ଭବ ହେବ ଯଦି ଝିଅଟିକୁ ନିଜଘରୁ ସମ୍ମାନ ମିଳିବ । ସମସ୍ତେ ନିଜ ନିଜ କନ୍ୟାଭ୍ରୁଣକୁ ଗର୍ଭରେ ହତ୍ୟା ନକରି ଶିଶୁ କନ୍ୟାକୁ ଜନ୍ମ ଦେବେ। ତା'ର ଜନ୍ମ ହେବାର ଅଧିକାରକୁ ସମ୍ମାନ ଦେଇ ଏ ପୃଥିବୀକୁ ଆଣିବେ। ଶୈଶବରୁ ତାର ଖାଦ୍ୟ ସ୍ୱାସ୍ଥ୍ୟ ଶିକ୍ଷା, ପ୍ରତି ଗୁରୁତ୍ୱ ଦେବେ । କିଶୋରୀ ଓ ଯୁବତୀ ଝିଅମାନଙ୍କୁ ମଧ୍ୟ ଖାଦ୍ୟ, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ସମାନ ଅଧିକାର ଦେବେ । ତେବେ ଯାଇ ଝିଅମାନଙ୍କୁ ଏ ପୃଥିବୀର ଆଲୋକ ଦେଖିବାର ସୁଯୋଗ ମିଳିବ।

ମା' ମାଉସୀ ଓ ଗୁରୁଜନମାନେ ଘରେ ପ୍ରତ୍ୟେକ ପୁଅ, ବିଶେଷ ଭାବରେ କିଶୋର ଓ ଯୁବକ ମାନଙ୍କୁ ନିଜ ଭଉଣୀ, ମା, ମାଉସୀ ତଥା ଅନ୍ୟ ମହିଳାମାନଙ୍କୁ ଅସମ୍ମାନ ନକରି ସମ୍ମାନ ଦେବାକୁ ଶିଖାଇବେ । ତେବେ ଯାଇ ସେମାନେ ଅନ୍ୟ ନାରୀ ମାନଙ୍କୁ ସମ୍ମାନ ଦେଇ ପାରିବେ । ସାରା ଦୁନିଆରେ ମାତୃଶକ୍ତିକୁ ଯଥୋଚିତ ମାନ୍ୟତା ଦିଆଗଲେ ଏକ ସୁସ୍ଥ ସୁରକ୍ଷିତ ଓ ଶୋଭନୀୟ ସମାଜ ଗଠନ ସମ୍ଭବପର ହେବ।

ଜଣେ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ ହୋଇଥିବାରୁ ଅନେକ ବର୍ଷ ଧରି ପ୍ରତିଦିନ ବହୁ ମହିଳାଙ୍କୁ ଚିକିତ୍ସା କରି ଆରୋଗ୍ୟ କରିବାର ଆଶୀର୍ବାଦ ପ୍ରଭୁ ମତେ ଦେଇଛନ୍ତି । ତେଣୁ ପ୍ରାୟ ଅସଂଖ୍ୟ ରୋଗୀଙ୍କ ଠାରେ ଶାରୀରିକ ଓ ମାନସିକ ଦୁଃଖକୁ ଅନୁଭବ କରି ବହୁ ପାଖରୁ ତାଙ୍କୁ ନିରୀକ୍ଷଣ କରିବାର ସୌଭାଗ୍ୟ ପାଇଛି । ବହୁ ସମୟରେ ତାଙ୍କର ନାରୀ ହେବାର ଦୁଃଖକୁ ନିଜ ଭିତରେ ଅନୁଭବ କରିଛି । ତା' ଭିତରୁ କେତୋଟି ଜ୍ୱଳନ୍ତ ଉଦାହରଣ ଦେଉଛି ।

ଥରେ ଏସ.ସି.ବି ମେଡିକାଲ କଲେଜରେ ଗାଇନିକ୍ ଆଉଟ୍‌ଡୋରରେ ବସି ପେସେଣ୍ଟ ଦେଖୁଥିବା ବେଳେ ଅତି କ୍ଷୀଣକାୟ ସ୍ତ୍ରୀଲୋକଟିକୁ ସମ୍ଭବତଃ ତା'ର ସ୍ୱାମୀ ଏବଂ ଭାଇ ଟେକି ଟେକି ଆଣିଲେ। ଏମିତିକି ବସିବା ବି କଷ୍ଟକର ତା' ପାଇଁ। ଏମିତି ଅବସ୍ଥା କାହିଁକି ହେଲା ଏବଂ କେବେଠାରୁ ଏ ଲକ୍ଷଣ ଜଣାପଡ଼ିଲାଣି ବୋଲି ରୋଗୀଟିକୁ ପଚାରିବାରୁ, ସ୍ୱାମୀ ଜଣଙ୍କ ଆଗେଇ ଆସି କହିଲେ, 'ଆଜ୍ଞା ସେ କିଛି ଜାଣିନି, ସେ କଥା କହିପାରେନି ଓ ବୁଝିପାରେନି । ମୁଁ ସବୁ କହୁଛି ।' ତାକୁ କଥା ମଝିରେ ଅଟକାଇ ପ୍ରଶ୍ନ କଲି 'କାହିଁକି ତୁମ ସ୍ତ୍ରୀ କ'ଣ ମୂକ ନାଁ ମୂର୍ଖ ? କଥା କହିପାରେନି ନାଁ କଥା କହି ଜାଣେନି । ଯଦି ଜାଣେ ସେ' ହିଁ କହୁ ।' ଆଶ୍ଚର୍ଯ୍ୟ ଭାବରେ ସଜାଡ଼ି ହୋଇ ବସିଲା ସ୍ତ୍ରୀଲୋକଟି ଏବଂ ଅତି ଆର୍ଟିକୁଲେଟେଡ଼ ୱାର୍ଡ଼ରେ ମୂଳରୁ ଶେଷଯାଏଁ ରୋଗର ଇତିହାସ ବର୍ଣ୍ଣନା କଲା ଏବଂ ସେ ଯେ' ନିହାତି ଭାବରେ ଅବହେଳିତା ହୋଇଛି, ସେ କଥା କହିବାକୁ ମଧ୍ୟ ପଛାଇଲାନି। ପ୍ରାୟ ବର୍ଷେ ପରେ ସ୍ୱାମୀ ପୁଙ୍ଗବ ଏକଥା ହୃଦୟଙ୍ଗମ କରି ତାକୁ ଡକ୍ତରଖାନାକୁ ଆଣିଲେ । ତାକୁ ପରୀକ୍ଷା କରିବାପରେ ଜଣାପଡ଼ିଲା, ପେଟରେ ଗୋଟିଏ ବଡ଼ଟ୍ୟୁମର ଫାଇବ୍ରଏଡ଼ ହୋଇଛି ଏବଂ ଅତ୍ୟଧିକ ରକ୍ତସ୍ରାବ ହୋଇ ସେ ରକ୍ତହୀନତା ଭୋଗୁଛି । ତା' ସ୍ୱାମୀଙ୍କୁ ଚାହିଁ ମୁଁ ପଚାରିଲି 'ସେ ତ' ବର୍ଷହେଲାଣି ଏମିତି କଷ୍ଟ ପାଉଛି, ତାକୁ ଆଗରୁ ଆଣିକରି ଚିକିତ୍ସା କରେଇଲେ ନାହିଁ ? ଏବେ କାହିଁକି ଟେକି ଟେକି ଆଣିଲେ? ସେ ତ ଖୁବ୍ ସିରିୟସ୍ ହେଲାଣି । ନିଶ୍ଚୟ କିଛି ସ୍ୱାର୍ଥରେ ବାଧା ହୋଇଛି ଆପଣଙ୍କର, ଘୁଷୁରି ଘୁଷୁରି ମଧ ରାନ୍ଧିବାଢ଼ି ଖାଇବାକୁ ଦେଇପାରିଲାନି ତ ପେଟ ନ ପୁରିଲାଠୁଁ ଚିନ୍ତା ବଢ଼ିଲା ଏବଂ ଆପଣ ଆଣିଲେ।' ତା'ର ସଂକ୍ଷିପ୍ତ ଉତ୍ତର ଥିଲା 'ହଁ ଆଜ୍ଞା, ଖାଲି ଘୁଷୁରିଲା । ରାନ୍ଧି ପାରିଲାନି । କିନ୍ତୁ କିଛି ପରୀକ୍ଷା, ନିରୀକ୍ଷା କରିପାରିବିନି ମୁଁ, ଖାଲି ଟିକେ ଔଷଧ ଦେଇ ଦିଅନ୍ତୁ', ସେ କିଛି ମାତ୍ରାରେ ଭଲ ହୋଇଯାଉ । ସଙ୍ଗେ ସଙ୍ଗେ ମୁଁ କହିଲି ଔଷଧ ଓ ଟନିକ୍ ଖାଇ ଏବେ ଟିକେ ସୁସ୍ଥ ହୋଇ ରାନ୍ଧିବାଢ଼ି ଦେଉ, ତେଣିକି ପଛେ ତା'ର ଯାହା ହେଉ । ଏଭଳି ମାନସିକତାରୁ କେବେ ମୁକ୍ତ ହେବ ସମାଜ ? ନାରୀ ପାଇଁ କେବେ ଆଛେ ଦିନ୍ ଆସିବ ?

(କ୍ରମଶଃ)

# ଧାରାବାହିକ ଅନୁବାଦ ଉପନ୍ୟାସ-(୧୪)

# ମାଆ



ମୂଳ ମରାଠୀ :
ଉତ୍ତମ କାମ୍ବଲେ





ଅନୁସୃଜନ:
ନନ୍ଦିତା ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ପଢ଼ାପଢ଼ି କରି ମୁଁ ବଡ଼ ହେଇଯିବି। ମୋତେ ଚାକିରି ମିଳିଯିବ। ମୁଁ ମୋ ମାଆ ପାଇଁ ଦାମିକା ଶାଢ଼ି,ଏତେ ଦାମିକା ଶାଢ଼ି କିଣିବି ଯେ ସମସ୍ତେ ଖାଲି ଅନେଇ କି ରହିଯିବେ। ମୁଁ ବାପାଙ୍କୁ ବି କାମ କରିବାରୁ ମୁକ୍ତ କରିଦେବି। ମୁଁ ମାଆକୁ ନିଜ ପାଖରେ ରଖିବି। ତାର କୌଣସି ପ୍ରକାର ଅସୁବିଧା ହେବାକୁ ଦେବିନି। ସିଏ ଖାଲି ଖାଇବ, ପିଇବ ଆଉ ଆରାମରେ ରହିବ। ମୁଁ ପୋକ ନୁହେଁ, ମଣିଷ ହେବି। ମୁଁ ଗୋବର ଭିତରେ ଛଟପଟ ହୋଇ ବଞ୍ଚିବି ନାହିଁ। ମୁଁ ନିଜ ପାଇଁ ଘର ତିଆରି କରିବି। ମୁଁ ପୋକମାନଙ୍କର ଗାତରେ ନୁହେଁ, ମଣିଷମାନଙ୍କ ବସ୍ତିରେରହିବି। ସ୍ୱପ୍ନମାନେ ନିରବଚ୍ଛିନ୍ନ ଭାବରେ ମୋ ଆଖି ଆଗରେ ଭାସି ଯାଉଥିଲେ। ମାଆ ମୋତେ ଖୁବ୍ ଦାମୀ, ନଅଗଜି (ନଅ ଗଜ ଲମ୍ବା) ଶାଢିରେ ଦିଶୁଥିଲା। ତାର ଚେହେରାରେ ଥିଲା ପ୍ରସନ୍ନତା। ପ୍ରତିଦିନ, ପ୍ରତିକ୍ଷଣ ମାଆର ଚେହେରାରେ ଉଙ୍କି ମାରୁଥିବା ଚିନ୍ତାର ପାହାଡ଼ ଯେମିତି ପୁରାପୁରି ଉଭେଇ ଯାଇଥିଲା କୁଆଡ଼େ।

ସ୍ୱପ୍ନମାନଙ୍କର ଭିଡ଼ ଓ ଠେଲାପେଲାରେ ଓଡ଼ଶମାନଙ୍କର ରକ୍ତ ଶୋଷିବା ଦିଗରୁ ଖୁବ୍ ସହଜରେ ଧ୍ୟାନ ଆଡ଼େଇ ଯାଉଥିଲା। ନିଦ ଭାଙ୍ଗିଲା ମାତ୍ରେ ଓଡ଼ଶମାନଙ୍କୁ ମକଚିବାରୁ ରକ୍ତାକ୍ତ ହୋଇଥିବା ହାତ ପାପୁଲି ଆଖି ସାମ୍ନାକୁ ଆସୁଥିଲା। ଓଡ଼ଶମାନଙ୍କୁ ମାରି, ତାଙ୍କର ରକ୍ତ ବୁହାଇପାରିଥିବାର ପ୍ରଶାନ୍ତି ବି ମିଳୁଥିଲା ହେଲେ ପରେ ଯଥାର୍ଥ ଭିତରେ ମୋର ହୃଦୟଙ୍ଗମ ହେଉଥିଲା ଯେ ଏଇ ରକ୍ତ ଶୋଷକମାନଙ୍କ ପେଟରେ ମୋର ହିଁ ରକ୍ତ ଥିଲା।

(୧୬)

ସେ ସମୟରେ ଖୁବ୍ ଶିଘ୍ର, ଅର୍ଥାତ୍ ସକାଳ ଦଶଟା ସୁଦ୍ଧା ମୁଁ ଅଫିସ୍ ଚାଲି ଯାଉଥିଲି। ଆଉ ଭୋଅର୍ ତିନିଟା ବେଳେ ଫେରୁଥିଲି ଘରକୁ। ଖବରକାଗଜ ସେତେବେଳକୁ ବସ୍‌ଷ୍ଟାଣ୍ଡରେ ପହଞ୍ଚି ଯାଉଥିଲା। ବେଳେବେଳେ ମୁଁ ବି ଯାଇ ସେଠି ପହଞ୍ଚି ଯାଉଥିଲି। ଖବରକାଗଜର ବିକ୍ରି କେମିତି ହେଉଛି ଦେଖୁଥିଲି। ସାରା ବସ୍‌ଷ୍ଟାଣ୍ଡରେ ଆମରି ଖବରକାଗଜର ନାଁ ପ୍ରତିଧ୍ୱନିତ ହେଉଥିବା ଶୁଣି ଠେଲାବାଲାଠାରୁ କପେ ଗରମାଗରମ ଚା' ପିଇ ଘରକୁ ଫେରୁଥିଲି ମୁଁ।

ଏମିତି ହିଁ ଦିନେ ସକାଳେ ଘରକୁ ଫେରିଥିଲି। କେତେବେଳେ ପୁଣି ଥରେ ଶରୀରକୁ ବିଛଣା ଉପରେ ମେଲେଇବାର ଅବସର ମିଳିବ ତାଆରି ପ୍ରତୀକ୍ଷାରେ ଥିଲି ମୁଁ। ବାହାରକୁ ପିନ୍ଧି ଯାଇଥିବା ପ୍ୟାଣ୍ଟ, ସାର୍ଟକୁ ନ ବଦଳେଇ ସେମିତି ଗଡ଼ିଗଲି ମୁଁ ବିଛଣାରେ । ପ୍ରାୟ ଘଣ୍ଟାଏ ପରେ ହଠାତ୍ ଫୋନ୍‌ର ଘଣ୍ଟି ବାଜିବାକୁ ଲାଗିଲା। ସ୍ତ୍ରୀ, ଛୁଆ, ଆଉ ମାଆ ସମସ୍ତେ ସାମ୍ନା ହଲ୍‌ରେ ତଳେ ବିଛଣା ପକେଇ ଶୋଇଥିଲେ। ବିଛଣାରୁ ଉଠି ଫୋନ୍ ଉଠେଇବାର ଶକ୍ତି ନ ଥିଲା ମୋ ଦେହରେ। କିଛି ସମୟ ପାଇଁ ଘଣ୍ଟି ବାଜି ବାଜି ବନ୍ଦ ହୋଇଗଲା। ସକାଳୁ ସକାଳୁ ଖବରକାଗଜ ଏଜେଣ୍ଟଙ୍କର ଫୋନ୍ ଆସିବା ଆଶଙ୍କା ଥାଏ। କାହାକୁ ଠିକ୍ ସମୟରେ ପାର୍ସଲ୍ ମିଳି ନଥାଏ, କାହାକୁ ଯେତିକ ଖବରକାଗଜ କପି ମିଳିବା କଥା ମିଳି ନଥାଏ। ସତ କଥା କହିବାକୁ ଗଲେ ଏସବୁ ବୁଝିବାର ଦାୟିତ୍ୱ ଜଣ ବ୍ୟବସ୍ଥାପକଙ୍କର। ବିତରଣ ପାଇଁ ମଧ୍ୟ ଅନ୍ୟ ମ୍ୟାନେଜର ଅଛନ୍ତି। ତଥାପି ସମ୍ପାଦକଙ୍କୁ ସୂଚନା ଦେବାର ଶିଘ୍ରତା ଥାଏ ସମସ୍ତଙ୍କର। ଏପରି ଏକ ଭୁଲ୍ ବୁଝାମଣା ଥାଏ ସମସ୍ତଙ୍କର ମନରେ। ଅନେକ ବର୍ଷରୁ ଏପରି ଏକ ମାନସିକତା ରହି ଆସିଛି।

ସମ୍ପାଦକ ରାତିରେ କେତେବେଳେ ଘରକୁ ଫେରନ୍ତି ଏକଥା କେହି ସାଧାରଣତଃ ଚିନ୍ତା କରନ୍ତି ନାହିଁ। ଆଉ କରିବାର କାରଣ ବି କିଛି ନାହିଁ। ସମସ୍ତଙ୍କର ନିଜ ନିଜର କାମ ଅଛି। ସେସବୁକାମକୁ ଠିକ୍ ଭାବେ କରିବା ପାଇଁ ସମସ୍ତଙ୍କୁ ନିଜ ନିଜ ହିସାବରେ ସମୟ ଏଡ଼ଜଷ୍ଟ କରିବାକୁ ପଡ଼େ। ଫୋନ୍‌ର ଘଣ୍ଟି ବାଜିବା ବନ୍ଦ ହେଇଗଲା ପରେ ମନକୁ ଶାନ୍ତି ମିଳିଲା। ଆଖି ପତା ଭାରି ଭାରି ଲାଗୁଥିଲା। ଆଖି ଭର୍ତ୍ତି ନିଦ ଯେମିତି ଉଛୁଳି ପଡୁଥିଲା ଆଖିରୁ। ଏଇ ସମୟରେ ଆଉ ଥରେ ଫୋନ୍‌ର ଘଣ୍ଟି ବାଜି ଉଠିଲା। ଖୁବ୍ କଷ୍ଟରେ ମୁଁ ଫୋନ୍ ଉଠେଇଲି। ଫୋନ୍ କୌଣସି ଏଜେଣ୍ଟର ନ ଥିଲା। ଉପର ମହଲାରେ ରହୁଥିବା ପରିବାରରଥିଲା। ଅନ୍ୟ ପଟରୁ ଫୋନ୍ କରିଥିବାଲୋକକୁ କିଛି ଜରୁରୀ କଥା କହିବାର ଥିଲା। ମୁଁ ତାଙ୍କୁ କହିଲି "ଶୁଣନ୍ତୁ... ଭୋର୍ ତିନିଟା ବାଜିଛି ଏବେ। ସକାଳ ହେଲା ପରେ ମୋତେ ଫୋନ୍ କରିବେ। ଆପଣଙ୍କର ସମ୍ପର୍କୀୟଙ୍କୁ ଖବର ଦେବାପାଇଁ ଏବେ କେହି ନାହାଁନ୍ତି। ସମସ୍ତେ ଶୋଇଛନ୍ତି । ହେଲେଫୋନ୍‌ରେ କଥା ହେଉ ଥିବା ବ୍ୟକ୍ତି ଜଣକ ଜିଦ୍ କରୁଥିଲେ। କହୁଥିଲେ ତାଙ୍କର ସମ୍ପର୍କୀୟଙ୍କୁ ଡାକି ଦେବା ପାଇଁ। ଫୋନ୍‌ରେ ଆମ କଥା ମାଆ ଶୁଣୁଥିଲା। ସାଙ୍ଗେ ସାଙ୍ଗେ ଉଠିପଡ଼ି ସିଏ କହିଲା "ମୁଁ ଯାଉଛି ତାଙ୍କୁ ଡାକିବାକୁ। କିଏ ଫୋନ୍ କରିଛି ? ନିଶ୍ଚେ କିଛି ଜରୁରୀ କଥା ହୋଇଥିବ। ସେଇଥିପାଇଁ ଏତେ ରାତିରେ ଫୋନ୍ କରିଛନ୍ତି।"

ମୁଁ କହିଲି "ଏତେ ରାତିରେ ତୁ କାହିଁକି ଯିବୁ? ସିଡ଼ି ଅନ୍ଧାର ହୋଇଥିବ । ଉପରେ ରହୁଥିବା ପରିବାର ପାଇଁ ଫୋନ୍ ଅଛି।" ମାଆ କବାଟ ଖୋଲିଲା । ମୁଁ ହାତରେ ଧରିଥିବା ରିସିଭର୍‌କୁ ତଳେ ଥୋଇ ଦେଲି । ଦୁଇ / ତି ମିନିଟ୍ ପରେ ପାହାଚରୁ ଆସୁଥିବା ପାଦ ଶବ୍ଦରୁ ଲାଗିଲା ମାଆ ସିଡ଼ିରୁ ଓହ୍ଲାଉଛି। ଶେଷ ଦୁଇଟି ପାହାଚ ରହି ଯାଇଥିଲା। ଏଇ ସମୟରେ ମାଆ ସନ୍ତୁଳନ ହରେଇଦେଲା। ଆଉ ଧଡ଼ାସ୍ କରି ତଳେ ପଡ଼ିଗଲା ସିଏ। ମୋ ଆଖିରୁ ନିଦ ଉଡ଼ିଗଲା। ମୁଁ ଦୌଡ଼ି ଯାଇ ପହଞ୍ଚିଗଲି ସିଡ଼ି ପାଖରେ। ସାହାରା ଦେଇ ମାଆକୁ ଛିଡା କରେଇଲି । ଘର ଭିତରକୁ ଆଣିଲି। ଯାହାହେଉ ଆଶ୍ୱାସନାର ବିଷୟ ଯେ ମାଆକୁ କେଉଁଠି ବି ବିଶେଷ ଆଘାତ ଲାଗି ନଥିଲା।

ମୁଁ କହିଲି, "ରହ , ମୁଁ ମୋ ସ୍ତ୍ରୀକୁ ଉଠେଇ ଦଉଛି।"

ସିଏ: "ତାକୁ ଉଠାନା। ଛୋଟ ଛୁଆଟା ଏମିତି ବି ତାକୁ ଶୋଇବାକୁ ଦଉନି। ଏବେ ଯାଇ ତାକୁ ଟିକେ ନିଦ ଲାଗିଯାଇଛି। ଆଉ ମୋର ତ କିଛି ବି ହେଇନି !"

ମୁଁ: ହଉ ଛାଡ଼, ଖବର ଦେଇ ଦେଲୁ ତ ?

ସିଏ: କେମିତି ଦେଇଥାନ୍ତି ? ସିଏ ତ କବାଟ ହିଁ ଖୋଲିଲେ ନାହିଁ। କୁକୁରଟା ବହୁତ ଭୁକିଲା। ସେଥିପାଇଁ ମୁଁ ଫେରି ଆସିଲି।

ମୁଁ: ଠିକ୍ ଅଛି। ଏବେ ତୁ ଶୋଇପଡ଼।

ମାଆ ତାର ବିଛଣାରେ ଶୋଇ ପଡ଼ିଲା। ମୁଁ ଯାଇ ରିସିଭର ଉଠେଇଲି।

"ଶୁଣନ୍ତୁ.... ଆପଣଙ୍କର ସୂଚନା ଦେଇ ପାରୁନାହୁଁ। ଆପଣଙ୍କର ସମ୍ପର୍କୀୟ କବାଟ ହିଁ ଖୋଲୁ ନାହାଁନ୍ତି। ଦୟାକରି ଟିକେ ପରେ ଫୋନ୍ କଲେ ଭଲ ହେବ।" ସେପଟୁ ଫୋନ୍ କରିଥିବା ବ୍ୟକ୍ତିକୁ ମୁଁ କହିଲି।

ସେପଟୁ ସ୍ୱର ଶୁଣାଗଲା। "ମାଇଁଙ୍କୁ କହିବେ, ତାଙ୍କର ଆଇଙ୍କର ମୃତ୍ୟୁ ହୋଇଗଲା। କୌଣସି ପ୍ରକାରେ ତାଙ୍କୁ ଟିକେ ଏଇ ସୂଚନା ଦେଇ ଦିଅନ୍ତୁ। ତା' ହେଲେ ସିଏ ଟିକେ ଶିଘ୍ର ବାହାରି ପାରିବେ।"

ମୁଁ ଫୋନ୍‌ରେ ମିଳିଥିବା ପୂରା ସୂଚନାକୁ ଠିକ୍ ରୂପେ ବୁଝିଗଲି। ଏହା ଏକ ମୃତ୍ୟୁର ଖବର ଥିଲା। ମୋତେ ଲାଗିଲା ଏଥର ମୁଁ ନିଜେ ଯାଇ ଚେଷ୍ଟା କରିବି ଆଉ ତାଙ୍କୁ ଏଇ ସୂଚନାଟି ଦେଇଦେବି। ଆମର କଥାବାର୍ତ୍ତା ଶୁଣିବା କ୍ଷଣି ଶୋଇ ପଡ଼ିଥିବା ମାଆ ପୁଣି ଥରେ ଉଠି ବସି କହିଲା,"ତୁ ଯା'ନା, ତୁ ତ ଏବେ ଏବେ ଆସିଛୁ। ତୁ ଶୋଇପଡ଼ । ମୁଁ ହିଁ ଚାଲିଯାଉଛି ପୁଣି ଆଉଥରେ।"

ମୁଁ: ଥରେ ଧଡ଼ାସ୍ କରି ପଡ଼ିଥିଲୁ ନା। ତଥାପି ଶାନ୍ତି ଲାଗିଲାନି ତୋତେ? ମୋତେ ଯିବାକୁଦେ' । ତୁ କାହିଁକି ଯିବୁ ?

ସିଏ: ଆରେ ତୁ ତ ସବୁବେଳେ କହୁ ସମାଜସେବା କରିବା ଉଚିତ୍, ମୁଁ ଆଉ କଣ କରୁଥିଲି କି ?

ମୁଁ: ଏବେ ତୁ ଚୁପ୍‌ଚାପ ଶୋଇପଡ଼। ମୋ ମୁଣ୍ଡ ଖରାପ କରନା,କହୁଛି।

ସିଏ: ଠିକ୍ ଅଛି ବାବା! ଯାହା କରିବା କଥା ତୁ କର, ଏମିତି ବି ମୋର କୌଣସି କଥା କଣ ତୋର ପସନ୍ଦ ହୁଏ? ମୁଁ କଥା କହିବା ଆରମ୍ଭ କଲେ ହିଁ ତୋର ମୁଣ୍ଡ ବିଗିଡି ଯାଏ!

ମୁଁ: ମାଆ! ପ୍ଲିଜ୍ ଏବେ ଆଉ କୌଣସି ଝଞ୍ଜଟ କରନା।

ମୁଁ ବିଛଣାରୁ ଉଠିଲି। ଦେହକୁ ଟିକେ ସିଧା କଲି। ଆଉ ସିଡ଼ି ଚଢ଼ି ଉପରେ ପହଞ୍ଚିଲି। କଲିଂବେଲ୍‌ର ବଟନ ଉପରେ ଅନେକ ଥର ଆଙ୍ଗୁଳି ରଖିଲି। ହେଲେ ତାହା ଯେ ବାଜୁ ନଥିଲା, ସେ କଥା ଜଣା ପଡ଼ିଗଲା। କବାଟରେ ହାତ ବାଡ଼େଇଲି। ଯେମିତି କବାଟରେ ହାତ ବାଡ଼େଇଛି କୁକୁରର ଭୁକିବା ଶବ୍ଦ ଆସିବାକୁ ଲାଗିଲା। ମୁଁ ବାରବାର କବାଟ ଆଉ ତା ଉପରେ ଲାଗିଥିବା ଶିକୁଳିକୁ ବାଡ଼େଇଲି। ପ୍ରାୟ ପାଞ୍ଚ ମିନିଟ୍ ପରେ କାହାର ନିଦୁଆ ଓ ବିରକ୍ତିଭରା ସ୍ୱର ଶୁଣାଗଲା।

"କିଏ ସେ ବାହାରେ ?"

"ମୁଁ। ଆପଣଙ୍କର ଫ୍ଲାଟସ୍ ତଳେ ରହୁଥିବା ପଡ଼ୋଶୀ।"

"କଣ କାମ ଅଛି ଏତେ ରାତିରେ ?"

"ମୋର କିଛି କାମ ନାହିଁ। ଆପଣଙ୍କର ହିଁ ଫୋନ୍ ଅଛି।"

"କାହାର ଫୋନ୍ ?"

"ଆପଣଙ୍କର କୌଣସି ସମ୍ପର୍କୀୟଙ୍କର। ମାଇଁଙ୍କ ପାଇଁ ଖବର ଅଛି। ତାଙ୍କର ଆଈରେ ମୃତ୍ୟୁ ହୋଇଯାଇଛି। ଏ କଥା ଜଣେଇବାକୁ କହିଛନ୍ତି।"

"ଠିକ୍ ଅଛି। କିନ୍ତୁ ଆପଣ ଯଦି ଏ ଖବର ସକାଳେ ବି ଦେଇଥିଲେ ଚଳିଥାନ୍ତା।"

"କ୍ଷମା କରିବେ, ମୁଁ ଆପଣଙ୍କର କାମ କରିଦେଇଛି।"

"ତାଙ୍କର ଫୋନ୍ ଯଦି ପୁଣି ଆସେ ତାଙ୍କୁ କହିଦେବେ ଏତେ ରାତିରେ ପୁଣି କେବେ ଫୋନ୍ କରିବେନାହିଁ। କହିବେ କାଲି ସକାଳେ ଫୋନ୍ କରି କଥା ହେବେ।"

'ଠିକ୍ ଅଛି' କହି ମୁଁ ସିଡ଼ିରୁ ତଳକୁ ଓହ୍ଲେଇଲି। ସିଏ କବାଟ ବି ଖୋଲି ନଥିଲେ। ମୃତ୍ୟୁ ଖବର ଶୁଣି ବି ତାଙ୍କର କୌଣସି ପ୍ରତିକ୍ରିୟା ହୋଇ ନଥିଲା। ମୁଁ ଯେତେବେଳେ ହଲ୍‌ରେ ପହଞ୍ଚିଲି ମାଆ ପଚାରିଲା "ଖବର ଦେଇଦେଲୁ ?"

"ହଁ, ମାଆଦେଇଦେଲି। ହେଲେ ସିଏ କବାଟ ବି ଖୋଲିଲେନାହିଁ।"

"ହଉ ଛାଡ଼, ହାତର ସବୁ ଆଙ୍ଗୁଳି କଣ ସମାନ। ଯା' ଶୋଇପଡ଼ିବୁ, ନ ହେଲେ ତୋ ପୁଅ ଉଠି ପଡ଼ିବ।" (କ୍ରମଶଃ)

♥ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

# ଉନ୍ମୋଚିତ ହେଲା ପ୍ରଭାକର ସାହୁଙ୍କ ବ୍ୟଙ୍ଗ କବିତା ପୁସ୍ତକ 'ଧୋକା' ଓ ସାହିତ୍ୟ ପତ୍ରିକା 'ପଲ୍ଲୀ ମହକ ପ୍ରଭା କୁମୁଦିନୀ'



ରେମୁଣା, ୧୮/୦୩ (ନି.ପ୍ର): ରେମୁଣା ସାହିତ୍ୟ ସଂସଦ ଆନୁକୂଲ୍ୟରେ ବ୍ୟଙ୍ଗ କବି ପ୍ରଭାକର ସାହୁଙ୍କ ଚତୁର୍ଥ କବିତା ଗ୍ରନ୍ଥ 'ଧୋକା' ଓ ତାଙ୍କ ସମ୍ପାଦନାରେ ସାହିତ୍ୟ ପତ୍ରିକା ପଲ୍ଲି ମହକ ପ୍ରଭାକୁମୁଦିନୀ'ର ଲୋକାର୍ପିତ କବିଙ୍କ ମୁଖୁରା ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସଙ୍କ ପୌରାହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବରିଷ୍ଠ ସାହିତ୍ୟିକ ଡ. ରମାକାନ୍ତ ବେହେରା, ମୁଖ୍ୟ ବକ୍ତ କବି ଭରତ ଚନ୍ଦ୍ର ଦାସ, ସଦସ୍ୟ ଓଡ଼ିଶା ସାହିତ୍ୟ ଏକାଡେମୀ ବିଶିଷ୍ଟ ଅତିଥି କବି କାଳିପଦ ପଣ୍ଡା, ସଦସ୍ୟ ଓଡ଼ିଶା ସାହିତ୍ୟ ଏକାମେଡମୀ, ସମ୍ମାନନୀୟ ଅତିଥି ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ତଥା ବିଶିଷ୍ଟ ଔପନ୍ୟାସିକ ସୃଷ୍ଟିଧର ପରିଡ଼ା, ଡ. ରତ୍ନାକର ସିଂହ, ସମୀକ୍ଷକ କବି ନିରଞ୍ଜନ ସାହୁ, ବ୍ୟଙ୍ଗ କବି ରତ୍ନାକର ବେହେରା, ଆଇନ୍‌ଜୀବୀ ବିଜୟ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ହାସ୍ୟବ୍ୟଙ୍ଗ ସାହିତ୍ୟର ଆଦର ବଢୁଥିଲା ବେଳେ ବ୍ୟଙ୍ଗ କବି ପ୍ରଭାକର ସାହୁଙ୍କର ବ୍ୟଙ୍ଗ କବିତା ସଂକଳନ 'ଧୋକା' ଏହି ଧାରାକୁ ଅଧିକ ପରିପୃଷ୍ଟ କରିବା କଥା ଉଲ୍ଲେଖ କରି କବି ଶ୍ରୀ ସାହୁଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ଏହାପରେ ସାହୁଙ୍କ ସମ୍ପାଦିକ ସାହିତ୍ୟ ପତ୍ରିକା ପଲ୍ଲି ମହକ ପ୍ରଭା କୁମୁଦିନୀ ଦ୍ୱିତୀୟ ବର୍ଷର ପ୍ରଥମ ସଂଖ୍ୟା ଉନ୍ମୋଚିତ ହୋଇଥିଲା । କବି ସମ୍ପାଦକ ଶ୍ରୀ ସାହୁ ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିବା ସହ ସ୍ୱର୍ଗତା ମାତା ଅନ୍ନପୂର୍ଣ୍ଣା ସାହୁଙ୍କର ଅମର ଆତ୍ମାକୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ ଦେଇଥିବାବେଳେ କୁମୁଦିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଦିବସ ବ୍ୟାପୀ କାର୍ଯ୍ୟକ୍ରମରେ ପ୍ରଥମ ଅଧିବେଶନ ଏକ ମନଙ୍କ କବିତା ପାଠସୋବ ସଭାପତି ସୁଭାଷିନୀ ଜୀ ମୁଖ୍ୟ ଅତିଥି, ପୀତାମ୍ବର ପ୍ରଧାନ ମୁଖ୍ୟ ବକ୍ତା ଗୋପୀନାଥ ଗନ୍ତାୟତ, ସମ୍ମାନନୀୟ ଅତିଥି କବି ଗଙ୍ଗାଧର ଦାସ, ସଂଯୋଜକ ମଧୁସୂଦନ ମିଶ୍ର ଏବଂ ରବୀନ୍ଦ୍ର ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ସର୍ବଶ୍ରୀ ଯୋଗେଶ ଚନ୍ଦ୍ର ବେହେରା, ଷ୍ଟାଲିନ୍ ମିଶ୍ର, ଜୟଶ୍ରୀ ମିଶ୍ର, କଲ୍ୟାଣୀ ନନ୍ଦ, ବାସନ୍ତୀ କର, ଜୁମର ପାତ୍ର, ଶାନ୍ତିବିଶି, ପଦ୍ମଲୋଚନ ପ୍ରଧାନ, ସୁନାମଣି ଜେନା, ଦିପ୍ତିମୟୀ ସାହୁ, ପୁର୍ଣ୍ଣିମା ସିଂ, ଚକ୍ରଧର ଦାସ, ହରେକୃଷ୍ଣ ନାୟକ, ତୃପ୍ତିମୟୀ ସାହୁ, ତନ୍ମୟ କୁମାର ସାହୁ, ପ୍ରଦୋଷ କୁମାର ଜେନା, ମଧୁସ୍ମିତା ସାହୁ ସମେତ ଅନେକ କବି ଓ କବୟିତ୍ରୀ କବିତା ପାଠ କରିଥିଲେ ।

## ସାଇ ନର୍ସିଂହୋମରେ ଦୁଇ ଗୋଟି ବୃହତ ଟ୍ୟୁମରର ଅସ୍ତ୍ରୋପଚାର

ବାରିପଦା, ୧୮/୦୩ (ନି.ପ୍ର): ବାରିପଦା ସହରରେ ଅବସ୍ଥିତ ସାଇ ନର୍ସିଂହୋମରେ ଦୁଇଗୋଟି ବୃହତ ଟ୍ୟୁମରର ଅସ୍ତ୍ରୋପଚାର ହୋଇଛି । ଦୁଇଗୋଟି ଟ୍ୟୁମରର ଓଜନ ପାଖାପାଖି ୧୮କେ.ଜିରୁ ଉର୍ଦ୍ଧ୍ୱ ବୋଲି ଜଣାଯାଇଛି । ରୋଗୀଙ୍କ ବି.ଏସ.କେ.ୱାଇ. କାର୍ଡ ଦ୍ୱାରା ଚିକିତ୍ସା ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ହୋଇଥିବା ବେଳେ, ସୂଚନା ଯୋଗ୍ୟ ମୟୂରଭଂଜ ଜିଲ୍ଲା ଶୁଳିଆପଦା ଅଂଚଳର ସାଲଗେ ସରେନ ସ୍ୱାମୀ ନଗେନ ସରେନ ଓ କାନିମହୁଲି ଅଂଚଳର ସୁରିୟା ସିଂ ସ୍ୱାମୀ ବାଦଲ ସିଂ, ବହୁ ଦିନରୁ ଚିକିତ୍ସାଦିନ ଅବସ୍ଥାରେ ବହୁ ସରକାରୀ, ବେସରକାରୀ ଡାକ୍ତରଖାନାରେ ନିଜର ଚିକିତ୍ସା କରୁଥିବାବେଳେ ନିଜର ପେଟ ଏତେ ବୃହତ ଆକାର ହେବାର କାରଣ ଅସ୍ପଷ୍ଟ ଥିଲେ । ହେଲେ, ବାରିପଦା ସଦର ମହକୁମା ରେ ଅବସ୍ଥିତ ସାଇ ନର୍ସିଂହୋମ ଠାରେ ନିଜର ଚିକିତ୍ସା ଆରମ୍ଭ କରିଥିଲେ ଡାକ୍ତର ଗଙ୍ଗାଧର ମୁଣ୍ଡା , ସମସ୍ତ ଚିକିତ୍ସା ଓ ଲାବ ରେକର୍ଡ ଦେଖିଲାପରେ ଜାଣିପାରିଥିଲେ ପେଟରେ ପାଖାପାଖି ୯ ରୁ ୧୦ କେଜିର ଟ୍ୟୁମର ରହିଛି । ସାଇ ନର୍ସିଂହୋମର ପରିଚାଳକ ଲକ୍ଷ୍ମୀକାନ୍ତ ପତି ବି.ଏସ.କେ.ୱାଇ. କାର୍ଡ ଦ୍ୱାରା ଦୁଇଟି ଅସ୍ତ୍ରୋପଚାର ସଫଳତାର ସହ କରାଇ ଛନ୍ତି ।

## ଆରଏସିସି ନୂତନ ଶାଖା କାର୍ଯ୍ୟାଳୟ ଉଦଘାଟିତ

ଖୋର୍ଦ୍ଧା, ୧୮/୦୩ (ନି.ପ୍ର): ସ୍ଥାନୀୟ ପଲଟଣ ପଡିଆଠାରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ରିଟେଲ ଆସେଟ କ୍ରେଡିଟ ସେଟଂର (ଆରଏସିସି )ନୂତନ ଶାଖା କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି । ବ୍ୟାଙ୍କର ମହାପ୍ରବନ୍ଧକ ପୂନାମୁଲମ .ଏସ .ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କାର୍ଯ୍ୟାଳୟ ଉଦଘାଟନ କରିଥିଲେ । ଏଥିରେ ବ୍ୟାଙ୍କର ଉପମହାପ୍ରବନ୍ଧକ ସଂଜୟ କୁମାର ଝା, ଖୋର୍ଦ୍ଧା ଆଚଂଳିକ କାର୍ଯ୍ୟାଳୟ ସହକାରୀ ମହାପ୍ରବନ୍ଧକ ଭୁପଦେବ ପ୍ରଧାନ, ଆରଏସିସି ଖୋର୍ଦ୍ଧାର ମୁଖ୍ୟ ପ୍ରବନ୍ଧକ ଶରତ କୁମାର ସେଠୀ, ଓ ଷ୍ଟେଟ ବ୍ୟାଙ୍କର ଅନ୍ୟାନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଅବସରରେ ମୋଟ ୧୯୮ ସଂଖ୍ୟକ ଋଣରାଶି ମୋଟ ୧୦.୦୨ କୋଟି ଟଙ୍କାର ମଂଜୁର ହୋଇଥିବା ଜଣାଯାଇଛି ଓ କିଛି ଋଣଗ୍ରହୀତାଙ୍କୁ ମଂଜୁରୀ ପତ୍ର ପ୍ରଦାନ କରାଯାଇଛି । ତେବେ ଖୋର୍ଦ୍ଧା ଶାଖାରେ ଗ୍ରାହକମାନଙ୍କ ପ୍ରତି ବ୍ୟାଙ୍କ ପକ୍ଷରୁ ଅବହେଳା ଓ ଖାମଖିଆଲ ମନୋଭାବ ରହିଥିବାରୁ ଗ୍ରାହକମାନେ ଅସନ୍ତୋଷ ପ୍ରକାଶ କରିଥିଲେ ।

# ଆନ୍ତଃ କ୍ଲବ କ୍ରିକେଟ ଲିଗ : ରାଇରଙ୍ଗପୁର ଟିମ ବିଜୟୀ



ବାରିପଦା, ୧୮/୦୩ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଆସୋସିଏସନ ଓ ମୟୁରଭଂଜ ଏଥଲେଟିକ ଏସୋସିଏସନର ମିଳିତ ସହଯୋଗରେ ଜିଲ୍ଲା ସ୍ତରୀୟ ଓସିଏ ଭିଜନ - ୨୦୨୪ ଆନ୍ତଃ କ୍ଲବ କ୍ରିକେଟ ଲିଗ ଟୁର୍ଣ୍ଣାମେଂଟର ନବମ ଦିନର ମ୍ୟାଚରେ ରାଇରଙ୍ଗପୁର ଟିମ ଉଦଳା ଟିମକୁ ୫୭ ରନରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ରାଇରଙ୍ଗପୁର ୪୦ ଓଭରରେ ୮ ଉଇକେଟ ହରାଇ ୨୩୫ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଶୁଭମ ସାହୁ ୭୭, ଜୀବନଜିତ ସାହୁ ୬୮ ଓ ଆଦିତ୍ୟ କୁମାର ସାହୁ ୩୨ ରନ କରିଥିବା ବେଳେ ବିପକ୍ଷ ଦଳର ପ୍ରିତମ ଆଚାର୍ଯ୍ୟ ୪ ଟି ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ଉଦଳା ଟିମ ୩୩ ଓଭରରେ ସମସ୍ତ ଉଇକେଟ ହରାଇ ୧୭୮ ରନ କରପାରିଥିଲେ । ଦଳ ପକ୍ଷରୁ ରୋହିତ କୁମାର ମୁଦି ୮୯ ଓ ପ୍ରିତମ ଆଚାର୍ଯ୍ୟ ୩୬ ରନ କରିଥିବା ବେଳେ ବିପକ୍ଷ ଦଳର ଅଜୁ ମହାନ୍ତ ୫ ଟି ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି । ଜୀବନଜିତ ସାହୁ ମଧ ୨ ଟି ଉଇକେଟ ଅକ୍ତିଆର କରିଥିଲେ । ଦେବାଶିଷ ଗୁପ୍ତା ଓ ଦିଲ୍ଲୀପ ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ । ଅତିଥି ଭାବେ ଯୋଗ ଦେଇ ଆସୋସିଏସନର ସହ ସମ୍ପାଦକ ଅଶୋକ ପଟ୍ଟନାୟକ ଓ ବରିଷ୍ଠ ସଦସ୍ୟ ଉମେଶ ସାହୁ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ତତସହିତ ଏସୋସିଏସନର କ୍ରିକେଟ ସହ ସମ୍ପାଦକ ହରପ୍ରସାଦ ପାତ୍ର ମଧ ଉପସ୍ଥିତ ଥିଲେ ।

# ତ୍ରିଦେବ ଚାଲେଂଜ କପ ଫୁଟବଲ ଟୁର୍ଣ୍ଣାମେଂଟ : ଜଗତସିଂହପୁର ୨-୦ରେ ବିଜୟୀ



ଖୋର୍ଦ୍ଧା, ୧୮/୦୩ (ନି.ପ୍ର): ସ୍ଥାନୀୟ ବିଁକୁଡିଆ ଖେଳ ପଡିଆଠାରେ ଚାଲିଥିବା ତ୍ରିଦେବ ଚାଲେଂଜ କପ ଫୁଟବଲ ଟୁର୍ଣ୍ଣାମେଂଟର ଆଜି ତୃତୀୟ ସ୍ଥାନ ପାଇଁ ଟାଙ୍ଗି ଏଫସି ବନାମ ଜଗତସିଂହପୁର ମଧ୍ୟରେଖେଳ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ ଜଗତସିଂହପୁର ୨-୦ ଗୋଲରେ ବିଜୟୀ ହେଇ ଟୁର୍ଣ୍ଣାମେଟଂର ତୃତୀୟ ଦଳ ଭାବେ ତୃତୀୟ ସ୍ଥାନ ହାସଲ କରି ଟ୍ରଫି ଗ୍ରହଣ କରିଛି । ତେବେ ଜଗତସିଂହପୁର ଦଳ ପକ୍ଷରୁ ରାଜେଶ ବେହେରା ଖେଳ ପ୍ରଥମାର୍ଦ୍ଧରେ ୧ଟି ଗୋଲ ଓ ଦ୍ୱିତୀୟାର୍ଦ୍ଧରେ କୁନା ଦାସ ଆଉ ଏକ ଗୋଲ ଦେଇ ଦଳକୁ ଶେଷ ପର୍ଯ୍ୟନ୍ତ ୨-୦ ଗୋଲରେ ବିଜୟୀ ରଖିଥିଲେ । ଆଜି ମ୍ୟାଚକୁ ପରିଚାଳନା କରିଥିଲେ ପ୍ରଫୁଲ କୁମାର ବେହେରା, ଗିରିଶ ଚନ୍ଦ୍ର ଜାନୀ, ସାଗିର ଅହମଦ, ଯୁଧିଷ୍ଠିର ବେହେରା, ଆଜି ଅତିଥିଭାବେ ଖୋର୍ଦ୍ଧା ବ୍ଲକ ଅଧକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ ପାତ୍ର, ବରସାହି ସରପଂଚ ଶରତ ଚନ୍ଦ୍ର ବେହେରା, ପୁବୁସାହି ସରପଂଚ ସଂଘମିତ୍ରା ମହାପାତ୍ର, କେରଙ୍ଗ ସରପଂଚ ମବୁର ଖାଁ ପ୍ରମୁଖ ଯୋଗଦେଇଥିଲେ । ଆସନ୍ତା କାଲି ଫାଇନାଲ ମ୍ୟାଚ ଢେଙ୍କାନାଳ ପପୁଲାର କ୍ଲବ ବନାମ ଶରଧାରପୁର ଏସଏସଏ ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସଭାପତି ମାନସ କୁମାର ମହାପାତ୍ର ଓ ସଂପାଦକ ବିକ୍ରମ ରଣା ଜଣାଇଛନ୍ତି ।

# ୨୩ ମାର୍ଚ୍ଚ ରାଜ୍ୟସ୍ତରୀୟ ବିକଳ୍ପ ସମାବେଶର ସଫଳତା ପାଇଁ ପ୍ରସ୍ତୁତି ବୈଠକ




ବାରିପଦା, ୧୮/୦୩ (ନି.ପ୍ର): ଆମ ଦେଶ ଅମୃତ ମହୋତ୍ସବ ପାଳନ କରୁଥିବା ବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବାସ୍ତବତା ଠାରୁ ବହୁ ଦୂରରେ ଥାଇ ସଫଳତାର ତୂରୀ ବଜାଇ ରଲିଛନ୍ତି । ଅକ୍ସଫାମ ରିପୋର୍ଟ ଅନୁଯାୟୀ ବିଜେପି ଓ ମୋଦିଙ୍କ ଶାସନ ଗତ ୩ ବର୍ଷ ମଧ୍ୟରେ ଦେଶରେ ଭୋକିଲା ମଣିଷଙ୍କ ସଂଖ୍ୟା ୧୯ କୋଟିରୁ ୩୫ କୋଟିକୁ ପହଂଚାଇଛି । ଦରଦାମ ବୃଦ୍ଧି ଓ ବେକାରୀ ଉକ୍ଟ ହୋଇଛି । ଦେଶର ସମ୍ବିଧାନ, ଗଣତନ୍ତ୍ର ଓ ଧର୍ମନିରପେକ୍ଷତା ବିପନ୍ନ ହୋଇଥିବାର ସିପିଆଇ ପକ୍ଷରୁ ଅଭିଯୋଗ କରାଯାଇ ମାର୍ଚ୍ଚ୨୩ ଭଗତ ସିଂ ଫାସୀ ଦିବସରେ ସିପିଆଇ ପକ୍ଷରୁ ରଷୀର ଧାନ କୁଇଂଟାଲ ତିନିହଜାର ଟଙ୍କା, ୨୦୦ ୟୁନିଟ ନିଃଶୁଳ୍କ ବିଦ୍ୟୁତ, ଆଇନ ଶୃଙ୍ଖଳା ରକ୍ଷା ଓ ଦରଦାମ ନିୟନ୍ତ୍ରଣ, ନିଯୁକ୍ତିର ଗ୍ୟାରେଂଟି, ଶିକ୍ଷା ଓ ସ୍ୱାସ୍ଥ୍ୟର ବ୍ୟବସାୟୀକରଣ ବନ୍ଦ, ସାମାଜିକ ସୁରକ୍ଷା ଓ ସର୍ବନିମ୍ନ ମଜୁରୀ ମାସିକ ୨୬ ହଜାର ଟଙ୍କା, ଦଳିତ, ଆଦିବାସୀ, ମହିଳା ଓ ଆର୍ଥିକ ଅନଗ୍ରସରଙ୍କୁ ସୁରକ୍ଷା ଆଦି ୧୮ ଦଫା ଦାବୀରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ବିକଳ୍ପ ସମାବେଶ ଜିଲ୍ଲା ପାର୍ଟି ପକ୍ଷରୁ ଏକହଜାରରୁ ଉର୍ଦ୍ଧ୍ୱ ସାଥୀ, କର୍ମୀ ଓ ସମର୍ଥକ ଯୋଗଦେବାକୁ ବିଭିନ୍ନ ଜୋନ, ଶାଖା ଓ ଗଣ ସଂଗଠନର ନେତୃତ୍ୱରେ ଯୋଗଦେବେ ବୋଲି ଜିଲ୍ଲା ସଂପାଦକ ସାଥୀ ଜଗବନ୍ଧୁ ମିଶ୍ର ପ୍ରକାଶ କରିଛନ୍ତି । ଜିଲ୍ଲା ସିପିଆଇ ପାର୍ଟି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ସାଥୀ ତ୍ରୀନାଥ ପାତ୍ର ସଭାପତିତ୍ୱ କରିଥିବାବେଳେ ପାର୍ଟିର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଡା. ପ୍ରଶାନ୍ତ ମିଶ୍ର, ଜୟନ୍ତ ଦାସଙ୍କ ସମେତ ବଳରାମ ମହାନ୍ତ, ରଥ ସିଂ, ଶ୍ରୀକାନ୍ତ ସାମଲ, ଅଜିତ୍ କୁମାର ବାରିକ, ନାରାୟନ ଟୁଡୁ, ପରମେଶ୍ୱର ମହାନ୍ତ, ସୁଦର୍ଶନ ରାଉଳ, ସୁକଦେବ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ସାମାଜିକ ବିଜ୍ଞାନ ପ୍ରଶ୍ନପତ୍ରରେ ତ୍ରୁଟି

ବସ୍ତା, ୧୮/୦୩ (ନି.ପ୍ର): ଚଳିତବର୍ଷ ମ୍ୟାଟ୍ରିକ ବୋର୍ଡ ପରୀକ୍ଷାର ଶନିବାର ସାମାଜିକ ବିଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଏହି ପରୀକ୍ଷା ଚାଲିଥିବାବେଳେ ପ୍ରଶ୍ନ ପତ୍ରରେ ତ୍ରୁଟି ଥିବା ଦେଖିବାକୁ ମିଳିଛି । ବାଲେଶ୍ୱର ଜିଲା ସଦର ଓ ବସ୍ତା ବ୍ଲକ ସମେତ ମୟୁରଭଞ୍ଜ ଜିଲାର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀଙ୍କୁ ଦିଆଯାଇଥିବା ବି ସେଟ ପ୍ରଶ୍ନପତ୍ରରେ ଏ ସେଟ ପ୍ରଶ୍ନ ରହିଥିବା ଦେଖିବାକୁ ମିଳିଥିଲା । ଏ ସମ୍ପର୍କରେ ପରୀକ୍ଷାର୍ଥୀମାନେ କେନ୍ଦ୍ର ନିରୀକ୍ଷକଙ୍କୁ ଜଣାଇଥିଲେ । ବିଭିନ୍ନ କେନ୍ଦ୍ରରେ ଏ ଓ ସି ସେଟପ୍ରଶ୍ନ ପତ୍ର ଦିଆଯାଇଥିବାବେଳେ ଅନ୍ୟ କେତେକ କେନ୍ଦ୍ରରେ ଏହି ତ୍ରୁଟିପୂର୍ଣ ବି ସେଟ ରେ ପରୀକ୍ଷା କରାଯାଇଥିଲା । ଫଳରେ ଅବିଭାବକ ମହଲରୁ ଘୋର ଅସନ୍ତୋଷ ଦେଖାଯାଇଥିଲା । ତ୍ରୁଟିପୂର୍ଣ ପ୍ରଶ୍ନପତ୍ରର ଉତ୍ତର ଖାତାରେ କିଭଳି ମୂଲ୍ୟାୟନ ହେବ ସେନେଇ ଛାତ୍ରୀ ଛାତ୍ର ଚିନ୍ତାରେ ରହିଛନ୍ତି । ସଠିକ ମୂଲ୍ୟାୟନ ନିମନ୍ତେ ଛାତ୍ରୀ ଛାତ୍ର ଓ ଅବିଭାବକ ଶିକ୍ଷାମନ୍ତ୍ରୀ ଓ ଶିକ୍ଷା ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ବିଶିଷ୍ଟ ଶିକ୍ଷକ ଓ ସାରସ୍ୱତ ସାଧକ କାର୍ତ୍ତିକ ଦାସଙ୍କ ପରଲୋକ

ଜଳେଶ୍ୱର, ୧୮/୩(ନି.ପ୍ର): ଜଳେଶ୍ୱର ଅଂଚଳର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଶିକ୍ଷକ ସଂଘ ନେତା, ନିର୍ଭିକ ସ୍ପଷ୍ଟବାଦୀ, ଛାତ୍ରବତ୍ସଳ, କବି, ଅଧ୍ୟାତ୍ମିକବାଦୀ, ସାମ୍ୟବାଦୀ ନେତା କାର୍ତ୍ତିକ ଚନ୍ଦ୍ର ଦାସଙ୍କର ୮୦ବର୍ଷ ବୟସରେ ପରଲୋକ ଘଟିଛି । ନିଜ ବାସସ୍ଥାନ ନଛିମପୁର ପଂଚାୟତର ନାଗୁଡସାହିରେ ଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଜିକେ ଭଟ୍ଟର ହସ୍ପିଟାଲକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁ ବେଳେ ଦୁଇ ପୁଅ, ବୋହୂ, ନାତି ନାତୁଣୀ, ପରିବାର ଲୋକେ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁରେ ବିପିନ ବିହାରୀ ବିଶ୍ୱାଳ, ସୁଦର୍ଶନ ଦାସ, ଦିଲ୍ଲିପ ଗିରି, ସୁଦାମ ପାତ୍ର, ରବିନ୍ଦ୍ର ବାରିକ, ବସନ୍ତ ଦାସ, ତ୍ରିଲୋଚନ ଦାସଅଧିକାରୀ, ରାଜାରାମ କରସର୍ମା, ଡ. ଲଳିତରଂଜନ ସେନାପତି, ଖଗେନ୍ଦ୍ର ସାହୁ, ଭାଗବତଚନ୍ଦ୍ର ପରିଡା, କପିଳେଶ୍ୱର ମହାନ୍ତି, ବନମାଳି ଧଳ, କାଳିଚରଣ ପୃଷ୍ଟି, ସୁନିଲ ନାୟକ, ଗଂଗାନାରାୟଣ ପ୍ରଧାନ, ଶ୍ୟାମାଚରଣ ଦାସ, ବିଭୁତି ଦାସ, ଡ. ଅଜିତ୍ ମହାନ୍ତି, କାଳିପଦ ପଣ୍ଡା, ନରୋତ୍ତମ ପ୍ରଧାନ, ବିନୟ ଜେନା, ସୁଜିତ୍ ପାତ୍ର, ରବିନ୍ଦ୍ର ଦାସ, ସପନ ଜେନା, ବ୍ରଜମୋହନ ପ୍ରଧାନ, ରାଜେଶ ଜେନା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି । ବଡପୁଅ ତପନ ଦାସ ସୁବର୍ଣ୍ଣରେଖା ନଦୀକୂଳରେ ମୁଖାଗ୍ନି ଦେଇଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଭାରତ ଓ ବାଂଲାଦେଶ ଉର୍ଜା....

ବିକାଶର ଏହି ଯାତ୍ରାରେ ଭାରତ ଏକ ସହଯୋଗୀ ରାଷ୍ଟ୍ର ହୋଇଛି । ୨୦୧୫ ମସିହା ଜୁନ ମାସରେ ପ୍ରଧାନମନ୍ତ୍ରୀଙ୍କ ଐତିହାସିକ ବାଂଲାଦେଶ ଗସ୍ତରୁ ଏହି ପ୍ରକଳ୍ପର କଳ୍ପନା କରାଯାଇଥିଲା । ପ୍ରଧାନମନ୍ତ୍ରୀ ମୋଦି 'ନେବରହୁଡ୍ ଫାଷ୍ଟ ପଲିସି'ରେ ଲୋକଙ୍କ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବା ନେଇ ମତ ପ୍ରକାଶ କରିଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଦୁଇ ଦେଶ ମଧ୍ୟରେ ଉର୍ଜା ପ୍ରକଳ୍ପ ଜଡ଼ିତ ଥିବାରୁ ଖୁସିବ୍ୟକ୍ତ କରିଛନ୍ତି । ଏହି ଐତିହାସିକ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିଥିବାରୁ ଶ୍ରୀ ପ୍ରଧାନ ଦୁଇ ଦେଶର ପ୍ରଧାନମନ୍ତ୍ରୀ, କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀ ଏବଂ ପ୍ରକଳ୍ପ ସହ ଜଡ଼ିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ଏବଂ ସମ୍ପର୍କକୁ ମଜଭୁତ୍ କରିବା ପାଇଁ ବନ୍ଧୁତା ପାଇପଲାଇନ ଅନ୍ୟ ଏକ ପଦକ୍ଷେପ ବୋଲି ଟ୍ୱିଟରେ ଉଲ୍ଲେଖ କରିଛନ୍ତି । ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୫ ମସିହା ଜୁନ ମାସରେ ବାଂଲାଦେଶ ଗସ୍ତ କରିବା ସମୟରେ ଏହି ପ୍ରକଳ୍ପର ପରିକଳ୍ପନା କରିଥିଲେ । ପେଟ୍ରୋଲିୟମ ପାଇପଲାଇନ ଏବଂ ଉର୍ଜା ସୁରକ୍ଷା ନେଇ ଉଭୟ ଦେଶର ସମ୍ପର୍କକୁ ଦୃଢୀଭୂତ କରିବା ବିଷୟରେ ଉଲ୍ଲେଖ କରିବା ବେଳେ ଏହି ପ୍ରକଳ୍ପ ଉପରେ ପ୍ରଧାନମନ୍ତ୍ରୀ ମତ ରଖିଥିଲେ । ତତ୍କାଳୀନ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି କଳ୍ପନା ଓ ବିଚାରକୁ ଆଗେଇ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଉଭୟ ଦେଶ ମଧ୍ୟରେ ପାଇପଲାଇନ ନେଇ ଆଲୋଚନା ସମୟରେ ପ୍ରଥମେ ଟ୍ରେନ୍ ଯୋଗେ ଇନ୍ଧନ ପରିବହନ ନେଇ ଚିନ୍ତା କରାଯାଇଥିଲା । ୨୦୧୬ ମାର୍ଚ୍ଚ ୧୭ରେ ଶ୍ରୀ ପ୍ରଧାନ ସିଲିଗୁଡିରୁ ବାଂଲାଦେଶକୁ ଟ୍ରେନ୍ ଜରିଆରେ ହାଇସ୍ପିଡ୍ ଡିଜେଲ ପରିବହନର ଶୁଭାରମ୍ଭ କରିଥିଲେ, ଯାହା ୨୦୧୭ରେ ବାଣିଜ୍ୟିକ ବ୍ୟବସାୟରେ ପରିଣତ ହୋଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ୨୦୧୬ ମସିହା ଏପ୍ରିଲ ମାସରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଢାକା ଗ୍ରସ୍ତ ସମୟରେ ଅନେକ ଉର୍ଜା ପ୍ରକଳ୍ପ ସମେତ ବନ୍ଧୁତା ପାଇପଲାଇନ ବିଷୟରେ ଆଲୋଚନା କରିବା ସହ ବାଂଲାଦେଶର ପ୍ରଧାନମନ୍ତ୍ରୀ ଶେଖ୍ ଅସୀନା ଓ ଷ୍ଟେକହୋଲ୍ଡରଙ୍କ ସହ ସାକ୍ଷାତ୍ କରିଥିଲେ । ୨୦୧୭ ଏପ୍ରିଲ ମାସରେ ଏନଆରଏଲ ଏବଂ ବିପିସି ମଧ୍ୟରେ ଭାରତରୁ ବାଂଲାଦେଶକୁ ପାଇପଲାଇନ ମାଧ୍ୟମରେ ହାଇସ୍ପିଡ୍ ଡିଜେଲ୍ ପ୍ରଦାନ କରିବା ନେଇ ଦୀର୍ଘମିଆଦି କାରବାର ସମ୍ବନ୍ଧୀୟ ଏକ ଚୁକ୍ତି ସ୍ୱାକ୍ଷର ହୋଇଥିଲା ।

## ଝଡ ବର୍ଷା ସମ୍ଭାବନା : ୧୨ ଜିଲ୍ଲାକୁ ....

ଖୋର୍ଦ୍ଧା, ନୟାଗଡ ଓ କେନ୍ଦ୍ରାପଡା । ଏହି ସମୟ ମଧ୍ୟରେ ପୁରୀ , ଗଂଜାମ, ଗଜପତି, ସୁନ୍ଦରଗଡ, ଦେବଗଡ, ବୌଦ୍ଧ, କନ୍ଧମାଳ, ମାଲକାନଗିରି ଓ କୋରାପୁଟ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ବିଜୁଳି ସହ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ଜିଲ୍ଲା ଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୧୯ରୁ ୨୦ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, କେନ୍ଦୁଝର, ମୟୁରଭଂଜ, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, ଅନୁଗୁଳ ଆଜି ଜିଲ୍ଲାରେ ଘଡଘଡି ବିଜୁଳି ସହ ବର୍ଷା ଏବଂ ୪୦ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି । ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨୧ରୁ ୨୧ ତାରିଖ ମଧ୍ୟରେ ସୁନ୍ଦରଗଡ, କେନ୍ଦୁଝର, ମୟୁରଭଂଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ବିଜୁଳି ସମ୍ଭାବନା ଥିବାରୁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

## ନବୀନଙ୍କୁ ଭେଟିପାରନ୍ତି ....

ଉଦ୍ୟମ ଆରମ୍ଭ କରିଥିଲେ । ଏବେ ସମାନ ଧରଣର ଉଦ୍ୟମ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ପରେ ମମତା ଆରମ୍ଭ କରିଛନ୍ତି । କୋଲକାତାରେ ଅଖିଳେଶଙ୍କୁ ଭେଟିବା ପରେ ଓଡିଶା ଆସୁଛନ୍ତି ମମତା ବାନାର୍ଜୀ । କୁହାଯାଉଛି, ମମତା ୨୧ ତାରିଖରେ ଓଡିଶା ଆସିବେ । ଜଗନ୍ନାଥ ଦର୍ଶନ କରିବା ପରେ ୨୩ ତାରିଖରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବେ । କଂଗ୍ରେସକୁ ବାଦ ଦେଇ ଅଣ ବିଜେପି ମେଣ୍ଟ ନେଇ ମମତା-ନବୀନଙ୍କ ସହ ଆଲୋଚନା କରିପାରନ୍ତି । ତେବେ ଏହି ଭେଟଘାଟ ନେଇ ମୁଖ୍ୟମନ୍ତ୍ରୀଙ୍କ ଅଫିସ ପକ୍ଷରୁ କିଛି କୁହାଯାଇନାହିଁ । ବିଜେଡି କହିଛି, ଦଳ ସବୁବେଳେ ଦୁଇ ଦଳଠାରୁ ସମଦୂରତା ବଜାୟ ରଖିଛି । ବିଜେପି କହିଛି, ଏହି ଭେଟଘାଟ ଦଳ ଉପରେ କିଛି ପ୍ରଭାବ ପକାଇବ ନାହିଁ । ଜାତୀୟ ରାଜନୀତିକୁ ଦେଖିଲେ, ବିଜେଡି କେବେ ବି ଅଣ ବିଜେପି ଓ ଅଣ କଂଗ୍ରେସ ମେଣ୍ଟରେ ସାମିଲ ହୋଇନାହିଁ । ରାଜ୍ୟର ସ୍ୱାର୍ଥ ପାଇଁ ଦଳ ସବୁବେଳେ ସମଦୂରତା କଥା କହିଆସିଛି ।

## ଇମ୍ରାନଙ୍କ ଘରେ କବାଟ ଭାଙ୍ଗି.....

ଇମ୍ରାନଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଇମ୍ରାନଙ୍କ ସମର୍ଥକ ଅଭିଯୋଗ କରିଛନ୍ତି । ଅନ୍ୟପଟେ ପୁଲିସ କହିଛି ପ୍ରଥମେ ଗୁଳିମାଡ ହେବା ଯୋଗୁଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଗୋଟେ ପଟେ ତୋଷଖାନା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଇମ୍ରାନଙ୍କୁ ଗିରଫ କରିବା ପାଇଁ ଇସଲାମାବାଦ ପୁଲିସ ସବୁପ୍ରକାର ଚେଷ୍ଟା କରୁଥିବବେଳେ ଅନ୍ୟପଟେ ଧରାଛୁଆଁ ଦେଉନାହାଁନ୍ତି ଇମ୍ରାନ । ସେପଟେ ଅନ୍ୟ ମାମଲାରେ ହାଜର ହେବା ପାଇଁ କୋର୍ଟରେ ହାଜର ହେବାକୁ ଇସଲାମାବାଦ କୋର୍ଟ ଯାଉଥିବା ସମୟରେ ଗାଡି ଦୁର୍ଘଟଣାର ଶିକାର ହୋଇଥିବା ଇମ୍ରାନ ଭିଡିଓ ଜାରି କରି କହିଛନ୍ତି । ବହୁ ଚର୍ଚ୍ଚିତ ତୋଷଖାନା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇସାରିଛନ୍ତି ଇମ୍ରାନ ଖାନ । ତୋଷଖାନାର ବହୁ ମୂଲ୍ୟବାନ ଉପହାର ଓ ସମ୍ପତି ବିକ୍ରି କରିଥିଲେ ଇମ୍ରାନ । ଏହି ମାମଲାରେ ଇସଲାମାବାଦ କୋର୍ଟ ଇମ୍ରାନଙ୍କୁ ଗିରଫ କରି ୨୮ ମାର୍ଚ୍ଚ ସୁଦ୍ଧା ହାଜର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଚୀନକୁ ନେଇ ବଡ ବୟାନ ଦେଲେ....

ସ୍ଥଳସେନ ମୁଖ୍ୟ ଜେନେରାଲ ମନୋଜ ପାଣ୍ଡେ କହିଛନ୍ତି । ଗତ ତିନି ବର୍ଷ ହେବ ପୂର୍ବ ଲଦାଖରେ ଲାଇନ ଅଫ ଆକଚ୍ୟୁଆଲ କଂଟ୍ରୋଲରେ ସୁରକ୍ଷାବଳ ସଫଳତା ସହ ନିଜର ଦାୟିତ୍ୱ ତୁଲାଇଛନ୍ତି ସେନା । ଅନ୍ୟପଟେ ଚୀନ ଏବେବି ଏଲଏସିରେ ବହୁ ସଂଖ୍ୟାରେ ସୈନ୍ୟ ନିୟୋଜିତ ରଖିଛି । ଏଲଏସିରେ ସ୍ଥିତି ସ୍ଥିର ଥିଲେ ମଧ ଡ୍ରାଗନ ଜଗିବା ଓ ଅତି ନିକଟରୁ ସୀମା ଉପରେ ନଜର ରଖିବାର ଆବଶ୍ୟକତା ରହିଛି ବୋଲି ଏକ କନକ୍ଲେଭରେ ସ୍ଥଳସେନା ମୁଖ୍ୟ ମନୋଜ ପାଣ୍ଡେ କହିଛନ୍ତି । ତେବେ ସୀମାରେ ସ୍ଥିତି ସ୍ଥିର ଥିଲେ ମଧ ଚୀନ ସେନା ନ କମାଇ ଗୁଇନ୍ଦାଗିରି କରୁଛି । ତେଣୁ ପୂର୍ବ ଲଦାଖରେ ଅଧିକ ସୈନ୍ୟ ନିୟୋଜିତ ଦରକାର । ପୂର୍ବ ଲଦାଖର ସମସ୍ତ ହଟସ୍ପଟ ଏରିଆରେ ଭାରତୀୟ ଜବାନ ନିୟୋଜିତ ଅଛନ୍ତି । ଯେ ପର୍ଯ୍ୟନ୍ତ ଏଲଏସିରେ ପୂର୍ବାବସ୍ଥା ନ ଫେରିଛି ସେ ଯାଏଁ ସୁରକ୍ଷାବଳ ସ୍ଥିତି ଉପରେ ନଜର ରହିବ ବୋଲି ସେନା ମୁଖ୍ୟ କହିଛନ୍ତି ।

# ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ପକ୍ଷରୁ ବଜେଟ ସମ୍ବନ୍ଧୀୟ ଆଲୋଚନାଚକ୍ର

ଖୋର୍ଦ୍ଧା, ୧୮/୦୩ (ନି.ପ୍ର): ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ମୈତ୍ରୀଭବନ ପରିସରରେ ବାଣିଜ୍ୟ ବିଭାଗ ପକ୍ଷରୁ ବଜେଟ ସମ୍ବନ୍ଧରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଉତର ଓଡିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦପ୍ରସାଦ ମହାନ୍ତି ବଜେଟ ଗୃହୀତ ହେବା ସମୟରେ କଣ ସବୁ ପ୍ରକ୍ରିୟା ଅନୁଷ୍ଠିତ ହୋଇଥାଏ ତାହା ପ୍ରାଞ୍ଜଳ ଭାବେ ବର୍ଣ୍ଣନା କରିଥିଲେ । ବଜେଟ ଦେଶର କିପରି ଆଧାର, ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ରମାଦେବୀ ବିଶ୍ୱବିଦ୍ୟାଳୟର ମୁଖ୍ୟ ତଥା ଅର୍ଥନୀତି ବିଶାରଦ ଡଃ ସାବତ କୁମାର ଡିଗଲ ୨୦୨୩-୨୪ ବଜେଟ ସମ୍ବନ୍ଧରେ ବିଭିନ୍ନ ଦୃଷ୍ଟି କୋଣରୁ ଆଲୋଚନା କରିଥିଲେ । ଏହି ଆଲୋଚନାଚକ୍ରରେ ବାଣିଜ୍ୟ ବିଭାଗର ସ୍ନାତକୋତର ଶ୍ରେଣୀ, ସମ୍ମାନ ଶ୍ରେଣୀ, ପିଏମଆଇଆର ଓ ବିବିଏ ଶ୍ରେଣୀର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । ଆଲୋଚନାଚକ୍ର ର ପ୍ରାରମ୍ଭରେ ବିଭାଗୀୟ ଅଧାପକ ଡଃ ବାମଦେବ ମିଶ୍ର ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ । ବିଭାଗୀୟ ମୁଖ୍ୟ ଅଧାପକ ଡଃ ସୁଶିଲ କୁମାର ପଟ୍ଟନାୟକ, କଲେଜ ଅଧକ୍ଷା ଡଃ ଅଜନ୍ତା ଶତପଥୀ ଏହି ବଜେଟ ସମ୍ବନ୍ଧରେ ତାଙ୍କର ଆଭିମୁଖ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାରେ ଉପକୃତ ହେଲେ ମୃତ ପୂର୍ଣ୍ଣିମାଙ୍କ ପରିବାର



ବସ୍ତା, ୧୮/୦୩ (ନି.ପ୍ର): ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ଉପକୃତ ହେଲେ ଶମ୍ଭୁନାଥଙ୍କ ପରିବାର ।ସୂଚନାରୁ ପ୍ରକାଶ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଭାରତୀୟ ଷ୍ଟେଟବ୍ୟାଙ୍କ କାଣ୍ଡ ଗାଁ ଶାଖା ରୁ ଶମ୍ଭୁନାଥ ବାରିକଙ୍କ ସ୍ତ୍ରୀ ପୂର୍ଣ୍ଣିମା ବାରିକ ଭାରତୀୟ ଷ୍ଟେଟ ବ୍ୟାଙ୍କ୍ କାଣ୍ଡ ଗାଁ ଶାଖାରେ ଗତ ବର୍ଷ ଜୁନ ମାସ ସଞ୍ଚୟ ଖାତା ଖୋଲିବା ସମୟରେ ମାତ୍ର ୩୩୦ ଟଙ୍କା ଦେଇ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତିବୀମା ଭୁକ୍ତ ଖାତା ଖୋଲିଥିଲେ । ମାତ୍ର ଏକ ମାସ ପରେ ପୂର୍ଣ୍ଣିମାଙ୍କର ଆକସ୍ମିକ ମୃତ୍ୟୁ ହୋଇଥିଲା । ପାରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିବା ବେଳେ, ରୋଗୁଣା ସ୍ୱାମୀ ଓ ପିଲା ମାନେ ଦୟନୀୟ ଅବସ୍ଥାରେ ରହୁଥିଲେ । ତେବେଗତକାଲି ବ୍ୟାଙ୍କ୍ ପକ୍ଷରୁ ଶମ୍ଭୁନାଥ ଙ୍କ ଆକାଉଣ୍ଟ ରେ ଦୁଇଲକ୍ଷ ଟଙ୍କାର ବୀମା ରାସି ଜମା କରାଯାଇଛି ବୋଲି ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାର ଶାଖା ପରିଚାଳକ ସେକ ସାମି ଉଲ୍ଲା ସୂଚନା ଦେବା ସହିତ ଶମ୍ଭୁ ନାଥକୁ ବ୍ୟାଙ୍କକୁ ଡାକି ଅବଗତ କରିଥିଲେ । ତେବେ ଏହା ପ୍ରଥମ ଘଟଣା ନୁହଁ ପୂର୍ବରୁ ଅନେକ ବିମା ଭୁକ୍ତ ହିତାଧିକାରୀ ଙ୍କୁ ବିମା ରାସି ଯୋଗାଇ ଦେଇ ଉଦାହରଣ ସୃଷ୍ଟି କରିବା ସହିତ ଏହି ଯୋଜନାର ସୁବିଧା ସୁଯୋଗ ନେବାକୁ ସମସ୍ତ ବ୍ୟାଙ୍କ୍ ଗ୍ରାହକଙ୍କୁ ନିବେଦନ କରିଛନ୍ତି ମ୍ୟାନେଜର ଶ୍ରୀଯୁକ୍ତ ଉଲ୍ଲା ।

ରବିବାର, ମାର୍ଚ୍ଚ ୧୯, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ୨୭ଲକ୍ଷ ଟଙ୍କାର ଧଳା ଜହର : ବାଇକ୍ ସହ ଜଣେ ଗିରଫ

ଜଳେଶ୍ୱର, ୧୮/୦୩ (ନି.ପ୍ର): ପଶ୍ଚିମବଂଗରୁ ଓଡିଶାକୁ ଆସୁଥିବା ବିପୁଳ ବ୍ରାଉନ୍‌ସୁଗର ଧରିବାରେ ବାଲେଶ୍ୱର ପୁଲିସ୍ ସମର୍ଥ ହେଉଛି । ଗତ ୬ ମାସରେ ୯ଟି ମାମଲାରୁ ସାଢେ ୧୧ କୋଟି ଟଙ୍କାର ଧଳା ଜହର ଜବତ୍ କରିଛି । ଗତ ଶୁକ୍ରବାର ଅପରାହ୍ନରେ ଜଣେ ବଡ ଧଳାଜହର ବ୍ୟବସାୟୀ ଠାରୁ ୨୭୫ ଗ୍ରାମର ଧଳା ଜହର, ୧ଲକ୍ଷ୨୩ହଜାର୬୦୦ ଟଙ୍କାର ନଗଦ ଟଙ୍କା ସହିତ ଏକ ବାଇକ୍ ଜବତ୍ କରିବାରେ ପୁଲିସ୍ ସକ୍ଷମ ହୋଇଛି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସାଗରିକା ନାଥ ପ୍ରକାଶ କରିଛନ୍ତି । ଏକ ଗୁପ୍ତ ସୂଚନା ଅନୁଯାୟୀ ଜଳେଶ୍ୱର ପୁଲିସ୍ ପଶ୍ଚିମବଂଗ ଓ ଓଡିଶା ଉପାନ୍ତ ରାସ୍ତା ଅଗ୍ରୱାଲା ଛକଠାରେ ଛକି ଥିବା ବେଳେ ଜଳେଶ୍ୱର ଥାନା ଅନ୍ତର୍ଗତ ପଥରପୁରା ଗାଁର ଜଣେ ୩୬ ବର୍ଷୀୟ ଯୁବକ ବାଇକ୍‌ରେ ଫେରୁଥିବା ବେଳେ ପୁଲିସ ଜବତ୍ କରିବାରେ ସକ୍ଷମ ହୋଇଥିଲା । କୃଷ୍ଣନଗରସ୍ଥିତ ଅନୁକୂଳ ମନ୍ଦିରଠାରେ ଓଆର୍-୦୫-ଏଜେ-୭୧୬୬ ବଜାଜ୍ କଳା ପଲସରରେ ଯୁବକ ଜଣକ ଆସୁଥିବାର ଦେଖି ପୁଲିସ୍ ଚଢାଉ କରି ୨୭୫ ଗ୍ରାମର ବ୍ରାଉନ୍‌ସୁଗର ଜବତ୍ କରିଛି । ଯାହାର ଆନୁମାନିକ ମୂଲ୍ୟ ସାଢେ ୨୭ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି । କଳା ରଂଗର ଏକ ମନିପର୍ସରୁ ଆଧାରକାର୍ଡ ଓ ୧୨୩୬୦୦ ଟଙ୍କା ମିଳିଥିବା ବେଳେ କେତେକ ପାସ୍‌ବୁକ୍, ଚେକ୍‌ବହି ଓ ଏଟିଏମ କାର୍ଡ ଜବତ୍ କରାଯାଇଛି । ବ୍ୟକ୍ତିଜଣକ ଗତ ୧୦-୨-୨୩ରେ ୧୭ଗ୍ରାମ ବ୍ରାଉନ୍‌ସୁଗର ଆଣିବାବେଳେ ୫୬/୨୩ ମାମଲା ରୁଜୁ ହୋଇଥିଲା । ସେହିପରି ୩-୭-୨୧ରେ ୧୮ ଗ୍ରାମ ବ୍ରାଉନ୍‌ସୁଗର ଜବତ୍ କରି ପୁଲିସ୍ ମାମଲା ନଂ ୨୨୮/୨୩ ଓ ୨୦୯/୧୭, ୧୬୦/୨୦୨୦ ତଥା ୩୬୫/୨୦୨୦ ମାମଲା ତା ନାମରେ ଥିବା ସଂପର୍କରେ ପୁଲିସ୍ ଏସ୍‌ପି ସୂଚନା ଦେଇଛନ୍ତି । ପୂର୍ବରୁ ଅଳ୍ପ ବ୍ରାଉନ୍‌ସୁଗର ପଶ୍ଚିମବଂଗରୁ ଆଣି ବିକ୍ରି କରୁଥିବା ବେଳେ ଅଧିକ ବ୍ରାଉନ୍‌ସୁଗର ବିକ୍ରି କରୁଥିବା ଜାଣି ପୁଲିସ୍ ତା ଉପରେ ନଜର ରଖିଥିଲା । ବାଲେଶ୍ୱର ଜିଲାରେ ଗତ ୬ ମାସ ମଧ୍ୟରେ ଜଳେଶ୍ୱର ଥାନାର ୫ଟି ଓ ସହଦେବଖୁଣ୍ଟାର ୪ଟି ବ୍ରାଉନ୍‌ସୁଗର ମାମଲାରେ ୨୨ଜଣଙ୍କୁ ଗିରଫ କରିଥିବା ବେଳେ ସାଢେ ୧୧ କିଲୋ ଜବତ୍ କରିଛି ।

## ମଧ୍ୟପ୍ରଦେଶର ମହିଳା ସାଇକେଲ ଅଭିଯାତ୍ରୀଙ୍କୁ ସ୍ୱାଗତ

ବାଲେଶ୍ୱର, ୧୮/୦୩ (ନି.ପ୍ର): ମହିଳା ସଶକ୍ତୀକରଣ, ସୁରକ୍ଷା ଓ ପର୍ଯ୍ୟଟନ କ୍ଷେତ୍ରରେ ମହିଳାଙ୍କର ଅଧିକ ସମ୍ପୃକ୍ତି ଉପରେ ସଚେତନତା ସୃଷ୍ଟି ନେଇ ଦେଶ ପରିକ୍ରମା କରୁଥିବା ମଧ୍ୟପ୍ରଦେଶର ମହିଳା ସାଇକେଲ ଅଭିଯାତ୍ରୀ ସୁଶ୍ରୀ ଆଶା ମାଲବ୍ୟଙ୍କୁ ବାଲେଶ୍ୱରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି । ମଧ୍ୟପ୍ରଦେଶ ରାଜଗଡ଼ ଜିଲାର ଅଧିବାସୀ ସୁଶ୍ରୀ ମାଲବ୍ୟ ରାଜ୍ୟର ପ୍ରତିଷ୍ଠା ଦିବସ ଅବସରରେ ସେଠାକାର ପର୍ଯ୍ୟଟନ ବିଭାଗ ପ୍ରୋତ୍ସାହନରେ ଗତ ନଭେମ୍ବର ୧ ତାରିଖରେ ରାଜଧାନୀ ଭୋପାଳରୁ ଏହି ସଚେତନତା ଯାତ୍ରା ଆରମ୍ଭ କରିଥିଲେ । ଅଦ୍ୟାବଧି ୧୦ଟି ରାଜ୍ୟର ୧୦,୪୧୦ କିଲୋମିଟର ଅତିକ୍ରମ କରି ସମ୍ପ୍ରତି ଓଡ଼ିଶାରେ ହଞ୍ଚିଛନ୍ତି । ଯାଜପୁର ଓ ଭଦ୍ରକ ଜିଲା ଅତିକ୍ରମ ପରେ ସେ ଗତ କାଲି ରାତିରେ ବାଲେଶ୍ୱରରେ ପହଞ୍ଚିଥିଲେ । ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ସୁଶ୍ରୀ ମାଲଭିୟଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ସଚେତନତା ଯାତ୍ରାର ଉପଲବ୍ଧି ସମ୍ପର୍କରେ ଆଲୋଚନା କରିଥିଲେ । ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସ୍ୱାଗତ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ମଧ୍ୟ ସୁଶ୍ରୀ ମାଲଭିୟଙ୍କୁ ସ୍ୱାଗତ କରିବା ସହ ତାଙ୍କର ସଫଳ ଯାତ୍ରା କାମନା କରିଥିଲେ ।

## ଜୀବେ ନିଷ୍ଠୁରତା ନିରୋଧ ଆଇନ ସଚେତନତା ବୈଠକ



ବାଲେଶ୍ୱର, ୧୮/୦୩ (ନି.ପ୍ର): ଜିଲ୍ଲା ଜୀବେ ନିଷ୍ଠୁରତା ନିରୋଧ ସମିତିର ବାର୍ଷିକ ସାଧାରଣ ସଭା ଓ ନିଷ୍ଠୁରତା ଆଇନ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ଜିଲା ପ୍ରାଣୀଧନ କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଏହି ବୈଠକରେ ସମିତିର ଅଧକ୍ଷ ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଅଧ୍ୟକ୍ଷତା ସହ ପ୍ରାଣୀଧନ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସମିତି ଉପାଧକ୍ଷ ବାଲେଶ୍ୱର ଏସପି ସାଗରିକା ନାଥ ଏଥିରେ ଯୋଗଦେଇ ପ୍ରାଣୀଧନ ସୁରକ୍ଷା ନେଇ ପ୍ରଣୀତ ଆଇନ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥିଲେ । ଜୀବେ ନିଷ୍ଠୁରତା ନିରୋଧ ସମିତିର ଅବୈତନିକ ସମ୍ପାଦକ ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡାକ୍ତର ବନମାଳି ସାହୁ ବୈଠକ ପରିଚାଳନା କରିଥିଲେ । ବାଲେଶ୍ୱର ଉପଜିଲାପାଳ କୁନାଲ ଚୌହ୍ୱାନ ମୋତିରାମ ଏଥିରେ ଯୋଗଦେଇ ବୁଲା ଗାଈ ଗୋରୁଙ୍କୁ ଗୋଶାଳା ପହଞ୍ଚାଇବା ପାଇଁ ପୌରପାଳିକା ପକ୍ଷରୁ ଗାଡ଼ି, କର୍ମଚାରୀ ଓ ଅନ୍ୟାନ୍ୟ ବ୍ୟବସ୍ଥା କରାଯିବ ବୋଲି କହିଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମିରଞ୍ଜିତ ଦଳବେହେରା, ଓ ଜିଲା ପଞ୍ଚାୟତ ଅଧିକାରୀ ଏଥିରେ ଉପସ୍ଥିତ ଥିଲେ । ସମିତିର ସଭ୍ୟ ମନୋରଞ୍ଜନ ପତି, ସୋର ଗୋଶାଳାର ସମ୍ପାଦକ ଉମ୍ବରୁଧର ନାୟକ, ମା ତାରିଣୀ ଗୋଶାଳା ସମ୍ପାଦକ ଜିତେନ୍ଦ୍ର ସ୍ୱାଇଁ ଏବଂ ସମିତିର ନିରୀକ୍ଷକ ଧ୍ରୁବ ନାରାୟଣ ପଣ୍ଡା ପ୍ରମୁଖ ଏଥିରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜିଲା ପ୍ରାଣୀ ଚିକିତ୍ସାଳୟ ଉପ-ନିର୍ଦ୍ଦେଶକ ଡାକ୍ତର ସଦାଶିବ ମହାପାତ୍ର ଜୀବେ ନିଷ୍ଠୁରତା ନିରାକରଣ ଆଇନ ସମ୍ପର୍କରେ ପାୱାର ପଏଣ୍ଟରେ ତଥ୍ୟ ଉପସ୍ଥାପନ କରିଥିଲେ । ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଅଜିତ କୁମାର ସାମଲ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦଦରାଶୋଳରେ ସ୍ୱେଚ୍ଛାସେବୀ ତାଲିମ ଶିବିର




ଉଦଳା, ୧୮/୦୩ (ନି.ପ୍ର): ଖୁଂଟା ବ୍ଲକ ଅନ୍ତର୍ଗତ ଦଦରାଶୋଳ ଗ୍ରାମରେ ଚଳିତ ମାର୍ଚ୍ଚ ୧୭ ଓ ୧୮ ତାରିଖ ୨ ଦିନ ଧରି ସ୍ୱେଚ୍ଛାସେବୀ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଜନଜାଗୃତି ମଂଚର ଆୟୋଜନରେ ଏହି ଶିବିର ପରିଚାଳିତ ହେଉଥିବା ବେଳେ ୫୦ରୁ ଉର୍ଦ୍ଧ ସ୍ୱେଚ୍ଛାସେବୀ ଏଥିରେ ତାଲିମ ନେଇଛନ୍ତି । ମଂଚର ସଦସ୍ୟା ଆରତି ଖଣ୍ଡାପାତ୍ର ଶିବିର ପରିଚାଳନାର ନେତୃତ୍ୱ ନେଇଥିବା ବେଳେ ପ୍ରଶିକ୍ଷକ ଭାବରେ ମଂଚର ଟିମ ଲିଡ଼ର ଗଦାଧର ଦାଶ, ଓଡ଼ିଶା ଶ୍ରମଜୀବି ମଂଚର ସ୍ୱେଚ୍ଛାସେବୀ ପଂଚାନନ ପ୍ରଧାନ ପ୍ରମୁଖ ଯୋଗ ଦେଇ କର୍ତବ୍ୟ ଓ ଅଧିକାର, ମନରେଗା, ବିଜୁ ସ୍ୱାସ୍ଥ୍ୟ କାର୍ଡ଼ , ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସାମାଜିକ ସୁରକ୍ଷା ଇତ୍ୟାଦି ବିଷୟରେ ତାଲିମ ପ୍ରଦାନ କରିଛନ୍ତି । ବିଭିନ୍ନ ଜିଲ୍ଲାରୁ ସମଗ୍ର ଓଡ଼ିଶାରେ ୧୦ହଜାର ଯୁବକ/ ଯୁବତୀଙ୍କୁ ବିଭିନ୍ନ ବିଷୟରେ ତାଲିମ ପ୍ରଦାନ କରି ଦେଶ ଗଠନରେ ନିୟୋଜିତ କରିବାକୁ ପ୍ରସ୍ତୁତି ପର୍ବ ଚାଲିଥିବାର ଜଣାଯାଇଛି । ଉକ୍ତ ଶିବିରକୁ ସଫଳ କରିବାରେ ଭାରତୀ ଖଣ୍ଡାପାତ୍ର, ସୁବ୍ରତ କୁମାର ମହାନ୍ତି ଓ ରବିନ୍ଦ୍ର ଖଣ୍ଡେଇ ପ୍ରମୁଖ ସହଯୋଗ କରିଛନ୍ତି ।

## ମାଟ୍ରିକ ପରୀକ୍ଷାର୍ଥୀ ଅନୁପସ୍ଥିତ ପ୍ରସଙ୍ଗ : ବିକ୍ଷୋଭ ପ୍ରଦର୍ଶନ ସହ ବିଭାଗୀୟ ମନ୍ତ୍ରୀଙ୍କର କୁଶପୁତ୍ତଳା ଦାହ କଲା ଏବିଭିପି




ଭଦ୍ରକ, ୧୮/୦୩ (ନି.ପ୍ର): ମାଟ୍ରିକ ପରୀକ୍ଷାରେ ହଜାରହଜାର ଛାତ୍ରଛାତ୍ରୀଙ୍କ ଅନୁପସ୍ଥିତ ରହିବା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ । ଚଳିତ ବର୍ଷ ୧୫ ହଜାରରୁ ଅଧିକ ବିଦ୍ୟାର୍ଥୀ ଅନୁପସ୍ଥିତ ରହିବା ଶିକ୍ଷା ବ୍ୟବସ୍ଥାର ବିପର୍ଯ୍ୟୟ ବୋଲି ଏବିଭିପି, ଭଦ୍ରକ ଜିଲ୍ଲା ସଂଯୋଜକ ସ୍ୱାଧୀନ ସୁନ୍ଦର ଦାସ ଆଜି ଗଣମାଧମକୁ କହିଛନ୍ତି । ଏହି ପ୍ରସଙ୍ଗରେ ଏବିଭିପି, ଭଦ୍ରକ ନଗର ପକ୍ଷରୁ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ମୁଖ୍ୟ ଫାଟକ ସାମନାରେ ଏକ ବିକ୍ଷୋଭ ପ୍ରଦର୍ଶନ ସହ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସଙ୍କ କୁଶ ପୁତ୍ତଳା ଦାହ କରାଯାଇଛି । ରାଜ୍ୟରେ ଦିନକୁ ଦିନ ବୃଦ୍ଧି ପାଉଥିବା ନାବାଳିକା ବିବାହ, ଶିଶୁ, ଦାଦନ ଶ୍ରମିକ ସମସ୍ୟା ଏବଂ ଗରିବ ପରିବାରର ପିଲାମାନେ ଶିକ୍ଷା ପ୍ରାପ୍ତର ସମସ୍ୟା ସୃଷ୍ଟି ହେବା ରାଜ୍ୟ ସରକାରଙ୍କର ଅପାରଗତା ବୋଲି ଛାତ୍ରନେତା ମାନେ ପ୍ରକାଶ କରିଛନ୍ତି । ରାଜ୍ୟର ଶିକ୍ଷା ସମସ୍ୟା ଉପରେ ବିଭାଗୀୟ ମନ୍ତ୍ରୀ ଏବଂ ସରକାର ନିରବ ପାଲଟିବା ହାସ୍ୟାସ୍ପଦ ସଦୃଶ ଅଟେ । ମଧାହ୍ନ ଭୋଜନ ପଇସା ଏବଂ ନାମ ଲେଖା ଅର୍ଥର ହରିଲୁଟ ଚାଲିଛି । ଶିକ୍ଷାର ଘରୋଇ କରଣ ଦିନକୁ ଦିନ ବୃଦ୍ଧି ପାଇବା ଦ୍ୱାରା ସରକାରୀ ସ୍କୁଲର ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଲାଣି, ଯାହାକୁ ନେଇ ଏବିଭିପି ଉଦବେଗ ପ୍ରକାଶ କରିଛି । ଆଜିର ବିକ୍ଷୋଭ ପ୍ରଦର୍ଶନରେ ଏବିଭିପି ନଗର ସମ୍ପାଦକ ବିଶ୍ୱନାଥ ସୋନୁ ଲାହାଙ୍କ ନେତୃତ୍ୱରେ ବହୁ ଛାତ୍ରନେତା ମାନେ ଉପସ୍ଥିତ ରହି ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ସହ ସଂଯୋଜକ ଜ୍ୟୋତି ପ୍ରକାଶ ସାହୁ, ନଗର ଉପ ସଭାପତି ଇନ୍ଦ୍ରଜିତ ଦାସ, ଦେବାଶିଷ ଲାହା, ସହ ସମ୍ପାଦକ ରାହୁଲ ଦେବ ସାହୁ, ଶୁଭମ ରାଉତ, ଆୟୁଷ ପାଣିଗ୍ରାହୀ, ଆଲୋକ ଦାସ, ଓଁକାର ମହାନ୍ତି, ସଂଗ୍ରାମ ମହାନ୍ତି, ଦୁର୍ଗା ଶଙ୍କର ଜେନା, ସତ୍ୟ ପ୍ରକାଶ ମହାରଣା, ମିଥୁନ ପତି, ଶୁଭଙ୍କର ମହାରଣା ପ୍ରମୁଖ ସାମିଲ ହୋଇଥିଲେ ।

## ମାଙ୍କଡ଼ା ପଥର ଖଣିରେ ଚଢ଼ାଉ, ୪ଟ୍ରକ, ୧ଜେସିବି ଜବତ

ଖୋର୍ଦ୍ଧା, ୧୮/୦୩ (ନି.ପ୍ର): ଚୋରା ମାଙ୍କଡ଼ା ପଥର ଚାଲାଣରେ ରୋକ ଲଗାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ତହସିଲ ଅଂଚଳରେ ଚଢ଼ାଉ କରାଯାଉଛି । ତେବେ ଶନିବାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଶରଧାପୁର ଅଂଚଳରେ ଚାଲିଥିବା ବେଆଇନ ମାଙ୍କଡା ଖଣିରେ ଚଢ଼ାଉ କରାଯାଇ ୪ଟି ଟ୍ରକ ଓ ଗୋଟିଏ ଜେସିବ ଜବତ କରାଯାଇଛି ।

## ରାତ୍ରୀକାଳିନ କ୍ରିକେଟ ଟୁର୍ଣ୍ଣାମେଂଟ ଅନୁଷ୍ଠିତ, ନୀଳଗିରି ଚମ୍ପିଆନ

ନୀଳଗିରି, ୧୮/୦୩ (ନି.ପ୍ର): ନୀଳଗିରି ବ୍ଲକର ଗରଡିହି ପଂଚାୟତର କଳାକାଦ ଖେଳପଡ଼ିଆରେ ରାତ୍ରୀକାଳିନ ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଯାଇଅଛି । ମୁଖ୍ୟ ଅତିଥି ଭାବେ ବିଜୁ ଯୁବ ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ମୁଖ୍ୟବକ୍ତାଭାବେ , ମୁଖ୍ୟବକ୍ତାଭାବେ ଶିଶିର ମହାପାତ୍ର ଫାଉଣ୍ଡେସନର ପ୍ରତିଷ୍ଠାତା ସବ୍ୟସାଚୀ ମହାପାତ୍ର (ଟୁବ୍ଲୁ) , ସମ୍ମାନିତ ଅତିଥି ଭାବେ ବିଶ୍ୱମ୍ଭର ସ ଏବଂ ଚୈତନ୍ୟ ନାୟକ ମଂଚାସୀନ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ । ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତାଙ୍କୁ ଅନୁଷ୍ଠାନର ଯୁବଗୋଷ୍ଠୀ ବିରାଟ ପଟୁଆରରେ ପ୍ରସେନ କରାଇ ଖେଳ ପଡ଼ିଆକୁ ପାଛୋଟି ନେଇଥିଲେ । ପରେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଫିତାକାଟି ବ୍ୟାଟିଂ କରି ଖେଳକୁ ଶୁଭାରମ୍ଭ କରିଥିଲେ । ରାତ୍ରୀକାଳିନ ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଂଟରେ ମୋଟ ୮ଟି ଟିମ୍ ଅଂଶ ଗ୍ରହଣ କରିଥିବା ବେଳେ ନୀଳଗିରି ଟିମ୍ ଚମ୍ପିଆନ ହୋଇଥିଲା । ସିନ୍ଦୁରଗୌରା ଟିମ୍ ରନସ ଅପ ହୋଇଥିଲା । ଚମ୍ପିଆନ ଦଳକୁ ୧୦ହଜାର ଟଙ୍କା ଓ ଟ୍ରଫି ଏବଂ ରନସଅପ୍ ଟିମ୍ ପାଂଚ ହଜାର ଓ ଟ୍ରଫି ପ୍ରଦାନ କରାଯାଇଛି । ରମେଶ ନାୟକ ମଂଚ ପରିଚାଳନା କରିଥିବା ବେଳେ କମିଟିର ସଦସ୍ୟ ଚିନୁ, ବୁବୁଲୁ, ଝୁନୁ, ପୁଚୁ, କାର୍ତିକ, ବିଶ୍ୱଜିତ୍ ପାପୁଆ, ଚିକୁନୁ, ଭିକୁ, ପ୍ରମୁଖ ସହଯୋଗ କରିଥିଲେ ।




## ବିଶ୍ୱର ସର୍ବୋତ୍କୃଷ୍ଟ ସ୍ଥାନ ତାଲିକାରେ ମୟୂରଭଂଜ

ବାରିପଦା, ୧୮/୦୩ (ନି.ପ୍ର): ବିଶ୍ୱର ସମ୍ମାନ ଜନକ ତଥା ପ୍ରମୁଖ ଟାଇମ ମାଗାଜିନରେ ପ୍ରକାଶିତ ବିଶ୍ୱର ସର୍ବୋତ୍କୃଷ୍ଟ ସ୍ଥାନ-୨୦୨୩ ତାଲିକାରେ ମୟୂରଭଂଜ ସ୍ଥାନ ପାଇଛି । ମାଗାଜିନ ଦ୍ୱାରା ପ୍ରକାଶିତ ଏହି ରିପୋର୍ଟରେ ବେଲଗଡ଼ିଆ ରାଜପ୍ରସାଦ, ଶିମିଳିପାଳ ଅଭୟାରଣ୍ୟ ପରିଭ୍ରମଣ ଓ ଏହାର କଳାବାଘ, ଏସିଆନ ହାତୀ, ଐତିହାସିକ ମନ୍ଦିର, ମୟୂରଭଂଜ ଛଉ ନୃତ୍ୟ, ହସ୍ତତନ୍ତ ଡକରା ଓ ସବାଇ ହସ୍ତଶିଳ୍ପ ଇତ୍ୟାଦି ବିଷୟରେ ଉଲ୍ଲେଖ ରହିଛି । ମୟୂରଭଂଜ ରାଜକୁମାରୀ ଅକ୍ଷିତା ମଂଜରୀ ଭଂଜଦେଓ ଏହି ଖୁସି ଖବର ଟ୍ୱିଟ ମାଧ୍ୟମରେ ଜଣାଇ ଖୁସି ପ୍ରକାଶ କରିଛନ୍ତି । ଏହାଦ୍ୱାରା ଆଗାମୀ ଦିନରେ ମୟୂରଭଂଜକୁ ବିଶ୍ୱରୁ ବହୁ ବିଦେଶୀ ପର୍ଯ୍ୟଟକ ଆସିବା ସମ୍ଭାବନା ସୃଷ୍ଟି ହୋଇଛି । ଯାହାକି ପରୋକ୍ଷରେ ଜିଲ୍ଲାରେ ଅନେକ ରୋଜଗାର ସୃଷ୍ଟି ସହିତ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ । ପ୍ରକାଶଥାଉ କି, ଏଥିପୂର୍ବରୁ ରାଜପରିବାରଙ୍କ ପ୍ରଚେଷ୍ଟାରେ ବହୁ ଜାତୀୟ ଅନ୍ତର୍ଜାତୀୟ ପତ୍ର ପତ୍ରିକାରେ କଳା, ସଂସ୍କୃତି, ହସ୍ତଶିଳ୍ପ ଓ ପର୍ଯ୍ୟଟନ ସମ୍ପର୍କରେ ଲେଖାମାନ ପ୍ରକାଶ ପାଇବା ପରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଛି ।

## ମ୍ୟାଟ୍ରିକ୍ ପରୀକ୍ଷାର୍ଥୀ ଦୁର୍ଘଟଣା ଗ୍ରସ୍ତ : ୫ ଆହତ

ଜଳେଶ୍ୱର, ୧୮/୩(ନି.ପ୍ର): ଆଜି ଜଳେଶ୍ୱରର ନିଗମାନନ୍ଦ ହାଇସ୍କୁଲରେ ମ୍ୟାଟ୍ରିକ୍ ପରୀକ୍ଷା ସାରି ସରସ୍ୱତୀ ଶିଶୁ ମନ୍ଦିରର କେତେକ ପିଲା ଏକ ଟେମ୍ପୋରେ ଫେରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଟେମ୍ପୋଟି ୨ଜଣ ପଥାଚାରୀଙ୍କୁ ରକ୍ଷା କରିବାକୁ ଯାଇ ଏକ ପାଚେରୀରେ ବାଡେଇ ଯାଇଥିଲା । ଫଳରେ ୫ଜଣ ପରୀକ୍ଷାର୍ଥୀ ଆହତ ହୋଇ ଜିକେ ଭଟ୍ଟର ହସ୍‌ପିଟାଲରେ ଚିକିତ୍ସିତ ହୋଇଛନ୍ତି । ପ୍ରାଥମିକ ଚିକିତ୍ସାପରେ ସେମାନେ ଘରକୁ ଫେରିଥିବା ବେଳେ ଦୁର୍ଘଟଣାଗ୍ରସ୍ତ ପଥାଚାରୀ ମନ୍ଦାକିନୀ ଦାସ (୬୦) ଚିକିତ୍ସିତ ହୋଇଛନ୍ତି । ଖବର ପ୍ରଚାରିତ ହେବାପରେ କେତେକ ଅଭିଭାବକ ଡାକ୍ତରଖାନା ଆସିଥିବା ଦେଖିବାକୁ ମିଳିଛି ।

## ବଜ୍ରାଘାତରେ ୧୩ ଗୋରୁ ମୃତ, ୧୨ରୁ ଅଧିକ ଗୁରୁତର

ନୀଳଗିରି, ୧୮/୩(ନି.ପ୍ର): ନିଳଗିରି ବ୍ଲକ ପ୍ରତାପପୁର ଠାରେ ବଜ୍ରାଘାତରେ ୧୩ଟି ଗୋରୁ ମୃତ୍ୟୁବରଣ କରିଥିବା ବେଳେ ୧୨ ଗୋରୁ ଗୁରୁତର ହୋଇଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ, ଅଯୋଧ୍ୟା ପଞ୍ଚାୟତ ପ୍ରତାପପୁର ଠାରେ ଆଜି ଅପରାହ୍ନ ୪ଟା ସମୟରେ ହଠାତ୍ ବଜ୍ରାଘାତ ସହ ବର୍ଷା ହୋଇଥିଲା । ସେହିଠାରେ ଥିବା ଏକ ଅବ୍ୟହୃତ ଘରେ ୨୫ରୁ ଅଧିକ ଗୋରୁ ରହିଥିଲେ । ବଜ୍ରାଘାତ ସମୟରେ ସମସ୍ତେ ଟଳିପଡ଼ିଥିଲେ । ବର୍ଷା ଛାଡ଼ିବାରୁ ଗ୍ରାମବାସୀ ଯାଇ ଦେଖିବା ପରେ ପଶୁଚିକିତ୍ସା ଅଧିକାରୀଙ୍କୁ ଡକାଇଥିଲେ । ହେଲେ ୧୩ଟି ଗୋରୁ ମୃତ୍ୟୁବରଣ କରିଥିବା ବେଳେ ୧୨ଟି ଗୁରୁତର ଥିବା ଜଣାପଡ଼ିଛି । ଏଭଳି ଅଘଟଣ ଦେଖି ଅଞ୍ଚଳବାସୀ ସ୍ତବ୍ଧ ହୋଇଛନ୍ତି ।

ଶ୍ରୀଧର ସ୍ୱାମୀ ଗୁରୁକୁଳ ଶିକ୍ଷାକେନ୍ଦ୍ର
ମୟୁରଗ୍ରାମ, ବାଲେଶ୍ୱର
ଶିକ୍ଷାବର୍ଷ-୨୦୨୩-୨୪
NOC No-SSGSKMR/371/2020
UDISE CODE-21080900781
ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଏହି ଅନୁଷ୍ଠାନରେ ଶ୍ରେଣୀ କେ.ଜି.-୧ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ଚାଲୁଅଛି । ଓଡ଼ିଶା ସରକାରଙ୍କର RTE Act ଅନୁଯାୟୀ ୨୫% ଆସନ ଆର୍ଥିକ ଅନଗ୍ରସର, ଦିବ୍ୟାଙ୍ଗ ଓ ଅନୁସୂଚୀତ ଜାତି ଓ ଜନଜାତିର ଛାତ୍ରଛାତ୍ରୀମାନଙ୍କୁ ମାଗଣା ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ । ଯେଉଁମାନଙ୍କର ବାସସ୍ଥାନ ବିଦ୍ୟାଳୟରୁ ୧ କି.ମି ଦୂରତା ମଧ୍ୟରେ ହୋଇଥିବ ଉକ୍ତ ପିଲାମାନଙ୍କ ପାଇଁ ନମେଲେଖା ଫର୍ମ ବିମା ମୂଲ୍ୟରେ ପ୍ରାପ୍ତ ହୋଇପାରିବ । ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ଛାତ୍ରଛାତ୍ରୀମାନେ ଉକ୍ତ ସୁବିଧା ପାଇପାରିବେ ।
ପ୍ରଧାନ ଶିକ୍ଷକ
ଶ୍ରୀଧର ସ୍ୱାମୀ ଗୁରୁକୁଳ ଶିକ୍ଷାକେନ୍ଦ୍ର
ମୟୁରଗ୍ରାମ, ବାଲେଶ୍ୱର
Mob - 7735648744, 9861340413

ବୀଣାପାଣି ଶିଶୁ ମନ୍ଦିର
ପୋଡାଡିହା, ରୂପସା, ବାଲେଶ୍ୱର
ଶିକ୍ଷାବର୍ଷ-୨୦୨୩-୨୪
UDISE CODE-21081014081
ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଏହି ଅନୁଷ୍ଠାନରେ ଶ୍ରେଣୀ Nursery ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ଚାଲୁଅଛି । ଓଡ଼ିଶା ସରକାରଙ୍କର RTE Act ଅନୁଯାୟୀ ୨୫% ଆସନ ଆର୍ଥିକ ଅନଗ୍ରସର, ଦିବ୍ୟାଙ୍ଗ ଓ ଅନୁସୂଚୀତ ଜାତି ଓ ଜନଜାତିର ଛାତ୍ରଛାତ୍ରୀମାନଙ୍କୁ ମାଗଣା ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ । ଯେଉଁମାନଙ୍କର ବାସସ୍ଥାନ ବିଦ୍ୟାଳୟରୁ ୧ କି.ମି ଦୂରତା ମଧ୍ୟରେ ହୋଇଥିବ ଉକ୍ତ ପିଲାମାନଙ୍କ ପାଇଁ ନମେଲେଖା ଫର୍ମ ବିମା ମୂଲ୍ୟରେ ପ୍ରାପ୍ତ ହୋଇପାରିବ । ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ଛାତ୍ରଛାତ୍ରୀମାନେ ଉକ୍ତ ସୁବିଧା ପାଇପାରିବେ ।
ପ୍ରଧାନ ଶିକ୍ଷକ
ବୀଣାପାଣି ଶିଶୁ ମନ୍ଦିର
ପୋଡାଡିହା, ରୂପସା, ବାଲେଶ୍ୱର
ବୀଣାପାଣି ଶିଶୁ ମନ୍ଦିରର ବିଦ୍ୟାଳୟରେ ଗୁରୁଜୀ, ଗୁରୁମା ଆବଶ୍ୟକ ।
ଯୋଗାଯୋଗ କରନ୍ତୁ : 9337671226, 9937584826

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo